R.N.I. REGN. No. 65000/96 POSTAL REGN. No. OR/BN-32/12-14

14 October 2025, Tuesday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୦
ତିଥି : ଅଷ୍ଟମୀ
୧୪ ଅକ୍ଟୋବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

### ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଘଟଣା

## ଆଉ ଦୁଇ ଅଭିଯୁକ୍ତ ଗିରଫ




କୋଲକାତା, ୧୩।୧୦ : ଦୁର୍ଗାପୁରରେ ଓଡିଆ ଛାତ୍ରୀଙ୍କୁ ହୋଇଥିବା ଗଣବଳାତ୍କାର ଘଟଣାରେ ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସବୁ ଅଭିଯୁକ୍ତ ପୋଲିସ ହେପାଜତରେ ଅଛନ୍ତି। ସେମାନଙ୍କୁ ୧୦ ଦିନ ପାଇଁ ରିମାଣ୍ଡରେ ନିଆଯାଇଥିବା ଆସାନସୋଲ -ଦୁର୍ଗାପୁର ପୋଲିସ କମିସନରେଟର ଡିସିପି ସୂଚନା ଦେଇଛନ୍ତି।

ଡିସିପି କହିଛନ୍ତି ଯେ ପୀଡିତାର ବୟାନ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ

- ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭେଟିଲେ ପୀଡିତାଙ୍କୁ
- ପୀଡିତାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ସମ୍ପୃକ୍ତ ଛାତ୍ରୀ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳର ଗତ ୧୦ ତାରିଖ ଶୁକ୍ରବାର ରାତିରେ ସେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ରାତ୍ରୀ ଭୋଜନ ପାଇଁ କଲେଜ କ୍ୟାମ୍ପସ୍ ବାହାରକୁ ଯାଇଥିବା ବେଳେ ଏଭଳି ଘଟଣା ଘଟିଲା। ପୋଲିସର କହିବା ଅନୁଯାୟୀ ଛାତ୍ରୀ ଜଣଙ୍କ ପ୍ରାରମ୍ଭିକ ଭାବେ ୩ ରୁ ୪ ଧାଡିର ଏକ ଲିଖିତ ବୟାନ କଲେଜ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, କଲେଜ କ୍ୟାମ୍ପସ୍ ବାହାରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଆସୁଥିବା ବେଳେ କିଛି ଲୋକ ଘେରିଯାଇ ଅଶାଳିନ ବ୍ୟବହାର କରିଥିଲେ। ଏହି ଚିଠିକୁ କଲେଜ କର୍ତ୍ତୃପକ୍ଷ ପୋଲିସକୁ ଦେଇଥିଲେ। ଏହି ଆଧାରରେ ଏତଲା ରୁଜୁ କରାଯାଇ ଦତନ୍ତ ଚାଲିଛି। ପୋଲିସ କହିବା ଅନୁଯାୟୀ ଶୁକ୍ରବାର ରାତି ୮ ଟାରୁ ୮.୪୫ ମଧ୍ୟରେ ଏହି ଘଟଣା ଘଟିଛି। ଅଭିଯୁକ୍ତମାନେ ତାଙ୍କୁ ୫ ହଜାର ଟଙ୍କା ଦାବି କରିଥିଲେ ମଧ୍ୟ କୁହାଯାଉଛି। ତାଙ୍କ ପୁରୁଷ ବନ୍ଧୁ ସେଠାରେ ଥିଲେ। ଏବେ ତାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ୧୦ ଦିନ ଲାଗି ପୋଲିସ ରିମାଣ୍ଡରେ ଅଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ କୌଣସି ଅପରାଧିକୁ ଛଡାଯିବ ନାହିଁ। ଏହାଛଡା ଘରୋଇ ମେଡିକାଲ କଲେଜର (୯ ପୃଷ୍ଠାରେ)

## ଅର୍ଥନୀତିରେ ୩ ଜଣଙ୍କୁ ନୋବେଲ



ନୂଆଦିଲ୍ଲୀ, ୧୩।୧୦ : ଅର୍ଥନୀତିରେ ଉଦ୍‌ଭାବନ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଉଲ୍ଲେଖନୀୟ ଗବେଷଣା ପାଇଁ ୩ ଜଣଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ରୟାସ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ ପକ୍ଷରୁ ଆଜି ଏଥିଲାଗି ଜୋଏଲ୍ ମୋକି ଫିଲିପ୍ ଆଘିଅନ୍ ଓ ପିଟର ହାୱିଟଙ୍କ ନାମ ଘୋଷଣା କରାଯାଇଛି। ଏହି ୩ ଜଣଙ୍କ ମଧ୍ୟରୁ ଦୁଇ ଜଣ ଆମେରିକାର ହୋଇଥିବା ବେଳେ ଜଣେ ବ୍ରିଟେନ୍‌ର।

ଜୋଏଲ୍ ମୋକିର ଆମେରିକାର ଇଭାଷ୍ଟନ ସ୍ଥିତ ନର୍ଥ ୱେଷ୍ଟର୍ଣ୍ଣ ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନା କରୁଥିବା ବେଳେ ପିଟର ହାୱିଟ ଆମେରିକାର ବ୍ରାଉନ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ସେହିଭଳି ଫିଲିପ୍ ଆଘିଅନ୍ ବ୍ରିଟେନ୍‌ର ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ ପଲିଟିକାଲ ସାଇନ୍ସରେ ଅଧ୍ୟାପନା କରୁଛନ୍ତି। ଉଦ୍‌ଭାବନ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ସେମାନେ ଉଲ୍ଲେଖନୀୟ ଗବେଷଣା କରୁଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ (୯ ପୃଷ୍ଠାରେ)

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କାନାଡା ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ, ୧୩।୧୦ : କାନାଡାର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ଅନୀତା ଆନନ୍ଦ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ବୈଦେଶିକ ମନ୍ତ୍ରୀ ଆନନ୍ଦଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ତାଙ୍କର ଗସ୍ତ ଭାରତ-କାନାଡା ଦ୍ୱିପାକ୍ଷିକ ସହଯୋଗିତାକୁ ଗତି ପ୍ରଦାନ ଲାଗି ହେଉଥିବା ଉଦ୍ୟମକୁ ସହାୟତା କରିବ। ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ଜୁନ ମାସରେ ଜି୭ ଶିଖର ସମ୍ମିଳନୀ ପାଇଁ ହୋଇଥିବା ତାଙ୍କର କାନାଡା ଗସ୍ତ ଓ ସେଠାରେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ ହୋଇଥିବା ଫଳପ୍ରଦ ବୈଠକ କଥା ସ୍ମରଣ କରିଥିଲେ। ପ୍ରଧାନମନ୍ତ୍ରୀ ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗର ଗୁରୁତ୍ୱ ବିଷୟରେ କହିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ, ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ସେ ତାଙ୍କର ଆଗାମୀ ସାକ୍ଷାତ ଓ ଆଲୋଚନା ପାଇଁ ଅପେକ୍ଷା କରିଛନ୍ତି।

## ଶ୍ରୀଧରଙ୍କ ଠାରୁ ପଇଡ଼ ପିଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୩।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସହିତ ମିଶିବା, ଦୁଃଖ ସୁଖ ହେବା ଓ ସେମାନଙ୍କ ସମସ୍ୟା ଶୁଣିବାକୁ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି।

ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ ସମୟରେ ବାଟରେ କାଦୁଆ ଠାରେ ଅଟକି ଜଣେ ପଇଡ ବିକ୍ରେତା ଠାରୁ ପଇଡ କିଣି ପିଇଥିଲେ ଏବଂ ପଇଡ ବିକ୍ରେତା ଶ୍ରୀଧର ମହାପାତ୍ରଙ୍କ ସହିତ ଦୁଃଖ ସୁଖ ହୋଇଥିଲେ। କିଭଳି ବ୍ୟବସାୟ ଚାଲିଛି, କେତେବର୍ଷ ଧରି ବ୍ୟବସାୟ କଲେଣି ଓ ସରକାରୀ ସୁବିଧା ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଜଣେ ସାଧାରଣ ଗ୍ରାହକ ହିସାବରେ ନିକଟରେ ପାଇ ଶ୍ରୀଧର ଖୁସିରେ ବିଭୋର ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ସହୃଦୟତା ପୂର୍ଣ୍ଣ ବ୍ୟବହାର ଶ୍ରୀଧର ଓ ଉପସ୍ଥିତ ଜନସାଧାରଣଙ୍କ ମନରେ ଖୁସି ଓ ଆନନ୍ଦ ଆଣିଥିଲା।

### କେ.ବଲାଙ୍ଗ ରେଲଟ୍ରାକ୍ ବିସ୍ଫୋରଣ ମାମଲା

## ଏନ୍‌ଆଇଏକୁ ତଦନ୍ତ ଭାର

ଭୁବନେଶ୍ୱର, ୧୩।୧୦ (ସବ୍ୟୁ) : ସୁନ୍ଦରଗଡ କେ.ବଲାଙ୍ଗ ରେଳ ଟ୍ରାକ୍‌ରେ ମାଓବାଦୀମାନେ ଲ୍ୟାଣ୍ଡ୍‌ମାଇନ୍ ବିଛାଇ ବିସ୍ଫୋରଣ କରାଇବାରୁ ଟ୍ରାକ୍ ଧ୍ୱଂସହୋଇ ଯାଇଥିଲା। ସେହି ମାମଲାର ତଦନ୍ତଭାର ଏନ୍‌ଆଇଏ ନେବା ପରେ ସୋମବାରରୁ ତଦନ୍ତ ଆରମ୍ଭ ହୋଇଛି।

ଝାରପଡା ଜେଲ୍‌ରେ ଥିବା ଜଣେ ଅଭିଯୁକ୍ତକୁ ଏନ୍‌ଆଇଏ ତଦନ୍ତକାରୀ ଟିମ୍ ପଚରାଉଚରା କରିବା ସହ ଅନ୍ୟାନ୍ୟ କେତେକ ସନ୍ଦିଗ୍ଧଙ୍କୁ ମଧ୍ୟ ପଚରାଉଚରା କରିଛି। ସେହି ମାମଲାର ସମସ୍ତ କାଗଜପତ୍ର ଏନ୍‌ଆଇଏ ଟିମ୍ ହାତକୁ ନେଇ ତର୍ଜମା କରୁଛି। ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ରେଲଟ୍ରାକ୍ ଧ୍ୱଂସ ହୋଇଯାଇଥିଲା ବେଳେ (୯ ପୃଷ୍ଠାରେ)

## କରୁର ଦଳାଚକଟା ଘଟଣାର ତଦନ୍ତ କରିବ ସିବିଆଇ

ନୂଆଦିଲ୍ଲୀ, ୧୩।୧୦ : ତାମିଲନାଡୁର କରୁରଠାରେ ଗତମାସରେ ହୋଇଥିବା ଟିଭିକେ ମୁଖ୍ୟ ବିଜୟଙ୍କ ରାଲିରେ ହୋଇଥିବା ଦଳାଚକଟା ଘଟଣାରେ ସିବିଆଇ ତଦନ୍ତ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜେ କେ ମାହେଶ୍ୱରୀ ଓ ଏନ୍ ଭି ଅଞ୍ଜାରିଆକୁ ନେଇ ଗଠିତ ଖଣ୍ଡପୀଠ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ଜଜଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରି ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅଜୟରାସ୍ତୋବି ଏହି ତଦନ୍ତର ତଦାରଖ କରିବେ।

ଉକ୍ତ କମିଟିରେ ଦୁଇ ଆଇପିଏସ୍ ଅଫିସର ରହିବେ। ସେମାନେ ତାମିଲନାଡୁ ର୍ୟାଡରର ହୋଇଥିଲେ ମଧ୍ୟ ସେହି ରାଜ୍ୟରେ କାର୍ଯ୍ୟ କରିନଥିବେ। ସୁପ୍ରିମକୋର୍ଟ ମଧ୍ୟ ମାଡ୍ରାସ୍ ହାଇକୋର୍ଟର ଜଜଙ୍କ ରାୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଦଳାଚକଟା ଘଟଣାକୁ ଦେଶର ବିବେକକୁ ଦୋହଲାଇ ଦେଇଛି। ହାଇକୋର୍ଟର ମଦୁରାଇ ଖଣ୍ଡପୀଠ ସିବିଆଇ ତଦନ୍ତ ଦାବିକୁ ଖାରଜ କରିଥିଲେ। ଏହା ପରେ ଚେନ୍ନାଇ ଖଣ୍ଡପୀଠ ମଧ୍ୟ ଏସ୍‌ଆଇ ଟିମ୍ ତଦନ୍ତ ପାଇଁ କହିଥିଲେ। ତେବେ ସୁପ୍ରିମକୋର୍ଟ ଦର୍ଶାଇଥିଲେ ଯେ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ମୁକ୍ତ ବିଚାରପତିଙ୍କ ଅନୁମତି ବିନା କୌଣସି ଆବେଦନକୁ ଗ୍ରହଣ କରିପାରିବେ ନାହିଁ। ନିଜ ଆଡୁ ଏହି ମାମଲାକୁ ଗ୍ରହଣ କରି ମଦୁରାଇ ଖଣ୍ଡପୀଠର ନିଷ୍ପତ୍ତିକୁ ଅଣଦେଖା କରିଥିଲେ। ତେବେ ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ଏହି ଘଟଣାକୁ ବିଚାର କଲାବେଳେ ସମ୍ବେଦନଶୀଳତାକୁ ଦୃଷ୍ଟି ଦିଆଯାଏ ନାହିଁ। ସେପ୍ଟେମ୍ବର ୨୭ ରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇ ୪୧ ଜଣଙ୍କର ମୃତ୍ୟୁ ହୋଇଥିଲା। ୬୦ ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ବିଜୟଙ୍କ ରାଲି ଯେଉଁଠି (୯ ପୃଷ୍ଠାରେ)

## ରାଜଧାନୀରେ ଗୋଟିଏ ଦିନରେ ଦୁଇଟି ହତ୍ୟା




ଭୁବନେଶ୍ୱର, ୧୩।୧୦ (ସବ୍ୟୁ) : ରାଜଧାନୀରେ ଗୋଟିଏ ଦିନରେ ଦୁଇଟି ହତ୍ୟାକାଣ୍ଡ ଘଟିଛି। ଖଣ୍ଡଗିରି ସରକନ୍ତରାରେ ସୁଧାଂଶୁ ଖୁଣ୍ଟିଆଙ୍କୁ ତାଙ୍କ ଦାଦାପୁଅ ଭାଇ ଜମି ବିବାଦରୁ ଗୁଳିକରି ହତ୍ୟା କରିଛି। ଚନ୍ଦ୍ରଶେଖରପୁର ଚୁନୁକୋଳି ବସ୍ତି ନିକଟରେ ଜଣେ ଯୁବକଙ୍କ ମୁଣ୍ଡକୁ ଦୁର୍ବୃତ୍ତମାନେ ବୀଭତ୍ସ ଭାବେ ପଥରରେ ଛେଚି ହତ୍ୟା କରିଛନ୍ତି। ଯୁବକ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ତାଙ୍କର ସଠିକ୍ ପରିଚୟ ମିଳିନାହିଁ।

ଖଣ୍ଡଗିରି ସରକନ୍ତରାର ସୁଧାଂଶୁ ଖୁଣ୍ଟିଆ ଏମ୍ସରେ ଆଉଟ୍‌ସୋର୍ସିଂରେ କର୍ମଚାରୀ ଭାବେ ଲାବ୍‌ରେ କାମ କରନ୍ତି। ସୋମବାର ସକାଳେ ସେ ଡିଉଟିକୁ ବାହାରିଥିବା ବେଳେ ମେଳଣ ପଡ଼ିଆ ନିକଟରେ ତାଙ୍କୁ ତାଙ୍କ ଦାଦାପୁଅ ଭାଇ ଓ ଦାଦା ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜମି ବିବାଦ ଦୀର୍ଘଦିନ ହେବ ଲାଗି ରହିଥିବା ବେଳେ ସୁଧାଂଶୁଙ୍କୁ ହତ୍ୟା କରିବା ପାଇଁ ଦାଦାଙ୍କ ପରିବାର ଯୋଜନା ପ୍ରସ୍ତୁତ କରି ସଫଳ ହୋଇଛନ୍ତି। ଏହି ଘଟଣାକୁ ନେଇ ସେହି ଅଞ୍ଚଳରେ

- ଖଣ୍ଡଗିରିରେ ଭାଇକୁ ଗୁଳିକଲା ଭାଇ
- ଚନ୍ଦ୍ରଶେଖରପୁରରେ ଯୁବକଙ୍କ ମୁଣ୍ଡକୁ ପଥରରେ ଛେଚିଲେ ଦୁର୍ବୃତ୍ତ

ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ସୁଧାଂଶୁଙ୍କ ସମ୍ପର୍କୀୟଙ୍କ ଆକ୍ରମଣରେ ଅନ୍ୟାନ୍ୟ କେତେକ ଲୋକ ଆହତ ହୋଇଥିବା କୁହାଯାଉଛି। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରି ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ତିନୋଟି ଖୋକା ଓ ଗୋଟିଏ ଜୀବନ୍ତ ଗୁଳି ପୋଲିସ ଜବତ କରିଛି। ଉତ୍ତେଜନା ପାଇଁ ସେହି ଅଞ୍ଚଳରେ ପୋଲିସ ପଇଁତରା ମାରୁଛି।

ସୋମବାର ଭୋର୍ ସମୟରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୁନୁକୋଳି ବସ୍ତି ନିକଟରେ ଜଣେ ଯୁବକଙ୍କ ମୁଣ୍ଡକୁ ଅତି ବୀଭତ୍ସ ଭାବେ ଦୁର୍ବୃତ୍ତମାନେ ଛେଚି ହତ୍ୟା କରିଛନ୍ତି। ସେହି ଯୁବକଙ୍କ ସଠିକ୍ ପରିଚୟ ମିଳିନାହିଁ। ପୋଲିସ (୯ ପୃଷ୍ଠାରେ)

### ନୂଆପଡ଼ା ଉପନିର୍ବାଚନ ପାଇଁ ଗେଜେଟ୍ ବିଜ୍ଞପ୍ତି

## ଅକ୍ଟୋବର ୨୦ ସୁଦ୍ଧା ନାମାଙ୍କନ

ନୂଆପଡା, ୧୩।୧୦ (ସବ୍ୟୁ): ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ଅକେଫାବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକେଫାବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୧ (ମଙ୍ଗଳବାର) ତାରିଖ ସକାଳ ୭ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟ ପକ୍ଷରେ ମାଓ ପ୍ରବଣ ଅଞ୍ଚଳର ୪୭ ଟି ବୁଥରେ ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।

ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆଜି (ତା ୧୩.୧୦.୨୦୨୫) ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକେଫାବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।




# ଏଆଇ ଆଙ୍ଗ୍‌ଜାଇଟ୍

ବର୍ତ୍ତମାନ ବିଜ୍ଞାନର ବ୍ୟବହାର କାରଣରୁ କାର୍ଯ୍ୟାଳୟର ପରିବେଶ ବଦଳିବାରେ ଲାଗିଛି । ଏଆଇ ଓ ଚାର୍ଟ ଜିପିଟି ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଅନେକ ସ୍ଥାନରେ ମଣିଷଙ୍କ ଯାଗାରେ ଏଆଇକୁ ବ୍ୟବହାର କରାଯାଉଛି । ତେବେ ଏହାର ନକରାତ୍ମକ ପ୍ରଭାବ ସୋସାଇଟି ଉପରେ ପଡୁଛି ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ବର୍ତ୍ତମାନ ଏକ ନୂଆ ଆଙ୍ଗ୍‌ଜାଇଟ୍ ଲୋକଙ୍କ ମଧ୍ୟରେ ଦେଖିବାକୁ ମିଳୁଛି, ଯାହାକୁ ଗବେଷକମାନେ ଏଆଇ ଆଙ୍ଗ୍‌ଜାଇଟ ବୋଲି ନାମ ଦେଇଛନ୍ତି । ବିଭିନ୍ନ କାର୍ଯ୍ୟାଳୟ, ଦୋକାନ, ଫ୍ୟାକ୍ଟ୍ରି ଆଦିରେ କାର୍ଯ୍ୟରତ କର୍ମଚାରୀମାନେ ଏଆଇକୁ ଭୟ କରୁଥିବାର ଦେଖିବାକୁ ମିଳୁଛି । ଏହାପଛରେ କାରଣ ରହିଛି ସେମାନଙ୍କ ଚାକିରି ଯିବାର ଭୟ । ଏଆଇ ତାଙ୍କ ରୋଜଗାର ଛଡାଇନେବାର ଭୟରେ ସେମାନେ ଷ୍ଟ୍ରେସ୍‌ରେ ରହୁଥିବାର ଦେଖିବାକୁ ମିଳୁଛି । ଗୋଟିଏ ପଟେ ଏଆଇର ସୁଫଳ ଥିବାବେଳେ ଅନ୍ୟପଟେ ନିଜର ରୋଜଗାର ହରାଇବାର ଭୟ ସମସ୍ତଙ୍କୁ ଚିନ୍ତାରେ ପକାଇଛି । ସେମାନଙ୍କ ଭବିଷ୍ୟତ ଏକ ଅନିଶ୍ଚିତତା ଭିତରକୁ ଗତି କରୁଛି ବୋଲି ସେମାନେ ମତ ଦେଉଛନ୍ତି । ତେବେ ଏଥିରୁ ଦୂରେଇ ରହିବା ପାଇଁ ବର୍ତ୍ତମାନ ଲୋକମାନଙ୍କୁ ନିଜର ସ୍କିଲ୍‌ରେ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି । ଏଆଇକୁ ମ୍ୟାଚ୍ କରି ମଣିଷମାନେ ନିଜର ସ୍କିଲ୍‌ରେ ପରିବର୍ତ୍ତନ ଆଣିପାରିଲେ ଏଆଇ ସହିତ ସେମାନଙ୍କର ଆବଶ୍ୟକତା ମଧ୍ୟ ବଜାୟ ରହିବ ବୋଲି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ମଣିଷର ଆବଶ୍ୟକତା ସବୁଠାରୁ ଊର୍ଦ୍ଧ୍ୱରେ ।

# ବଦଳୁଛି କମ୍ଫର୍ଟ ଫୁଡର ପରିଭାଷା

ଖାଦ୍ୟ ସବୁବେଳେ ଆମକୁ ଏକ ଆରାମ ପ୍ରଦାନ କରିଥାଏ ଯାହା ଶାରିରୀକ ସହିତ ମାନସିକ ମଧ୍ୟ ହୋଇଥାଏ । ଏପରିକି ଏକ ଭଲ ଖାଇବାର ପ୍ଲେଟ ଆମର ମୁଡକୁ ବଦଳାଇବାରେ ମଧ୍ୟ ସାହାଯ୍ୟ କରିଥାଏ । ସବୁବେଳେ ଲୋକମାନେ ନିଜର କମ୍ଫର୍ଟ ଫୁଡ ଭାବେ ସେମାନଙ୍କୁ ଭଲଲାଗୁଥିବା ଖାଦ୍ୟକୁ ରଖିଥାଆନ୍ତି । ଏଗୁଡିକ ବେଳେବେଳେ ଅସ୍ୱାସ୍ଥ୍ୟକର ହୋଇଥାଏ, କିନ୍ତୁ ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ବର୍ତ୍ତମାନ କମ୍ଫର୍ଟ ଫୁଡର ପରିଭାଷା ହିଁ ବଦଳିଛି । ଯେଉଁ ଖାଦ୍ୟ ଆମର ମୁଡ ସହିତ ଶାରିରୀକ ସ୍ୱାସ୍ଥ୍ୟ ପାଇଁ ଭଲ ତାହାକୁ ହିଁ ବର୍ତ୍ତମାନ କମ୍ଫର୍ଟ ଫୁଡ ଭାବେ ଗ୍ରହଣ କରୁଛନ୍ତି । ଏହି କମ୍ଫର୍ଟ ଫୁଡ ପ୍ଲେଟରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଖାଦ୍ୟ ରଖାଯାଉଛି । ଲୋକମାନେ ବର୍ତ୍ତମାନ କମ୍ଫର୍ଟ ଫୁଡ ଭାବେ ପାଟିକୁ ସୁଆଦ ନୁହେଁ ବରଂ ଦେହକୁ ଭଲକୁ ସାମିଲ କରୁଛନ୍ତି । ଗୋଟିଏ ପ୍ଲେଟ କମ୍ଫର୍ଟ ଫୁଡରେ ସମସ୍ତ ଶାରିରୀକ ଖାଦ୍ୟ ସାମିଲ ରହୁଛି । ଏହି ଖାଦ୍ୟ ମୁଡ ସହିତ ଶରୀରକୁ ମଧ୍ୟ ସୁସ୍ଥ ରଖୁଛି ।



# ଭିଣ୍ଟେଜ୍ ଷ୍ଟାଇଲ୍






**ବର୍ତ୍ତମାନ ଫ୍ୟାଶନ ଦୁନିଆ ପୁଣିଥରେ ଇତିହାସକୁ ପୁନରାବୃତ୍ତି କରିବାରେ ଲାଗିଛି । ଏଭଳି ଅନେକ ଷ୍ଟାଇଲ୍ ବର୍ତ୍ତମାନ ଦେଖିବାକୁ ମିଳୁଛି, ଯାହା ଦିନେ ଅତୀତ ହୋଇ ସାରିଥିଲା । ଆସନ୍ତୁ ଜାଣିବା ସେହିଭଳି କିଛି ଭିଣ୍ଟେଜ୍ ଷ୍ଟାଇଲ୍ ସମ୍ବନ୍ଧରେ ଯାହା ବର୍ତ୍ତମାନ ଟ୍ରେଣ୍ଡ ସାଜିଛି । ଯୁବପିଢିଙ୍କର ଯାହା ବର୍ତ୍ତମାନ ପ୍ରଥମ ପସନ୍ଦ ପାଲଟିଛି । ଏଥିରେ ଅନେକ ସାମଗ୍ରୀ ସାମିଲ ରହିଛି । ଆସନ୍ତୁ ସେଥିରୁ କିଛିଟା ଷ୍ଟାଇଲ୍ ବିଷୟରେ ଜାଣିବା ଯାହା ବର୍ତ୍ତମାନ ବେଶି ଅନୁକରଣ କରାଯାଉଛି ।**

**ବିଗ୍ ବ୍ଲେଜର–** ବିଗ୍ ବ୍ଲେଜର୍ ଭିଣ୍ଟେଜ୍ କଲେକସନ୍‌ର ଏଭଳି ଏକ ଟ୍ରେଣ୍ଡ୍ ଯାହା କେବେ ବି ଆଉଟଡେଟ୍ ହେବନାହିଁ । ଏହା ସବୁବେଳେ ଲୋକଙ୍କ ଭିତରେ ପସନ୍ଦର ପୋଷାକ ତାଲିକାରେ ଆଗରେ ରହିବ । ଅଶୀ ଦଶକର ଏହି ଓଭରସାଇଜ୍ ସେପ୍ ଓ ପ୍ୟାଡେଡ୍ ସୋଲ୍ଡର ପିନ୍ଧିବାପାଇଁ ବେଶ ଆରାମ ଦାୟକ ହୋଇଥାଏ । ଏହା ସବୁବେଳେ ଫ୍ୟାଶନ କ୍ରାଉଡର ପ୍ରଥମ ପସନ୍ଦ ହୋଇଥାଏ । ଏହା ବିଭିନ୍ନ ରଙ୍ଗ ସହ ଭିନ୍ନଭିନ୍ନ ଷ୍ଟାଇଲରେ ମିଳିଥାଏ । ଏହାକୁ ଯେ କୌଣସି ଅକେଜନ୍ ହେଉ ପେୟାର କରି ପିନ୍ଧାଯାଇପାରିବ ।

**ଚେନ୍ ବେଲ୍ଟ–** ଚେନ୍ ବେଲ୍ଟ ଏପରି ଏକ ଆସେସରି ଯାହା ଏକ ଲୁକକୁ ବଦଳାଇବାରେ ପୂରାପୁରି ସକ୍ଷମ । ଲୁକ ଟ୍ରାନ୍ସଫର୍ମ ପାଇଁ ଏହା ଏକ ଭଲ ଅପସନ୍ ହୋଇଥାଏ । ଏହାକୁ ବିଭିନ୍ନ ଡ୍ରେସ ସହ ଷ୍ଟାଇଲ କରିହେବ । ଜିନ୍ସ ଠାରୁ ଆରମ୍ଭ କରି ଶାଢି ଆପଣ ଯେଉଁଥିରେ ଚାହିଁବେ ଏହାକୁ ବ୍ୟବହାର କରି ନିଜର ଲୁକକୁ ଏଲିଗେଣ୍ଟ କରିପାରିବେ । ଏହା ବିଭିନ୍ନ ରଙ୍ଗର ମିଳୁଥିବାବେଳେ ଏହାର ଗୋଲଡେନ କଲରର ଚାହିଦା ବେଶି । ଗୋଲଡେନ କଲର ସବୁ ଡ୍ରେସ୍ ସହ ମ୍ୟାଚ ହେଉଥିବାରୁ ଏହାକୁ ଲୋକ ବେଶି ପେୟାର କରିଥାଆନ୍ତି । ବିଭିନ୍ନ ନାମୀଦାମୀ ବ୍ରାଣ୍ଡ୍‌ର ଏହା ଉପଲବ୍ଧ ।

**କୋରସେଟ୍–** କୋରସେଟ୍ ପିନ୍ଧିବାର ପ୍ରଥା କାହିଁ କେଉଁ କାଳରୁ ଚାଲିଆସିଛି । ଏହାକୁ ରାଜା ରାଜୁଡାଙ୍କ ସମୟରେ ରାଣୀ ଓ ରାଜକୁମାରୀମାନେ ପିନ୍ଧୁଥିଲେ । ସେମାନେ ଏହାକୁ ନିଜ ଶରୀରକୁ ଏକ ଭଲ ସେପ୍ ଦେବା ପାଇଁ ବ୍ୟବହାର କରୁଥିଲେ । ହେଲେ ଏହା ବର୍ତ୍ତମାନ ଏକ ଫ୍ୟାଶନରେ ପରିଣତ ହୋଇଛି । ଏହାକୁ ସମସ୍ତେ ନିଜ ୱାର୍ଡରବ୍‌ରେ ଫ୍ୟାଶନ ଟ୍ରେଣ୍ଡ୍ ଭାବେ ସାମିଲ କରିଛନ୍ତି। ଏହାକୁ ବର୍ତ୍ତମାନ ଝିଅ ବା ମହିଳା ମାନେ ଟପ୍‌ସ କରି ଜିନ୍ସ ହେଉ କିମ୍ବା ସ୍କର୍ଟ୍‌ରେ ପିନ୍ଧୁଛନ୍ତି । ଏହି ପେୟାରିଂ ସେମାନଙ୍କୁ ବେଶ ଏଲିଗେଣ୍ଟ୍ ଲୁକ ଦେଉଛି । ଏହାକୁ ବର୍ତ୍ତମାନ ଅଳ୍ପ ପରିମାଣରେ ନୂଆ ଟଚ୍ ଦିଆଯାଇ ମାର୍କେଟରେ ରି ଲଞ୍ଚ କରାଯାଇଛି । ଏହା କଲେଜ୍ ଯାଉଥିବା ଝିଅଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି । ଏହାର ବୋଲ୍ଡ ପାର୍ଟନ ଓ କୋଜିଅର ଫାବ୍ରିକ୍ ସେମାନଙ୍କୁ ଏକ ଗ୍ଲାମ୍ ଷ୍ଟେଟମେଣ୍ଟ୍ ଦେଉଛି । ଏଥିରେ ମଧ୍ୟ ନାମୀଦାମୀ ବ୍ରାଣ୍ଡ୍ ସାମିଲ ଅଛନ୍ତି । ଏହାକୁ ଛୋଟ ଛୋଟ ଫଙ୍କସନ୍‌ରେ ପିନ୍ଧି ଆପଣ ଏଞ୍ଜୟ କରିପାରିବେ ।

**ବାଓ୍ୱଲର୍ ବ୍ୟାଗ୍–** ଏହି ଭିଣ୍ଟେଜ୍ ଷ୍ଟାଇଲ୍ କଲେକସନ୍‌ରେ ବ୍ୟାଗ ମଧ୍ୟ ରହିଛି । ଆଜିକାଲିର ବିଭିନ୍ନ ଷ୍ଟାଇଲିଷ୍ଟ ବ୍ୟାଗ ମଧ୍ୟରେ ଏହା ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସଫଳ ହୋଇପାରିଛି । ବିଭିନ୍ନ ନାମୀ ବ୍ରାଣ୍ଡ୍‌ମାନେ ଏହି କଲେକସନ୍‌ରେ ଟ୍ରେଣ୍ଡି ଭିଣ୍ଟେଜ୍ ବାଓ୍ୱଲିଂ ବ୍ୟାଗକୁ ଆଡ କରିଛନ୍ତି । ସେମାନଙ୍କ ସୋସିଆଲ ମିଡିଆ ଠାରୁ ଆରମ୍ଭ କରି ବ୍ରାଣ୍ଡ୍ ପ୍ରମୋସନ୍‌ରେ ଭିଣ୍ଟେଜ୍ କଲେକସନ୍ ଆଡ ହୋଇଛି । ଏହି ବ୍ୟାଗଗୁଡିକ ବିଭିନ୍ନ କଲରରେ ଲଞ୍ଚ୍ ହୋଇଛି, ଯାହାକୁ ଗ୍ରାହକ ବେଶ ପସନ୍ଦ କରୁଛନ୍ତି ।



# ନିଜକୁ ମଣୁନାହାନ୍ତି ସୁରକ୍ଷିତ



ସଙ୍ଗୀତା ବିଜଲାନୀ ବର୍ତ୍ତମାନ ପୁଣି ଚର୍ଚ୍ଚାରେ ଅଛନ୍ତି । ଗତ କିଛି ମାସ ତଳେ ଅଭିନେତ୍ରୀଙ୍କ ଘରେ ଚୋରି ହୋଇଥିଲା ଏବଂ ବର୍ତ୍ତମାନ ସେ ସୁରକ୍ଷିତ ନଥିବାନେଇ ମତ ଦେଇଛନ୍ତି । ଯାହାପରେ ଚର୍ଚ୍ଚା ପୁଣି ଆରମ୍ଭ ହୋଇଛି । ଚୋରି ହେବାପରେ ସେ ଖୁବ ଚିନ୍ତାରେ ଅଛନ୍ତି । ସେ ନିଜକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି ଏବଂ ସେଥିପାଇଁ ବନ୍ଧୁକ ଲାଇସେନ୍ସ ପାଇଁ ମଧ୍ୟ ଆବେଦନ କରିଥିବା ପ୍ରକାଶ କରିଛନ୍ତି । ଗତ ୨୦ ବର୍ଷ ଧରି ସେ ତାଙ୍କ ଫାର୍ମହାଉସରେ ରହୁଛନ୍ତି । ହେଲେ ଗତ ତିନିମାସ ତଳେ ହୋଇଥିବା ଚୋରି ତାଙ୍କୁ ଖୁବ ଭୟଙ୍କର ଭାବେ ଡରାଇଛି । ହେଲେ ଏହାରି ଭିତରେ ୩ ମାସ ବିତିଯାଇଥିଲେ ବି ଏହାର କୌଣସି ସୁରାଗ ମିଳିନାହିଁ, ଯାହା ତାଙ୍କୁ ବେଶି ଭୟଭୀତ କରାଉଥିବା ସେ ପ୍ରକାଶ କରିଛନ୍ତି । ତେଣୁ ସେ ନିଜ ସୁରକ୍ଷା ପାଇଁ ପାଖରେ ହତିଆର ରଖିବାକୁ ସ୍ଥିର କରିଛନ୍ତି । ସେହିଭଳି ସ୍ଥାନୀୟ ପୋଲିସ ତାଙ୍କୁ ସୁରକ୍ଷିତ ରଖିବାନେଇ ଆଶ୍ୱାସନା ଦେଇଥିବା ଅଭିନେତ୍ରୀ ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ ଅଭିନେତ୍ରୀଙ୍କ ଘରେ କିଛି ଲୋକ ପସିବା ସହିତ ଫ୍ରିଜ, ଟିଭି ଓ ଘରର ଆସବାବପତ୍ର ଭାଙ୍ଗି ଦେଇଛନ୍ତି । ଏହାସହ କାନ୍ଥରେ ଅଶ୍ଳୀଳ ଚିତ୍ର ସହିତ କଥା ମଧ୍ୟ ଲେଖିଛନ୍ତି । ଏହାସହ ଘରେ ଥିବା ୫୦ ହଜାର ଟଙ୍କା ମଧ୍ୟ ନେଇଯାଇଛନ୍ତି ।

## ସୋସିଆଲ କୋଟ୍ସ



“ ୩୩ ବର୍ଷ ଫିଲ୍ମଫେୟାର ପୁରସ୍କାରର ଅପେକ୍ଷା କରିଛି । ପାଖାପାଖି ୭୫୦ଟି ଫିଲ୍ମ କରିସାରିଲେଣି, ତଥାପି ଫିଲ୍ମଫେୟାର ମଞ୍ଚକୁ ଆସିବାର ସୁଯୋଗ ପାଇନଥିଲି । ଏଥରକ ମଧ୍ୟ ଭାବିନଥିଲି କି ମୋତେ ପୁରସ୍କାର ମିଳିବ । ହେଲେ ଏହା ମିଳିଥିବାରୁ ମୁଁ ଖୁବ ଗର୍ବିତ ।

**ରବି କିଷାନ, ଅଭିନେତା**



“ ୨୫ ବର୍ଷର କ୍ୟାରିୟରରେ ଅନେକ ଥର ଏହି ପୁରସ୍କାର ପାଇଁ ଭାଷଣର ଅଭ୍ୟାସ କରିଛି, ହେଲେ ଏହି ପୁରସ୍କାର ପାଇବାରେ ସଫଳ ହୋଇନଥିଲି । ଚଳିତଥର ଏହା ମିଳିଥିବାରୁ ଖୁବ ଖୁସି । ଏହି ପୁରସ୍କାର ମୁଁ ମୋ ବାପା, ଝିଅ ଓ ଐଶ୍ୱର୍ଯ୍ୟଙ୍କୁ ଡେଡିକେଟ କରୁଛି ।

**ଅଭିଷେକ ବଚ୍ଚନ, ଅଭିନେତା**



“ ମୋର ଏକ ସ୍ୱପ୍ନ ପୂରଣ ହେଉଛି । ଚନ୍ଦୁ ଚମ୍ପିଅନ ଫିଲ୍ମ ପାଇଁ ଖୁବ ପରିଶ୍ରମ କରିଛି । ଏଥିପାଇଁ ପୁରସ୍କାର ମିଳିଥିବାରୁ ଖୁବ ଭଲ ଅନୁଭୂତି ହେଉଛି ।

**କାର୍ତ୍ତିକ ଆରିୟନ, ଅଭିନେତା**

# ଆଖିର ଯାଞ୍ଚ ଜରୁରୀ

ସାଧାରଣତ ଲୋକମାନେ ଆଖିକୁ ଛାଡି ଆଉ ସମସ୍ତ ଅଙ୍ଗର କିଛିକିଛି ସମୟ ବ୍ୟବଧାନରେ ପରୀକ୍ଷା କରାଇଥାଆନ୍ତି । ହେଲେ ଆଖିର ମଧ୍ୟ ଚେକଅପ ଖୁବ ଆବଶ୍ୟକ ହୋଇଥାଏ । ଏପରି କରିବା ଦ୍ୱାରା ଅନେକ ଗମ୍ଭୀର ରୋଗକୁ ଏଡାଇ ହୋଇଥାଏ । ଏଭଳି ଅନେକ ଆଖି ସମସ୍ୟା ରହିଥାଏ ଯାହା କୌଣସି ଲକ୍ଷଣ ନଥାଇ ଧୀରେଧୀରେ ବଢିଥାଏ ଏବଂ ଆମର ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ । ଏହାସହ ଆଖିର ଚେକଅପ ଦ୍ୱାରା ଆହୁରି ଅନେକ ରୋଗର ସନ୍ଧାନ ମଧ୍ୟ ମିଳିଥାଏ । ଆଖିର ଟେଷ୍ଟ ଦ୍ୱାରା ବିଭିନ୍ନ ରୋଗ ଗ୍ଲାଉକୋମା, ମୋତିଆବିନ୍ଦୁ, ଡାଇବେଟିକ୍ ରେଟିନୋପାଥି ଏବଂ ବୟସ ସମ୍ବନ୍ଧୀୟ ସମସ୍ୟା ବିଷୟରେ ଏହାଦ୍ୱାରା ଜଣାପଡିଥାଏ । ଆଖିରେ ଥିବା ରେଟିନା, ଅପ୍ଟିକ୍ ନର୍ଭ ଓ ବ୍ଲଡ ଭେସେଲ ସାହାଯ୍ୟରେ ଡାକ୍ତରମାନେ ରୋଗର ଲକ୍ଷଣ ଖୁବ ଆଗରୁ ଚିହ୍ନଟ କରିପାରିବେ । ଏହାଦ୍ୱାରା ଆମର ଅନେକ ପ୍ରକାର ରୋଗ ପୂର୍ବରୁ ଜଣା ପଡିପାରିବ ବୋଲି ଡାକ୍ତର ମତ ଦେଇଛନ୍ତି । ତେଣୁ ମଝିରେ ମଝିରେ ଆଖିର ଚେକଅପ କରାଇବାର ଆବଶ୍ୟକତା ରହିଛି ।



**୧୩୨୨–** ରାଜା ଏଡ୍‌ୱାର୍ଡ ଦ୍ୱିତୀୟଙ୍କୁ ପରାଜୟ କରି ଇଂରେଜ ଶାସନରୁ ସ୍କଟ୍‌ଲ୍ୟାଣ୍ଡକୁ ମୁକ୍ତ କରାଗଲା ।

**୧୬୪୩–** ଦିଲ୍ଲୀର ମୋଗଲ ସମ୍ରାଟ ବାହାଦୂର ଶାହ ପ୍ରଥମଙ୍କ ଜନ୍ମ ।

**୧୮୮୨–** ସିମଲାରେ ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା । ଏହା ବ୍ରିଟିଶ ଉପନିବେଶବାଦୀ ସରକାରଙ୍କ ଦ୍ୱାରା କଲିକତା, ମୁମ୍ବାଇ ଓ ମାଡ୍ରାସ ପରେ ସ୍ଥାପିତ ହୋଇଥିବା ଭାରତର ଚତୁର୍ଥ ବିଶ୍ୱବିଦ୍ୟାଳୟ ରୂପେ ପରିଚିତ ହେଲା ।

**୧୯୪୩–** ଫିଲିପିନ୍ସର ସ୍ୱତନ୍ତ୍ରତା ସମ୍ବନ୍ଧରେ ଘୋଷଣା କଲା ଜାପାନ ।

**୧୯୪୮–** ଇସ୍ରାଏଲ୍ ଓ ଇଜିପ୍ଟ ମଧ୍ୟରେ ଯୁଦ୍ଧ ।

**୧୯୫୩–** ଭାରତରେ ଇଷ୍ଟେଟ୍ ଡ୍ୟୁଟି ଆକ୍ଟ କାର୍ଯ୍ୟକାରୀ ହେଲା ।

**୧୯୬୫–** ଡା. ବି.ଆର୍ ଆମ୍ବେଦକର ୩,୮୫,୦୦୦ ଜଣ ଅନୁସରଣକାରୀଙ୍କ ସହିତ ବୌଦ୍ଧ ଧର୍ମ ଗ୍ରହଣ କଲେ ।

**୨୦୦୮–** ମ୍ୟୁଚୁଆଲ୍ ଫଣ୍ଡ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ଅତିରିକ୍ତ ୨୦୦ ବିଲିଅନ୍ ଟଙ୍କା ଜାରି କରିବା ନେଇ ଆର୍‌ବିଆଇର ଘୋଷଣା ।

ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଆଲୋଚନା ଚକ୍ର

# ଓଡ଼ିଶା ଭାରତୀୟ ଶିକ୍ଷା ଓ ସଂସ୍କୃତିର ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିବ : ମୁଖ୍ୟମନ୍ତ୍ରୀ

ପୁରୀ (ସବ୍ୟୁ): ଆଜି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ଠାରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ, ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି ।। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ ଏସ୍‌ଡିଜି ୪ ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି । ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ, ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ



ନୁହେଁ – ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଳେଷଣାତ୍ମକ ଚିନ୍ତନ । ଏହି ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତ୍ତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ ।

ମୁଖ୍ୟମନ୍ତ୍ରୀ ଏହି ସମୟର ଯୁବବର୍ଗଙ୍କୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି । ସେ କହିଥିଲେ ଯେ ଭାରତ ଏକ ଏଭଳି ଦେଶ ଯାହା ବିଦେଶୀ ଆକ୍ରମଣ ସତ୍ତ୍ୱେ ମଧ୍ୟ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି । ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ । ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତ୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ । ମୁଖ୍ୟମନ୍ତ୍ରୀ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଉଦ୍ଧୃତ କରି କହିଥିଲେ ଯେ, "ଲୋକଙ୍କ କଲ୍ୟାଣ ହିଁ ଶାସକଙ୍କ ସତ୍ୟ ଆନନ୍ଦ" ଏବଂ ସେ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ଗଣତାନ୍ତ୍ରିକ ଚିନ୍ତନର ଆଧାର ହେଉଛି କର୍ତ୍ତବ୍ୟ ଏବଂ ପ୍ରଜାଧର୍ମ — ଯେଉଁଠି ଶାସକ ଓ ପ୍ରଜାଙ୍କ ସମ୍ପର୍କ ପିତା–ପୁତ୍ର ସମାନ ଭାବରେ ଦେଖାଯାଇଥାଏ ।

କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ଓ ସଂସ୍କୃତିକ ମୂଲ୍ୟବୋଧ ଉପରେ ଜୋର ଦେଇ ସଚିବ, ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସ, ନୂଆଦିଲ୍ଲୀ ଡ଼. ଅତୁଲ କୋଠାରୀ କହିଛନ୍ତି ଯେ ଶିକ୍ଷା କେବଳ ଜୀବିକା ପାଇଁ ନୁହେଁ, ଏହା ଜୀବନ ଗଠନର ଆଧାର । ଆମ ଶିକ୍ଷା ପ୍ରଣାଳୀରେ ଭାରତୀୟ ମୂଲ୍ୟ, ଆଦର୍ଶ ଓ ସଂସ୍କୃତିକ ଚେତନାକୁ ଆଣିବା ଆଜିର ସମୟର ଆବଶ୍ୟକତା । ଆମେ ଯଦି ଶିକ୍ଷାକୁ ରାଷ୍ଟ୍ର ଗଠନର ସାଧନା ଭାବେ ଦେଖିବା, ତେବେ ଆଗାମୀ ପିଢି ଜ୍ଞାନୀ, କର୍ତ୍ତବ୍ୟନିଷ୍ଠ ଓ ଦେଶଭକ୍ତ ନାଗରିକ ଭାବେ ଗଢ଼ିଉଠିବେ । ଉକ୍ତ ସଭାରେ ମହାସଚିବ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପରାମର୍ଶଦାତା ଡ଼. ପଙ୍କଜ ମିତ୍ତଲ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀଙ୍କ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ତିନି ଦିନ ଧରି ଚାଲୁଥିବା ସଂଗୋଷ୍ଠୀରେ "ଶିକ୍ଷା ଏବଂ ଭାରତୀୟ ମୂଲ୍ୟବୋଧ", "ଭାରତୀୟ ଜ୍ଞାନ ପରମ୍ପରା ଓ ଆଧୁନିକ ଶିକ୍ଷା ସମନ୍ୱୟ", "ରାଷ୍ଟ୍ରୀୟ ଶିକ୍ଷାନୀତିର ଭିତ୍ତିଭୂମି ଏବଂ ଦିଗନିର୍ଦ୍ଦେଶ" ଭଳି ବିଷୟ ଉପରେ ବିଶେଷ ଅଧିବେଶନ ହେବ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ଶ୍ରୀମନ୍ଦିର ବାହାରେ ସେବକ ମାନଙ୍କ ଗହଣରେ

ଏସ୍‌ଆଇ ନିଯୁକ୍ତି ଘୋଟାଲା

# ଶଙ୍କର, ମୁନା ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର

## ୧୦ଜଣଙ୍କ ଆକାଉଣ୍ଟ ଫ୍ରିଜ୍, ବିହାର-ଝାଡଖଣ୍ଡରେ ୪ଟିମ୍

ଭୁବନେଶ୍ୱର, (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ଘୋଟଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବା ବେଳେ କାର୍ପେଟଦାର ସଙ୍କର ପୁଷ୍ଟି ଓ ମୁନା ମହାନ୍ତି ବିରୋଧରେ ଲୁକ୍‌ଆଉଟ୍ ସର୍କୁଲାର ଜାରି କରାଯାଇଛି । ମୁନା, ସଙ୍କର ଓ ଅନ୍ୟ ୮ ଜଣଙ୍କୁ ମିଶାଇ ୧୦ଜଣଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଥିବା ସୂଚନା ମିଳିଛି । ବିହାର, ଝାଡଖଣ୍ଡ ପର୍ଯ୍ୟନ୍ତ ଏସ୍‌ଆଇ ନିଯୁକ୍ତି ଘୋଟଲା ଚେର ଲମ୍ୱିଥିବାରୁ ଦୁଇଟି ରାଜ୍ୟକୁ ଦୁଇଟି ଲେଖାଏଁ ଟିମ୍ ଯାଇ ତଦନ୍ତ କରୁଛନ୍ତି ।

ଏସ୍‌ଆଇ ନିଯୁକ୍ତି ଘୋଟଲାରେ ଷଡଯନ୍ତ୍ର ହୋଇଥିବା ଓପିଆର୍‌ବି ସୂଚନା ପାଇବା ପରେ ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚକୁ ସମସ୍ତ କାଗଜପତ୍ର ହସ୍ତାନ୍ତର କରାଯାଇଛି । କ୍ରାଇମ୍‌ବ୍ରାଞ୍ଚର ୪ଜଣିଆ ଟିମ୍ ମାମଲାର ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତକୁ ତଦାରଖ କରୁଛନ୍ତି ଦୁଇଜଣ ଅଫିସର । ରାଜଧାନୀର ବଣିକ କୋଚିଂ ସେଣ୍ଟରରେ ଚଢାଉ ହେବା ସହ ତିନିଜଣ ମ୍ୟାନେଜରଙ୍କୁ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ଜେରା କରାଯାଇଛି । ସେମାନଙ୍କଠାରୁ କେତେକ ତଥ୍ୟ ସଂଗ୍ରହ କରିଛି ତଦନ୍ତକାରୀ ଟିମ୍ । ଏଥିସହ ଭୁବନେଶ୍ୱର ରଘୁନାଥପୁର ଠାରେ ଥିବା ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରରେ କ୍ରାଇମ୍‌ବ୍ରାଞ୍ଚ ଚଢାଉ କରି ସିଲ୍ କରିଛି । କାରଣ ତାହା ସଙ୍କର ପୁଷ୍ଟି ଦ୍ୱାରା ନିର୍ମିତ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଛି ।

୧୧୪ଜଣ ଆଶାୟୀ ଗିରଫ ହୋଇଥିବା ବେଳେ ୫ଦଲାଲ ଗିରଫ ହୋଇଛନ୍ତି । ମୁଖ୍ୟ କାର୍ପେଟଦାର ସଙ୍କର ପୁଷ୍ଟି ଓ ମୁନା ମହାନ୍ତିକୁ କ୍ରାଇମ୍‌ବ୍ରାଞ୍ଚ ଖୋଜି ନପାଇବା ପରେ ସେ ରାଜ୍ୟ କିମ୍ବା ଦେଶ ବାହାରକୁ ଚାଲିଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରି ଲୁକ୍‌ଆଉଟ୍ ସର୍କୁଲାର ଜାରି କରିଛି । ସେହି ଦୁଇଜଣଙ୍କ ସମେତ ୧୦ଜଣଙ୍କ ଆକାଉଣ୍ଟକୁ ସିଲ୍ କରାଯାଇଛି । ଏସ୍‌ଆଇ ନିଯୁକ୍ତି ଘୋଟଲାର ମୂଳ ମାମଲା ବ୍ରହ୍ମପୁରରେ ରୁଜୁ ହୋଇଥିବାରୁ ଗିରଫ ଅଭିଯୁକ୍ତମାନଙ୍କୁ ସେଠିକା କୋର୍ଟକୁ ଚାଲାଣ କରାଯିବା ପରେ ସେମାନେ ଜେଲ୍‌ରେ ଅଛନ୍ତି । କ୍ରାଇମ୍‌ବ୍ରାଞ୍ଚ ସଙ୍କର ଓ ମୁନାକୁ ଟାର୍ଗେଟ କରି ତଦନ୍ତକୁ ଦ୍ରୁତ ତ୍ୱରାନ୍ୱିତ କରିଛି । ଲୁକ୍‌ଆଉଟ୍ ସର୍କୁଲାର ଜାରି ହେବା ପରେ ସେ ଦୁହିଁଙ୍କ ଫଟୋକୁ ନେଇ ବିଭିନ୍ନ ବିମାନ ବନ୍ଦର ସୁରକ୍ଷା କର୍ମୀ ସଜାଗ ହୋଇଛନ୍ତି । ଖୁବ୍‌ଶୀଘ୍ର ଷଡଯନ୍ତ୍ରର ରହସ୍ୟ ଉନ୍ମୋଚନ ହେବ ବୋଲି ସୂଚନା ମିଳିଛି ।

କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

# ବଳକା ଚାଉଳର ଉଠାଣ ଏବଂ ଯୋଗାଣ ଅବଧି ବୃଦ୍ଧି ସମ୍ପର୍କରେ ହସ୍ତକ୍ଷେପ ଲୋଡ଼ିଲେ

ଭୁବନେଶ୍ୱର, (ସବ୍ୟୁ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ, ସେ କେନ୍ଦ୍ର ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ନୂତନ



ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍ଡ୍ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପତ୍ର ତାଙ୍କୁ ପ୍ରଦାନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ପୁନର୍ବାର ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ, ରାଜ୍ୟରେ କିନ୍ତୁ ପ୍ରକୃତରେ ୬୨.୫୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି । ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଏଥିସହିତ, କଷ୍ଟମ୍ ମିଲ୍ଡ୍ ଚାଉଳର ବିତରଣ ସମୟସୀମା ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି । ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି । ଏହା ଓଡିଶାର ସଂରକ୍ଷଣ ଏବଂ ଆବଣ୍ଟନ ପରିଚାଳନାକୁ ସୁଗମ କରିବ । ଏହି ବୈଠକରେ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସଞ୍ଜୟ କୁମାର ସିଂହ, ଶକ୍ତି ବିଭାଗ ଶ୍ରୀ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ ।

## କଟକ ଭସାଣି ଗଣ୍ଡଗୋଳ

### ଇନ୍‌ଷ୍ଟାଗାମ୍‌ରେ ଉସୁକାଉଥିବା ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କଟକ ଭସାଣି ଗଣ୍ଡଗୋଳକୁ ସୋସିଆଲ୍ ମିଡିଆରେ ଦୁର୍ବୃତ୍ତମାନେ ଉସୁକାଉଥିବା କମିଶନରେଟ୍ ପୋଲିସ ଜାଣିବାକୁ ପାଇଥିଲା । ସୋସିଆଲ୍ ମିଡିଆ ପାଟ୍ରୋଲିଂ ହେବା ପରେ ଜଣକ ପରେ ଜଣେ ଅଭିଯୁକ୍ତ ଗିରଫ ହେଉଛନ୍ତି । ପୂର୍ବରୁ ୮ଜଣ ଗିରଫ ହୋଇଥିବା ବେଳେ ଜଗତସିଂହପୁରରୁ ଆଉ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି । ଗିରଫ ହୋଇଥିବା ନବମ ଅଭିଯୁକ୍ତ ଆର୍ସଦ ଅଲ୍ଲୀ ବୋଲି ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ସେ ଇନ୍‌ଷ୍ଟାଗାମ୍‌ରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଗଣ୍ଡଗୋଳକୁ ବଢାଇଥିଲା ।

ଭସାଣି ଗଣ୍ଡଗୋଳ ଉଗ୍ରରୂପ ନେବାରୁ କଟକରେ କର୍ଫ୍ୟୁ ଜାରି କରାଯାଇ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିଲା । ଏବେବି କଟକର ବିଭିନ୍ନ ଅଞ୍ଚଳରେ ପୋଲିସ ପଇଁତରା ମାରୁଛନ୍ତି । ସୋସିଆଲ୍ ମିଡିଆ ପାଟ୍ରୋଲିଂ ଜାରି ରହିଛି । ଯେଉଁମାନେ କଟୂ ମନ୍ତବ୍ୟ ଦେଇଥିବେ କିମ୍ବା କଟୂ ମନ୍ତବ୍ୟ ଦେବେ ସେମାନଙ୍କ ବିରୋଧରେ କମିଶନରେଟ୍ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ମିଳିଛି ।

# ଗୋମାଂସ ଜବତ, ଜଣେ ଗିରଫ

ଜଟଣୀ(ସବ୍ୟୁ): ଜଟଣୀ ଥାନା ପୁଲିସ ଗୋ-ମାଂସ ଚାଲାଣ ଅଭିଯୋଗରେ ଅଭିଯୁକ୍ତ ମହମ୍ମଦ ଜାହୁରକୁଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜଟଣୀ ଥାନାଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସଂପୃକ୍ତ ଥାନାର ପାଟ୍ରୋଲିଂ ଟିମ୍ ନିଜ ଅଂଚଳରେ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସଦସ୍ୟ ବେଆଇନ୍ ଗୋ-ମାଂସ ଚାଲାଣ କରୁଥିବା ଦର୍ଶାଇ ଜଣେ ଯୁବକଙ୍କୁ ବାଛରାପାଟଣା ହିଲ୍‌ପାର୍କ ନିକଟରେ ଅଟକ ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନା ଆଧାରରେ ପାଟ୍ରୋଲିଂ ଟିମ୍ ଅବିଳମ୍ବେ ଘଟଣାସ୍ଥଳରେ ପହଂଚି ଛାନ୍‌ଭିନ୍ କରିଥିଲେ । ଛାନ୍‌ଭିନ୍ ସମୟରେ ପାଟ୍ରୋଲିଂ ଟିମ୍ ଅଭିଯୁକ୍ତ ମହମ୍ମଦ ଜାହୁରଙ୍କ ହେପାଜତରୁ ଏକ ସ୍କୁଟି ଏବଂ ୨୦ କେଜି ଓଜନର ଏକ ଗୋମାଂସ ଭର୍ତ୍ତି ଅଖା ଜବତ କରିଥିଲେ । ପଚରାଉଚୁରା ବେଳେ ଅଭିଯୁକ୍ତ ଜଣକ ଏହି ଗୋମାଂସକୁ ନିଜ ଜ୍ଞାତସାରରେ ଯଦୁପୁର ଅଂଚଳକୁ ଚାଲାଣ କରୁଥିବା କଥା ସ୍ୱୀକାର କରିଥିଲେ ।

# ରାମାନୁଜନ ଛାତ୍ରାବାସ ପରିସରରେ ଶ୍ରୀନିବାସ ରାମାନୁଜନଙ୍କ ପ୍ରତିମୂର୍ତ୍ତି ଉନ୍ମଚିତ

ଭୁବନେଶ୍ୱର, (ସବ୍ୟୁ): ସର୍ବ ଭାରତୀୟ ସ୍ତରରେ ପାଞ୍ଚଟି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ମଧ୍ୟ ରୁ ୧୯୬୩ ରେ ପ୍ରତିଷ୍ଠିତ ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ ଅନ୍ୟତମ । ଏହି ଅନୁଷ୍ଠାନ ରେ ପୂର୍ବାଞ୍ଚଳ ରାଜ୍ୟ ମାନଙ୍କ ସହିତ ଆଣ୍ଡମାନ ନିକୋବର ର ଛାତ୍ର ଛତ୍ରୀମାନେ ସର୍ବ ଭାରତୀୟ ପ୍ରବଶେ ପରୀକ୍ଷାରେ କୃତିତ୍ୱ ହାସଲ କରି ଉତ୍ତମ ଶିକ୍ଷକ ହେବା ନିମନ୍ତେ ତାଲିମ ଗ୍ରହଣ କରିଥାନ୍ତି । ଏହି ପ୍ରତିଷ୍ଠାନ ଆବାସିକ ହୋଇ ଥିବାରୁ ଏହାର ପାଞ୍ଚଟି ଉଚ୍ଚମାନ ର ପ୍ରତିଷ୍ଠିତ ଛାତ୍ରାବାସ ଭାରତ ର ସୁଯୋଗ୍ୟ ସନ୍ତାନ ମାନଙ୍କ ନାମ ରେ ନାମିତ କରା ଯାଇଛି । ଉକ୍ତ ପ୍ରତିଷ୍ଠାନ ସ୍ଥିତ ପୂରାତନ ଛାତ୍ର ସଂଗଠନ ଆନିକୁଲ୍ୟ ରେ ରାମାନୁଜ ନ ହଷ୍ଟେଲ ପରିସର ରେ ଛାତ୍ର ସଂଗଠନ ର ସଭାପତି ଡ଼. ହାଡିବନ୍ଧୁ ପଟ୍ଟନାୟକ ଙ୍କ ସୌଜନ୍ୟ ରୁ ଶ୍ରୀନିବାସ ରାମାନୁଜ ଙ୍କ ପ୍ରତିମୂର୍ତ୍ତି ପ୍ରଫେସର୍ ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ,ଯୁଗ୍ମ ନିର୍ଦ୍ଦେଶକ, ନେସନାଲ କାଉନସିଲ ଅଫ ଏଡିକେସନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଙ୍ଗ,ନୂଆ ଦିଲ୍ଲୀ ଙ୍କ କର କମଳ ରେ ଉନ୍ମଚିତ ହୋଇ ଯାଇଛି । ଏହି ଉତ୍ସବରେ ପ୍ରତିଷ୍ଠାନ ର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ଏନସି ଇ ଆର ଟି ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି, ପ୍ରଫେସର ଲକ୍ଷ୍ମୀଧର ବେହେରା, ଅଧ୍ୟାପକ କଳିଙ୍ଗ କେତକୀ, ଅଧ୍ୟାପିକା ରଶ୍ମୀ ରେଖା ସେଠୀ, ପ୍ରଫେସର ରିତାଞ୍ଜଳି ଦାଶ, ଡ. ସୌରଭ କପୂର୍ ଓ ଅଧ୍ୟାପକ ଡ .ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ଯୋଗଦେଇ ଶୋଭା ବର୍ଦ୍ଧନ କାରିଥିଲ ।

ପ୍ରତିଷ୍ଠାନ ର ବରିଷ୍ଟ କର୍ମକର୍ତ୍ତା ଅଶୋକ ବଳିଆର ସିଂହ ଓ ପ୍ରଦୀପ କୁମାର ବେହେରା ଉନ୍ମଚନ ଉତ୍ସବ ସଞ୍ଚାଳନ ରେ ସହାୟତା କରିଥିଲେ । ଛାତ୍ରାବାସ ତତ୍ତ୍ୱାବଧାରକ ଡ. ମନୋଜ ଯାଦବ ଓ ଅନ୍ତେବାସୀ ଏହି କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ



ପରିଚାଳନା ରେ ସହାୟତା କରି ଥିଲେ । ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପୂରାତନ ଛାତ୍ର ସଂଗଠନ ତରଫ ରୁ କାର୍ଯ୍ୟକାରି ସଦସ୍ୟ ରାମ ଚନ୍ଦ୍ର ମିଶ୍ର, ଚକ୍ରଧର ଦାଶ, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ ,ଅରୁଣ କୁମାର ପତି ଓ ଉମା ଶଙ୍କର ମିଶ୍ର କାର୍ଯ୍ୟନିର୍ବାହ କରିଥିଲେ । ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ , ତାଙ୍କ ବାର୍ତ୍ତା ରେ ପୁରାତନ ଛାତ୍ର ସଂଗଠନ ର ଏହି ମହତ୍ କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହିତ ଏହି ପ୍ରତିମୂର୍ତ୍ତି ପୂଜା ପୂଜା ସଂସ୍କୃତି ସୁରକ୍ଷା ସହିତ ଭବିଷ୍ୟତ ପିଢ଼ି ର ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ପ୍ରଦାନ କରିବାରେ ସହାୟକ ହେବ ।

ଡ. ହାଡିବନ୍ଧୁ ପଟ୍ଟନାୟକ, ସଭାପତି ଶ୍ରୀନିବାସ ରାମାନୁଜଙ୍କ ସମ୍ବନ୍ଧ ରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଓ ବର୍ତ୍ତମାନ ପରିସ୍ଥିତି ରେ ନୈତିକ ଶିକ୍ଷା ର ଆବଶ୍ୟକତା ସମବନ୍ଧରେ ଦୃଢ଼ ମତ ପ୍ରକାଶ କରି ଥିଲେ । ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ ଉପସ୍ଥିତ ସମସ୍ତ ଶିକ୍ଷକ, ପ୍ରତିଷ୍ଠାନ ର କର୍ମଚାରୀ ଓ ଛାତ୍ର ଛାତ୍ରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ମୁଖ୍ୟ ଅତିଥି ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଶେଷ ମୁହୁର୍ତ୍ତ ରେ ଅନୁରୋଧ ରକ୍ଷା କରି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିବାରୁ ସଙ୍ଗଠନ ତରଫ ରୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଙ୍କ ପ୍ରେରଣା ଓ ସହାୟତା ଅନୁଷ୍ଠାନ ପାଇ ଚିରଦିନ ପାଥେୟ ହୋଇ ରହିବ ବୋଲି ପ୍ରସ୍ତାବ ରଖି ଥିଲେ ।

## ଦାଦାବଟି ଆଦାୟ ଅଭିଯୋଗରେ ୨ କୋର୍ଟ ଚାଲାଣ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ୩୧୬ ନଂ ପୁରୀ ଜାତୀୟ ରାଜପଥର ସାକ୍ଷୀଗୋପାଳ କଲେଜ ଛକରେ ଗାଡି ଅଟକାଇ ଦାଦାବଟି ଆଦାୟ କରୁଥିବା ଦୁଇ ଯୁବକଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ଅହମ୍ମଦପୁର ଗ୍ରାମର ଶେଖ ଇଦ୍ରିସ ଓ ମହମ୍ମଦ ଜାହିର । ସୋମବାର ଭୋର ସମୟରେ ସତ୍ୟବାଦୀ ଥାନା ପୋଲିସ ଏ ଏସ ଆଇ ମହେଶ୍ୱର ଦାସ ରାଜପଥରେ ପେଟ୍ରୋଲିଂ କରିବା ସମୟରେ ଖବରପାଇ ଘଟଣାସ୍ଥଳରେ ସଦଳବଳେ ପହଞ୍ଚି ଯୁବକ ଦ୍ୱୟଙ୍କୁ କାବୁ କରିଥିଲେ । ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଠେଙ୍ଗା, ୪୭୦ ଟଙ୍କା ଓ ଗୋଟିଏ ଟାଟା ଇଣ୍ଡ୍ରା ମାଲବାହୀ ଯାନ ଜବତ କରିଥିଲେ । ଉଭୟଙ୍କୁ ପୁରୀ କୋର୍ଟ ରେ ହାଜର କରବାପରେ ସେମାନଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି । ମହମ୍ମଦ ଜାହିର ଧାମରେ ସତ୍ୟବାଦୀ ଥାନାରେ ପୂର୍ବରୁ ଦୁଇଟି ମାମଲା ରହିଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ତଥା ତଦନ୍ତ ଅଧିକାରୀ ବିଜୟ କେତନ ବେହେରା ସୂଚନା ପ୍ରଦାନ କରିଥିଲେ । ଅଭିଯୁକ୍ତ ଦ୍ୱୟଙ୍କ ନାମରେ ସତ୍ୟବାଦୀ ଥାନାରେ ୩୭୦/୧୩-୧୦-୨୦୨୫ ନମ୍ବରରେ ମାମଲଶ ରୁଜୁ ହୋଇଛି ।

ନାହିଁ ନାହିଁ ରେ ଚାଲିଛି ଶିଶୁବାଟିକା

# ନା ଅଛନ୍ତି ଶିଶୁ ସେବିକା ନା ନିଯୁକ୍ତି ପାଇଲେ ତାଲିମ ପ୍ରାପ୍ତ ଶିକ୍ଷକ

କଟକ,(ସବ୍ୟୁ): ପ୍ରାଥମିକ ବିଦ୍ୟାଳୟରେ ଖଡ଼ି ଧରିବା ପୂର୍ବରୁ ଶିଶୁ ମାନଙ୍କୁ ବିଦ୍ୟାଳୟକୁ ଅଣାଯିବ ଓ ସେମାନଙ୍କୁ ଖେଳ, କୁଦ, ପଟୋଚିତ୍ର ଆଦି ଜରିଆରେ ଶିକ୍ଷା ଦେବା ଲକ୍ଷରେ ଆରମ୍ଭ ହୋଇଥିଲା 'ଶିଶୁ ବାଟିକା' । ଗତ ଏପ୍ରିଲ୍‌ରୁ କଟକ ଜିଲ୍ଲା ସମେତ ରାଜ୍ୟର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ଏହି 'ଶିଶୁ ବାଟିକା' ଆରମ୍ଭ ହୋଇଥିଲା । କିନ୍ତୁ ଇତିମଧ୍ୟରେ ୫ମାସ ବିତିଯାଇଥିଲେ ମଧ୍ୟ କୌଣସି ଗୋଟିଏ ବି 'ଶିଶୁ ବାଟିକା'ରେ ଜଣେ ବି ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଗଲା ନାହିଁ । ଆହୁରିମଧ୍ୟ ଜଣେ ବି ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ମିଳିପାରିଲା ନାହିଁ । ଫଳରେ ବିନା ଶିଶୁ ସେବିକା ଏବଂ ଶିକ୍ଷକଙ୍କ ଅଭାବରୁ ଏହି 'ଶିଶୁ ବାଟିକା' ଗୁଡ଼ିକ ଶ୍ରୀହୀନ ହୋଇପଡ଼ିଛି । ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ଲାଗି ଆରମ୍ଭ ହୋଇଥିବା ଏହି ଶିଶୁ ବାଟିକାର ନିଜ ମୁହଁ ଏବେ ଶୁଖିଗଲାଣି । ଇଂରାଜୀ ମାଧ୍ୟମ ଫର୍ମାଟରେ ପଢୁଥିବା ପିଲାମାନେ ପ୍ରଥମ ଶ୍ରେଣୀରେ ପ୍ରବେଶ ପୂର୍ବରୁ ପ୍ରାୟ ଦୁଇ/ତିନିବର୍ଷ ଶିକ୍ଷା ଗ୍ରହଣ କରୁଛନ୍ତି । ଏହି ଶିକ୍ଷାଦାନରେ ଓ ପିଲାମାନଙ୍କୁ ପଢ଼ାଇବା ଅପେକ୍ଷା ଖେଳ,କୁଦ, ଗପ, ଗୀତ ଆଦିରେ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଏହିସବୁ ମଧ୍ୟମ ଦ୍‌ବାରା ପିଲାମାନଙ୍କୁ ପାଠ ସହିତ ପରିଚିତ କରାଯାଇଥାଏ । ଓଡ଼ିଆ ମାଧ୍ୟମରେ ପିଲାମାନେ ସିଧାସଳଖ ପ୍ରଥମ ଶ୍ରେଣୀରୁ ପାଠ ପଢ଼ିବା ଆରମ୍ଭ କରିଥାନ୍ତି । ଅପରପକ୍ଷରେ ଏବେ ପ୍ରାଥମିକ ଶିକ୍ଷା ଆରମ୍ଭ ହେବାର ବୟସ ସୀମା ୭ ବର୍ଷକୁ ବୃଦ୍ଧି କରାଯାଇଛି । ଫଳରେ ୫ରୁ ୬ବର୍ଷ ବୟସ ପିଲାମାନଙ୍କୁ ଶିକ୍ଷା ସହ ବାନ୍ଧି ରଖିବା ପାଇଁ ପ୍ରଥମ ଶ୍ରେଣୀ ପୂର୍ବରୁ 'ଶିଶୁ ବାଟିକା' ଆରମ୍ଭ କରିବାକୁ ଯୋଜନା କରାଗଲା । କେନ୍ଦ୍ର ସରକାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କଲେ ଓ ନିୟମ ରହିଲା ଯେ, ପ୍ରତ୍ୟେକ ବିଦ୍ୟାଳୟରେ ଏହି ଶିଶୁ ବାଟିକା ଖୋଲାଯିବ । କିନ୍ତୁ ଯେଉଁଠି ଶିଶୁ ବାଟିକା, ପ୍ରଥମ ଶ୍ରେଣୀ ଏବଂ ଦ୍‌ବିତୀୟ ଶ୍ରେଣୀକୁ ମିଶାଇ ମୋଟ୍ ପିଲା ସଂଖ୍ୟା ୩୦ ବା ତାହାଠାରୁ ଅଧିକ ହେଉଥିବେ ସେହିସବୁ ବିଦ୍ୟାଳୟରେ ଜଣେ ଲେଖାଁଏ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯିବ । ଶିଶୁ ସେବିକାଙ୍କ କାମ ହେଉଛି ସେମାନେ ଶିଶୁ ବାଟିକାକୁ ଆସୁଥିବା ପିଲାଙ୍କ ଯତ୍ନ ନେବେ । ବିଦ୍ୟାଳୟରେ ଥିବାବେଳେ ପିଲାମାନଙ୍କୁ ଖୋଇବାରେ ସାହାଯ୍ୟ କରିବା, ସେମାନେ ଯଦି ଶୌଚ କରିବାକୁ ଚାହିଁବେ ସେଥିରେ ସାହାଯ୍ୟ କରିବେ, ପିଲାମାନେ ଖେଳକୁଦ କଲାବେଳେ ମଧ୍ୟ ସେମାନଙ୍କ ପ୍ରତି ଦୃଷ୍ଟି ଦେବା ଆଦି କାର୍ଯ୍ୟ ଶିଶୁ ସେବିକାଙ୍କ ଉପରେ ନ୍ୟସ୍ତ କରାଯାଇଛି । ଏହି ଶିଶୁ ସେବିକାଙ୍କୁ ନିଯୁକ୍ତି କାର୍ଯ୍ୟ ସ୍ଥାନୀୟ ଗ୍ରାମ୍ୟ କମିଟି ଉପରେ ନ୍ୟସ୍ତ କରାଯାଇଛି । ଅପରପକ୍ଷରେ ଜଣେ ତାଲିମ୍ ପ୍ରାପ୍ତ ଶିକ୍ଷକଙ୍କୁ ମଧ୍ୟ ଶିଶୁ ବାଟିକା ପାଇଁ ନିଯୁକ୍ତି ଦିଆଯିବ । ଏହି ଶିକ୍ଷକମାନେ 'ଅର୍ଲି ଚାଇଲଡ୍ ହୁଡ କେୟାର ଆଣ୍ଡ ଏଜୁକେସନ୍'(ଇସିସିଇ) ତାଲିମ୍ ନେଇଥିବେ । କଟକ ଜିଲ୍ଲାରେ ୩୪୮ଟି ବିଦ୍ୟାଳୟରେ ଏହି ଶିଶୁ ବାଟିକା ଖୋଲା ଯାଇଛି । ଅର୍ଥାତ ଏହି ସମସ୍ତ ବିଦ୍ୟାଳୟରେ ଶିଶୁ ସେବିକା ଏବଂ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା କଥା । ଗତ ଏପ୍ରିଲ୍‌ରୁ ଏହିସବୁ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ ହୋଇଯାଇଛି । ୫ରୁ ୬ବର୍ଷ ବୟସର ପିଲାମାନେ ମଧ୍ୟ ଶିକ୍ଷାଗ୍ରହଣ ଲାଗି ଆସୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଜଣେ ହେଲେ ବି ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇ ନାହିଁ କିମ୍ବା ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନାହିଁ । ଫଳରେ ଏହି ଶିଶୁମାନଙ୍କୁ ଉପଯୁକ୍ତ ଶିକ୍ଷା ମିଳିବପାରୁ ନାହିଁ । ଯେଉଁମାନେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦନ କରୁଥିଲେ ସେହିମାନଙ୍କ ଭରସାରେ ଶିଶୁ ବାଟିକା ଚାଲୁଛି । ଜଣେ ଶିକ୍ଷକ କହିଛନ୍ତି ଯେ, ଏମିତିରେ ଅଧିକାଂଶ ବିଦ୍ୟାଳୟରେ ପିଲାମାନଙ୍କ ତୁଳନାରେ ଶିକ୍ଷକଙ୍କ ସଂଖ୍ୟା କମ୍ ରହିଛି । ବହୁ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକଙ୍କ ପଦବୀ ପୂରଣ କରାଯାଉ ନାହିଁ । କେଉଁଠି ପାଞ୍ଚୋଟି ବିଦ୍ୟାଳୟ ପାଇଁ ମାତ୍ର ଜଣେ କି ଦୁଇଜଣ ଶିକ୍ଷକ ଅଛନ୍ତି । ଏଭଳି ସ୍ଥିତିରେ ଶିଶୁ ବାଟିକାକୁ ସେମାନଙ୍କ ଉପରେ ଲଦି ଦିଆଯିବା ଦ୍ୱାରା ସେମାନେ କେଉଁମାନଙ୍କ ଦାୟିତ୍ୱ ନେବେ ସେନେଇ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି ।

## ସାଇ ମନ୍ଦିର ହୁଣ୍ଡି ଚୋରି କରି ମା, ପୁଅ ଗିରଫ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ସ୍ଥାନୀୟ କଲେଜ ଛକ ନିକଟରେ ଥିବା ସାଇ ମନ୍ଦିରରୁ ଗତ ଶନିବାର ରାତିରେ ଚୋରି ହୋଇଥିବା ହୁଣ୍ଡି ଘଟଣାରେ ସୋମବାର ଦିନ ଚୋରି କରିଥିବା ମା ପୁଅଙ୍କୁ ନିରାକାରପୁର ଥାନା ପୋଲିସ ଗିରଫ କରି ସେମାନଙ୍କ ନିକଟରୁ ୧୮୧୦ ଟଙ୍କା ଓ ଦୁଇଟି ହୁଣ୍ଡି ଜବତ କରିଛି । ସୂଚନାଯୋଗ୍ୟ କି ଗତ ୧୧ ତାରିଖ ରାତିରେ ସ୍ଥାନୀୟ ସାଇ ମନ୍ଦିର ଗ୍ରିଲ ତାଲା କାଟି ଦୁଇଟି ଦାନବାକ୍ସ ( ହୁଣ୍ଡି ) କେହି ନେଇଯାଇଥିଲେ । ପରେ ଖବର ପାଇଁ ନିରାକାରପୁର ଥାନା ପୋଲିସ ଏସ ଆଇ ଦିପଳିଶା ନାୟକ ଓ ସଦଳବଳେ ଅନୁସନ୍ଧାନ କରି ୧୨ ତାରିଖରେ ଟାଙ୍ଗୀ ଥାନା ଭୂଷଣ୍ଡପୁର ଉରୁମୁଖି ଗ୍ରାମର ଜୟନ୍ତୀ ସିଂହ ଓ ସୁଜିତସିଂହ ଉଭୟ ମା ପୁଅଙ୍କୁ ନିରାକାରପୁର ନରେନ୍ଦ୍ରପୁର ସାହିରେ ରହୁ ଥିବା ଏକ ଭଡା ଘରୁ ଗିରଫ କରିବା ସହିତ ଦୁଇଟି ହୁଣ୍ଡି ଓ ୧୮୧୦ ଟଙ୍କା ଜବତ କରିଛନ୍ତି । ନିରାକାରପୁର ଥାନା କେସ ନଂ ୨୬୮/୨୫ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।

### ପୁରୀ ଠାରେ କାର୍ତ୍ତିକ ହବିଷିଆଳି ବ୍ରତ ୨୦୨୫ ପାଳନ

# ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଗଢ଼ି ତୋଳାଯିବ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ପୁରୀ ଠାରେ କାର୍ତ୍ତିକ ହବିଷ୍ୟାଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ନରେନ୍ଦ୍ର କୋଣ ସ୍ଥିତ ବୃନ୍ଦାବତୀ ନିବାସ ଠାରେ ଉପସ୍ଥିତ ରହି ହବିଷ୍ୟାଳି ମା'ମାନଙ୍କ ସହ ମିଶିଥିଲେ ଏବଂ ଏହି ଅବସରରେ ସେ କହିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ତ୍ତିକ ମାସ ହେଉଛି ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବରେ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଆ ମା'ମାନେ ଶତାବ୍ଦୀ ଧରି ହବିଷ ପାଳନ କରି ଆସୁଛନ୍ତି ଓ ଏହି ପାରମ୍ପରିକତା ଓଡ଼ିଶାର ନୈତିକ ଶକ୍ତିକୁ ପ୍ରତିନିଧିତ୍ୱ କରେ। ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଗାମୀ ବର୍ଷରୁ ହବିଷିଆଳୀ ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ। ଏହି ଅବସରରେ ଉଲ୍ଲେଖ କରିଥିଲେ ଯେ ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ। ସେ ଆଶା ବ୍ୟକ୍ତ କରିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ଓ ପ୍ରାର୍ଥନା ଓଡ଼ିଶାକୁ ଆଶୀର୍ବାଦ କରିବ ଏବଂ ସମାଜକୁ ଶାନ୍ତି, ପଥରେ ଆଗେଇ ନେବ।

ସେ କହିଥିଲେ ଯେ ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷିଆଳୀ ମା'ମାନଙ୍କ ପାଇଁ ସରକାର ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ — ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ ଓ ମୋଚିସାହି କଲ୍ୟାଣ ମଣ୍ଡପ — ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତ ବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିଲେ। ସେ ଆହୁରି କହିଥିଲେ ଯେ କାର୍ତ୍ତିକ ବ୍ରତ ହବିଷିଆଳୀ ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୋଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି, ଯାହା ହବିଷିଆଳୀ ମା'ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆବଶ୍ୟକ। ବକ୍ତବ୍ୟ ଶେଷରେ ସେ ସମସ୍ତଙ୍କୁ ଜଗନ୍ନାଥ ଧର୍ମର ଶିକ୍ଷା ଅନୁସରଣ କରିବାକୁ ଆହ୍ୱାନ କରିଥିଲେ ଓ ସମସ୍ତ ହବିଷିଆଳୀ ମା'ମାନଙ୍କୁ ପ୍ରଣାମ ଜଣାଇଥିଲେ ଏବଂ ସେମାନଙ୍କ ସହ ଫୋଟୋ ଉଠାଇବା ସହିତ ମାଆ ମାନଙ୍କ ସୁବିଧା ଅସୁବିଧା ବୁଝି କଥା ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସାଂସଦ, ଡାକ୍ତର ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ, ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା, ଉପାସନା ମହାପାତ୍ର, ଜିଲ୍ଲାପାଳ, ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ, ଓମ୍ ପ୍ରକାଶ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ, ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଆଇନଶୃଙ୍ଖଳା ନେଇ ନବୀନଙ୍କ ଉଦ୍‌ବେଗ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିରୋଧ ଦଳର ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଅଶାନ୍ତ ରହ୍ୟ ରାଜଧାନୀରେ ଖୁଲମଖୁଲା ଆତଙ୍କ ରାଜ ବଢୁଛି । ଲୋକଙ୍କୁ କିଏ ସୁରକ୍ଷା ଦେବ ?

ନବୀନ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ଗୋଟିଏ ଦିନରେ ଭୁବନେଶ୍ୱର ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ଭାବେ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖର ପୁରରେ ବିଭତ୍ସ ହତ୍ୟାକାଣ୍ଡ ସହ ରେଳଷ୍ଟେସନ୍‌ରେ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡାଇଗୋଡାଇ ମରଣାତ୍ମକ ଆକ୍ରମଣ କରିବା ସମସ୍ତଙ୍କ ଭିତରେ ଆତଙ୍କ ଖେଳାଇଦେଇଛି । କେବଳ ଘଟଣା ଘଟିବା ପରେ ପୋଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧିଙ୍କୁ ଭୟଶୂନ୍ୟ କରିଦେଇଛି । କଥାକଥାକେ ଦିବା ଲୋକରେ ଗୁଳି ଫୁଟୁଛି । ଅପରାଧି ଅବାଧ ଭାବେ ବୁଲୁଛନ୍ତି । ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ବେଳେ ସରକାର ସଜାଗ ନହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ନେତାଙ୍କୁ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ।

## ଆକ୍ରମଣ କରି ଟଙ୍କା, ମୋବାଇଲ ଲୁଟ

କଣ୍ଡାପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲା କଳସପୁର ଅନ୍ତର୍ଗତ ବଡ଼ମଙ୍ଗ ଗ୍ରାମର ବିଜୟ କୁମାର ରାଉତଙ୍କୁ ୨ଜଣ ଅସାମାଜିକ ଯୁବକ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିବା ଅଭିଯୋଗ ହୋଇଛି । ବିଜୟ ନିଜ ବାଇକରେ ଫୁଲନଖରା-ନିଆଳି ୬୦ ନମ୍ବର ରାଜ ରାଜପଥରେ ଅଡ଼ଶପୁରରୁ ଫୁଲନଖରା ଅଭିମୁଖେ ଯାଉଥିଲାବେଳେ କଣ୍ଡାପଡ଼ାଠାରୁ ୨ଜଣ ଦୁର୍ବୃତ୍ତ ବାଇକରେ ତାଙ୍କୁ ପିଛା କରିଥିଲେ । କୁଆଁରପୁର ନିକଟ ଏକ ନିଛାଟିଆ ସ୍ଥାନରେ ବିଜୟଙ୍କୁ ସେମାନେ ଅଟକାଇ ମାଡ଼ ମାରିବା ସହ ପାଖରେ ଥିବା ତିନି ହଜାର ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇ ଅଡ଼ଶପୁର ଦିଗରେ ଦ୍ରୁତଗତିରେ ପଳାଇଥିଲେ । ଏ ନେଇ ସେ ସ୍ଥାନୀୟ ଓଲଟପୁର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ବି ତାଙ୍କ ଅଭିଯୋଗକୁ ପୁଲିସ ରଖିନଥିଲା । ତେବେ ରସୁଲଗଡ଼ରେ ଅବସ୍ଥାନ କରୁଥିବା ବିଜୟ ମଞ୍ଚେଶ୍ୱର ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତଆରମ୍ଭ କରିଛି । ଅଭିଯୁକ୍ତ ଦୁଇଜଣ ନିଶାଖୋର ଏବଂ ବ୍ରାଉନସୁଗର କିଣିବା ପାଇଁ ଏପରି କାଣ୍ଡ କରିଥିବା ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳୁଛି ।

## ସତ୍ୟନଗର ଉନ୍ନୟନ ସାଂସ୍କୃତିକ ସମିତିର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନ ସତ୍ୟନଗର ଉନ୍ନୟନ ସାଂସ୍କୃତିକ ସମିତିର ବାର୍ଷିକ ଉତ୍ସବ ପଦ୍ମଶ୍ରୀ ପ୍ରଫୁଲ୍ଲକର ପାର୍କ ସତ୍ୟନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାଂସଦ ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ରହି ସବୁ ଧର୍ମ ଓ ସବୁ ବର୍ଗର ବ୍ୟକ୍ତି ବିଶେଷଙ୍କୁ ନିଜର ଦୈନନ୍ଦିନ ଜୀବନରେ କିପରି ସମାଜର ଉନ୍ନତି ନିମନ୍ତେ ଚିନ୍ତା କରିବା ସହ ନିଜକୁ ଉନ୍ନତ କରାଇବା ଏବଂ ଦେଶର ବିକାଶ ପଥରେ ସାମିଲ ହେବାର ମୂଲ୍ୟବାନ୍ ବକ୍ତବ୍ୟ ପ୍ରଦାନ କରି ନିଃସ୍ୱାର୍ଥ ଭାବେ କର୍ମ କରିବା ପାଇଁ କହିଥିଲେ। ପ୍ରତ୍ୟେକ ବ୍ୟକ୍ତିମାନଙ୍କ ସହ ସାକ୍ଷାତ୍ କରି ସେମାନଙ୍କର ସୁବିଧା ଅସୁବିଧାକୁ ସମାଧାନ କରିବାର ପଥ କାର୍ଯ୍ୟକାରୀ କରିଛନ୍ତି। ଶ୍ରୀ କିଶଳୟ ଘୋଷ ଓ ଶ୍ରୀ ଜୀବନ ସାହୁ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କର ଓଡ଼ିଶାର ଉନ୍ନତିକୁ ନେଇ ସମସ୍ତ କାର୍ଯ୍ୟକ୍ରମ ଉପରେ ଅବଗତ କରାଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଲୋକନାଥ ପଣ୍ଡା, ସମ୍ପାଦକ ରାଜେନ୍ଦ୍ର ଆଚାର୍ଯ୍ୟ, ନିବେଦିତା ଭଞ୍ଜ ନିଜର ବକ୍ତବ୍ୟ ମାଧ୍ୟମରେ ସତ୍ୟନଗରର ଉନ୍ନତିକୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଂସଦଙ୍କୁ ନିବେଦନ କରିବା ସହ ସମାଜର ଉନ୍ନତି ପାଇଁ




ନିଜର ଅବିଚ୍ଛିନ୍ନ ନିଷ୍ଠାପର ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମିଶ୍ର, ୟୁ.ସି. ପ...ନାୟକ ଓ ପ୍ରକାଶ ଚନ୍ଦ୍ର ସାମଲ ବକ୍ତବ୍ୟରେ କହିଛନ୍ତି କି ନାଗରିକମାନେ ସଚେତନ ହେଲେ ଏକ ଦୁର୍ନିତିମୁକ୍ତ ଦେଶ ଗଠନ ହୋଇପାରିବ। ସେଥିପାଇଁ ଆଗାମୀପିଢ଼ି ଙ୍କୁ ଉପଯୁକ୍ତ ପଥ ଦେଖାଇବା ମାତା ପିତାଙ୍କର କର୍ତ୍ତବ୍ୟ। ସତ୍ୟନଗରର ୪୭ଜଣ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ "ସୁବର୍ଣ୍ଣ ପ୍ରତିଭା ସମ୍ମାନ" ଓ ୨ଜଣ ଶିଶୁ କଳାକାର ଲାଶ୍ୟା ଓ ଦିଶିତାଙ୍କୁ "ଯୋଗ କଳାଶ୍ରୀ ସମ୍ମାନ " ପ୍ରଦାନ କରାଯିବା ସହ ୧୧ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନ୍ଦିରରୁ ୩୦ଲକ୍ଷର ଗହଣା ଚୋରି

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀର ଜନଗହଳିରେ ଥିବା ତାରିଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିରରୁ ସୁନା ଅଳଙ୍କାର ଓ ଅନ୍ୟାନ୍ୟ ବାସନକୁସନ ସବୁ ଲୁଟେରାମାନେ ଲୁଟି ନେଇଛନ୍ତି । ଲୁଟ୍ ହୋଇଥିବା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ୩୦ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କାର ହେବ ବୋଲି ମନ୍ଦିର କର୍ମକର୍ତ୍ତା ଗଣମାଧ୍ୟମକୁ କହିଛନ୍ତି । ଲୁଟ୍ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ମା'ତାରିଣୀଙ୍କ ସୁନା ନାକ, ଆଖି, ମଥାମଣି ଓ ଅନ୍ୟାନ୍ୟ ଗହଣା ସମେତ ବହୁ ସାମଗ୍ରୀ ରବିବାର ବିଳମ୍ବିତ ରାତିରେ ଲୁଟେରା ଲୁଟି ନେଇଛନ୍ତି । ସେହିପରି ପାଖରେ ଥିବା ଜଗନ୍ନାଥ ମନ୍ଦିରରୁ ଆଣ୍ଠୁଆ ଗୋପାଳ, ଦୀପ ଓ ଅନ୍ୟାନ୍ୟ ସମସ୍ତ ପୂଜା ସାମଗ୍ରୀ ଲୁଟ୍ ହୋଇଯାଇଛି । ସୋମବାର ପୂଜା କରିବା ପାଇଁ କୌଣସି ସାମଗ୍ରୀ ନଥିବାରୁ ନୂଆ ସାମଗ୍ରୀ କିଣାହେବା ପରେ ପୂଜା ହୋଇଛି । ପୋଲିସ ଏତଲା ଗ୍ରହଣ କରି ମାମଲା ରୁଜୁ କରିବା ସହ ସେହି ଅଞ୍ଚଳର ସିସିଟିଭି ପ୍ରଭୃତି ଫୁଟେଜ ଯାଞ୍ଚ କରି ତଦନ୍ତ ତ୍ୱରାନ୍ୱିତ କରିଛି ।

### ଦେଶବ୍ୟାପୀ 'ବିକଶିତ ଭାରତ ବିଲ୍ଡାଥନ୍ -୨୦୨୫' ଉଦ୍‌ଘାଟିତ

# 'ବିକଶିତ ଭାରତ ବିଲ୍ଡାଥନ୍' ନୂତନ ବିଶ୍ୱ ମଡେଲ୍ ତିଆରି କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): 'ବିକଶିତ ଭାରତ ବିଲ୍ଡାଥନ୍' ହେଉଛି ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବ ଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ । ଏହି ବିଲ୍ଡାଥନରୁ ତିଆରି ହେଉଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଦୃଷ୍ଟିକୋଣକୁ ଆଗକୁ ନେଇ ଏହି ବିଲ୍ଡାଥନ୍ ୨୦୨୫କୁ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଏବଂ ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଏହା ଭାରତର ବୃହତ୍ତମ ସ୍କୁଲ୍ ହାକାଥନ୍ । ଏହି ମେଗା ସ୍କୁଲ୍ ଇନୋଭେସନ୍ ପଦକ୍ଷେପରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଏଠାରୁ ସୃଷ୍ଟି ହୋଇଥିବା



ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ।

ଶ୍ରୀ ପ୍ରଧାନ ମଥୁରା ରୋଡ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଥିବା 'ବିକଶିତ ଭାରତ ବିଲ୍ଡାଥନ୍ - ୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା । ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ', ଏବଂ 'ସମୃଦ୍ଧି' ପରି ଚାରୋଟି ବିଷୟବସ୍ତୁ ଉପରେ କାମ କରିବେ । ଏହି କାର୍ଯ୍ୟକ୍ରମକ୍ରମ ଦେଶରେ ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଏବଂ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ, ଓ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବ । ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନେ ବିକଶିତ ଭାରତ ବିଲ୍ଡାଥନ୍ ପୋର୍ଟାଲ୍ (https://vbb.mic.gov.in/) ରେ ପଞ୍ଜିକରଣ କରିଥିଲେ । ଏହାର ଶେଷ ପର୍ଯ୍ୟାୟ ୨୦୨୬ ଜାନୁଆରୀରେ ଆୟୋଜନ ହୋଇ ଫଳାଫଳ ଘୋଷଣା ହେବ ଏବଂ ଶ୍ରେଷ୍ଠ ୧୦୦୦ରୁ ଅଧିକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି ।

### ଛାତ୍ରୀନିବାସରେ ପଶି ଅସଦାଚରଣ

# ଦୁର୍ବୃତ୍ତକୁ କାବୁ କରିବାକୁ ଯାଇ ଦୁଇ ଅନ୍ତେବାସିନୀ ଆହତ

ଭୁବନେଶ୍ୱର, (ସବ୍ୟୁ) : ରବିବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାରରେ ଥିବା ଏକ ଛାତ୍ରୀନିବାସରେ ଜଣେ ଦୁର୍ବୃତ୍ତ ପଶି ଅସଦାଚରଣ କରିଛି । ତାକୁ କାବୁ କରିବାକୁ ଯାଇ ଦୁଇଜଣ ଅନ୍ତେବାସିନୀ ଆହତ ହୋଇଥିବା ସୂଚନା ମିଳିଛି । ଛାତ୍ରୀନିବାସ ସୁରକ୍ଷା କର୍ମୀ ମୁଖ୍ୟ ଫାଟକ ବନ୍ଦ କରି ବିଶ୍ରାମ ନେଉଥିବା ବେଳେ ରବିବାର ରାତି ପ୍ରାୟ ୩ଟା ବେଳେ ନିଶାସକ୍ତ ଯୁବକ ପାଚେରି ଡେଇଁ ଭିତରକୁ ପଶିଥିଲା । ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବାରୁ ସେ ଭୟଭୀତ ହୋଇ ଟଏଲେଟ୍ ଭିତରକୁ ଯାଇ କବାଟ ଦେଇଦେଇଥିଲା । ଦୁର୍ବୃତ୍ତ ଉପାୟଶୂନ୍ୟ ହୋଇ ବନ୍ଦ ଥିବା ରୁମ୍‌ର କବାଟକୁ ବାଡେଇବାରୁ ୨/୩ଜଣ ଛାତ୍ରୀ କବାଟ ଖୋଲି ଯୁବକକୁ ଦେଖି ତାକୁ କାବୁ କରିବା ପାଇଁ ଉଦ୍ୟମ କରିଥିଲେ । ପେଲାଠେଲା କରିବା ସହ ଦୁର୍ବୃତ୍ତ ଜଣଙ୍କ ତାଙ୍କୁ ଧାରୁଆ ମାରଣାସ୍ତ୍ର ଦେଖାଇ ଖସିଯିବାରେ ସମର୍ଥ ହୋଇଥିବା ବେଳେ ଦୁଇ ଅନ୍ତେବାସିନୀ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ।

## ଡାକ୍ତର ପ୍ରଦୀପ୍ତ ଶେଖର ପାତ୍ରୋ ଇଣ୍ଡିଆନ୍ ଜର୍ନାଲ ଅଫ୍ ର୍ହ୍ୟୁମାଟୋଲୋଜି ଦ୍ୱାରା ସମ୍ମାନିତ



ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋଙ୍କୁ ଇଣ୍ଡିଆନ୍ ଜର୍ନାଲ ଅଫ୍ ର୍ହ୍ୟୁମାଟୋଲଜି ପକ୍ଷରୁ ସମ୍ମାନିତ କରାଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ହ୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପାତ୍ରୋଙ୍କୁ ନୂଆ ଦିଲ୍ଲୀ ଠାରେ ଅକ୍ଟୋବର ୯ ରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ର୍ହ୍ୟୁମାଟୋଲଜି ପକ୍ଷରୁ ଆୟୋଜିତ ନ୍ୟାସ୍‌ନାଲ୍ ର୍ହ୍ୟୁମାଟୋଲଜି କନଫରେନ୍ସ 'ଇରାକନ୍ ୨୦୨୫' ଅବସରରେ ଦ୍ୱିତୀୟଶ୍ରେଷ୍ଠ ଅରଜିନାଲ ରିସର୍ଚ୍ଚ ପେପର ଆୱାର୍ଡରେ ସମ୍ମାନିତ କରାଯାଇଛି। ପ୍ରଫେସର ପାତ୍ରୋଙ୍କର ଇମ୍ୟୁନୋଲଜି ଏବଂ ର୍ହ୍ୟୁମାଟୋଲଜି ଚିକିତ୍ସା ଏବଂ ରୋଗୀ ସେବା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ଏବଂ ସଫଳତା ରହିଛି।

## ଆଇନ୍ କାର୍ଯ୍ୟକାରି କରିବାକୁ ବରିଷ୍ଠ ନାଗରିକଙ୍କ ନିବେଦନକୁ ପ୍ରଶାସନିକ ଅଧିକାରୀଙ୍କ ଉପହାସ

ଖୋର୍ଦ୍ଧା, (ସବ୍ୟୁ) ପର୍ବ ପର୍ବାଣୀରେ ଦେବାଦେବୀଙ୍କ ବିସର୍ଜନ ଓ ବିବାହ ଶୋଭାଯାତ୍ରା ସମୟରେ ସଙ୍ଗୀତ ଓ ନୃତ୍ୟ ଆମ ସାମାଜିକ ଜୀବନର ଅଂଶ ବିଶେଷ। ମାତ୍ର ବିଗତ ବର୍ଷ ଗୁଡିକରେ ଛାତିଥରା ଓ ପ୍ରାଣଘାତି ଶବ୍ଦ ସୃଷ୍ଟିକାରୀ ଡିଜେ ଗାଡି ଯାଉଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ବୟସ୍କ ଓ ଅସୁସ୍ଥ ବ୍ୟକ୍ତି, ରୋଗୀ, ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଦେଉଥିବା ଯନ୍ତ୍ରଣାକୁ ବିଚାର କରି ଏଥିରୁ ନିବୃତ ରହିବା ନିମନ୍ତେ ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ ର ଜନସାଧାରଣ ଓ ବିଶେଷ କରି ଯୁବବର୍ଗଙ୍କୁ ନିବେଦନ କରିବା ସହିତ ଖୋର୍ଦ୍ଧା, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଶବ୍ଦ ପ୍ରଦୂଷଣ ଆଇନ୍ ଭଙ୍ଗକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ନିବେଦନ କରିଆସୁଅଛି। ଗତ ଗଣେଶ ପୂଜା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ପୂଜାରେ ଖୋର୍ଦ୍ଧା ସହରର ଯେଉଁ ପୂଜା କମିଟିର କର୍ମକର୍ତ୍ତା ବରିଷ୍ଠ ନାଗରିକ ମଂଚ ର ନିବେଦନକୁ ବିଚାର କରି ଡିଜେ ରୁ ନିବୃତ ରହି ପାରମ୍ପରିକ ଭାବରେ ବିସର୍ଜନ ଶୋଭାଯାତ୍ରା କରିଛନ୍ତି ସେମାନଙ୍କୁ ଅଭିନନ୍ଦନ ଜଣାଉଅଛି। ଓଡ଼ିଶା ସରକାରଙ୍କ ପରିବହନ ମନ୍ତ୍ରୀ, ଆଇନ୍ ଭଙ୍ଗକାରି ଡିଜେ ଗାଡି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସତ୍ୱେ ରାଜଧାନୀ ଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଅବସ୍ଥିତ ଖୋର୍ଦ୍ଧା ସହରରେ ଅବସ୍ଥାପିତ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଶବ୍ଦ ପ୍ରଦୂଷଣ ଆଇନ୍ ଭଙ୍ଗକାରିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ନୀରବ ଦର୍ଶକ ସାଜିବାକୁ ନେଇ ବରିଷ୍ଠ ନାଗରିକ ମଂଚ ଗଭୀର ଚିନ୍ତା ପ୍ରକଟ କରିଅଛି। ଆଜି ମଂଚର ବୈଠକ ଗୃହରେ ଏକ ଜରୁରୀକାଳିନ ସଭା ଆୟୋଜିତ ହୋଇ ଖୋର୍ଦ୍ଧା ସଦର ମହକୁମାରେ ଅବସ୍ଥାପିତ ବରିଷ୍ଠ ପ୍ରଶାସନିକ ଅଧିକାରୀବୃନ୍ଦ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

### କଳାହାଣ୍ଡି ଏବଂ ରାୟଗଡ଼ାର ୯୨ଟି ଗାଁରେ

# ବାର୍ଷିକ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ ଆରମ୍ଭ କରିଛି ବେଦାନ୍ତ ଲାଞ୍ଜିଗଡ଼

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଏହାର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ, ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ ଆଠଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିରର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି, ଯାହାର ଲକ୍ଷ୍ୟ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୯୨ଟି ଗାଁରେ ବୃଦ୍ଧ ବ୍ୟକ୍ତିଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଏବଂ ଜୀବନର ମାନ ଉନ୍ନତ କରିବା। ଏହି ପଦକ୍ଷେପ ଭବାନୀପାଟଣାର ଜଗନ୍ନାଥ ନେତ୍ରାଳୟ ସହିତ ମିଳିତ ଭାବରେ ପରିଚାଳିତ ହେଉଛି। ଅକ୍ଟୋବର ୨୦୨୫ରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆଠଟି ପର୍ଯ୍ୟାୟରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ ଆରମ୍ଭ କରାଯିବ, ଯାହା ଦ୍ୱାରା ଅନୁନ୍ନତ ସମ୍ପ୍ରଦାୟକୁ ମାଗଣା ପରାମର୍ଶ, ଅସ୍ତ୍ରୋପଚାର ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯିବ। ଏହାର ପ୍ରଥମ ପର୍ଯ୍ୟାୟରେ, ପ୍ରାୟ ୪୦ ଜଣ ରୋଗୀଙ୍କର ଅସ୍ତ୍ରୋପଚାର ହେବ। ଏହି ଅଭିଯାନର ଲକ୍ଷ୍ୟ ୨୦୨୬ ଆର୍ଥିକ ବର୍ଷରେ ୩୫୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା।

ସୁଲଭ ଏବଂ ଗୁଣାତ୍ମକ ଚକ୍ଷୁ ଚିକିତ୍ସା ଉପରେ ଦୃଢ଼ ଧ୍ୟାନ ଦେଇ, ବେଦାନ୍ତ ଲାଞ୍ଜିଗଡ଼ର ପ୍ରୋଜେକ୍ଟ ଆରୋଗ୍ୟ କଳାହାଣ୍ଡି ଏବଂ ରାୟଗଡ଼ାରେ ସ୍ୱାସ୍ଥ୍ୟସେବା ପାର୍ଥକ୍ୟକୁ ପୂରଣ କରିଚାଲିଛି। ଆଜି ପର୍ଯ୍ୟନ୍ତ, ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ଚକ୍ଷୁ ଚିକିତ୍ସା ହସ୍ତକ୍ଷେପ ୧,୭୦୦ରୁ ଅଧିକ ବ୍ୟକ୍ତିଙ୍କୁ ସେମାନଙ୍କର ଦୃଷ୍ଟିଶକ୍ତି ଫେରିପାଇବାରେ ସାହାଯ୍ୟ କରିଛି, ସେମାନଙ୍କୁ ସ୍ୱାଧୀନ ଜୀବନଯାପନ କରିବା ଏବଂ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟରେ ଅଧିକ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସଶକ୍ତ କରିଛି।

ଏହି ପଦକ୍ଷେପକୁ ପ୍ରଶଂସା କରି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ବେଦାନ୍ତ ଲାଞ୍ଜିଗଡ଼ରେ, ଆମର ସ୍ୱାସ୍ଥ୍ୟସେବା ପଦକ୍ଷେପଗୁଡ଼ିକ ଲୋକଙ୍କ ଜୀବନରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆଣିବା ପାଇଁ ତିଆରି କରାଯାଇଛି, ଯାହା ନିଶ୍ଚିତ କରେ ଯେ ସବୁଠାରୁ ଦୂରବର୍ତ୍ତୀ ସମ୍ପ୍ରଦାୟ ମଧ୍ୟ ଗୁଣାତ୍ମକ ଚିକିତ୍ସା ସେବା ପାଇପାରିବେ। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଠାରୁ ଆରମ୍ଭ କରି ମୋତିଆବିନ୍ଦୁ ଅସ୍ତ୍ରୋପଚାର ଭଳି ବିଶେଷ ହସ୍ତକ୍ଷେପ ପର୍ଯ୍ୟନ୍ତ ପ୍ରତିରୋଧକ ଏବଂ ଚିକିତ୍ସାମୂଳକ ଚିକିତ୍ସା ସହିତ ହଜାର ହଜାର ପରିବାରଙ୍କ ନିକଟରେ ପହଞ୍ଚିପାରିଛୁ। ପ୍ରତ୍ୟେକ ରୂପାନ୍ତରିତ ଜୀବନ ସୁସ୍ଥ, ଓ ସୁନ୍ଦର ସମ୍ପ୍ରଦାୟ ଗଠନ କରିବା ପାଇଁ ଆମର ମିଶନର ପ୍ରକୃତ



ପ୍ରଭାବକୁ ପ୍ରତିନିଧିତ୍ୱ କରେ।" ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ, ପ୍ରୋଜେକ୍ଟ ଆରୋଗ୍ୟ, ଏହି ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଆର୍ଥିକ ବର୍ଷ ୨୦୨୪-୨୫ରେ, ୬୬୦ରୁ ଅଧିକ ମୋବାଇଲ୍ ହେଲଥ ୟୁନିଟ୍ ପରିଦର୍ଶନ କରାଯାଇଥିଲା, ଯାହା ଦୂରଦୂରାନ୍ତ ଗ୍ରାମଗୁଡିକର ୨୦,୫୦୦ରୁ ଅଧିକ ଲୋକଙ୍କୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ସେବା ଯୋଗାଇ ଦେଇଥିଲା।

# ସୁରକ୍ଷା, ସମ୍ମାନ ଓ ଅଧିକାର ପାଇଁ ମାରିସାର ଆନ୍ଦୋଳନ ନିଷ୍ପତ୍ତି

ବାରିପଦା, (ସବ୍ୟୁ): ମାସ୍ ଆଦିବାସୀ ରିଭୋଲ୍ୟୁସନାରୀୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସମ୍ମିଳନୀରେ ନୂତନ ନେତୃତ୍ୱ ନିର୍ବାଚିତ ପରେ ପ୍ରଥମ ବୈଠକ ବାରିପଦା ନିକଟସ୍ଥ ହୋଲିପ୍ୟାଲେସ୍ତ ଖତପୁର ଠାରେ ଅନୁଷ୍ଠିତ ହୋଇଛି । ଉକ୍ତ ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ରାଜ୍ୟପରିଷଦରେ ଥିବା ନେତୃତ୍ୱମାନେ ଯୋଗଦେବା ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା, ଏଫ୍.ଏମ୍. ବିଶ୍ୱବିଦ୍ୟାଳୟ ବାଲେଶ୍ୱର, ଧରଣୀଧର ବିଶ୍ୱବିଦ୍ୟାଳୟର ଛାତ୍ର ନେତୃତ୍ୱମାନେ ଉପସ୍ଥିତ ରହିଥିଲେ । ଏହି ବୈଠକରେ ଓଡିଶାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅଲଚିକି ଶିକ୍ଷାଦାନକୁ ସୁନିଶ୍ଚିତ କରିବା ସମ୍ପର୍କରେ ଆଲୋଚନା ହେବା ସହିତ ଆସନ୍ତା ନଭେମ୍ବର ମାସରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ମେ୧୦୦ଜଣ ଛାତ୍ର ପ୍ରତିନିଧି ଭୁବନେଶ୍ୱର ଚ ଲୋର ଡାକରା ଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ଏକମାସ ଭିତରେ ବିଭିନ୍ନ କଲେଜୟୁନିଟର ଓ ଜିଲ୍ଲାୟୁନିଟର ସମ୍ମିଳନୀ ସମାପ୍ତ କରିବା ସହିତ ରାଜ୍ୟବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ । ଯେଉଁଥିରେ ରାଜ୍ୟର ଶିକ୍ଷାନୁଷ୍ଠାନରେ ଖାଲିପଡ଼ିଥିବା ପଦବୀ ପୂରଣ, ରାଜ୍ୟ ବଜେଟରେ ୪୦ଶତକଡା ଶିକ୍ଷା ପାଇଁ ଖର୍ଚ୍ଚ, ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ, ଛାତ୍ରସଂସଦ ନିର୍ବାଚନ ଆଦିକୁ ନେଇ ଏହି ଦସ୍ତଖତ ଅଭିଯାନ ଆରମ୍ଭ କରିବା ପାଇଁଆଲୋଚନାହୋଇଥିଲା । ମାତୃଭୂମି, ମାତୃଭାଷା, ଶିକ୍ଷା ଓ ପରମ୍ପରାକୁ ସଶକ୍ତ କରିବା ଲକ୍ଷରେ ନିଜର ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ । ବୈଠକରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଶ୍ୟାମ ସୁନ୍ଦର ହାଁସଦାଃ, ସୁନ୍ଦର ମୋହନ କିସ୍କୁ, ରାମଜୀହେମ୍ବ୍ରମ, ରାଜୁକିସ୍କୁ , ଅଜୟମାର୍ଣ୍ଡି, ବାପୁନଟୁଡୁ, ବାଇଧରସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । କମ୍ୟୁନିଟି ପୋଲିସ ପ୍ରୋଗ୍ରାମ ଆନୁକୂଲ୍ୟରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନାର ମିଳିତ ସହଯୋଗରେ ଆୟୋଜିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଗଞ୍ଜାମ ପୋଲିସ ଜିଲ୍ଲାର ଅତିରିକ୍ତ ଏସପି ରଂଜିତ କୁମାର ପୃଷ୍ଟି, ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରିଣୀ ବିଦ୍ୟା ଭାରତୀ ନାୟକ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସ୍ୱାଧୀନ କୁମାର ରଥଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ଡାକ୍ତରମାନେ ଯୋଗ ଦେଇ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା ।

# ତେଲ ବୋଝେଇ ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଭଞ୍ଜନଗର, (ସବ୍ୟୁ): ଏକ ତେଲ ବୋଝେଇ ଟ୍ୟାଙ୍କର ଧକା ରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ର ତାରାସିଂ ଥାନା ଅନ୍ତର୍ଗତ ଗାଲେରୀ ନିକଟ ରଙ୍ଗା ମେରୁ ବ୍ରିଜ୍ ନିକଟରେ ସୋମବାର ସକାଳ ୧୦ ଟା ରେ ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମୃତକ ଜଣକ ହେଲେ ସୋରିଷମୂଳି ଗ୍ରାମ ର ସୁବାସ ନାୟକଙ୍କ ପୁଅ ରାଜେଶ ନାୟକ (୨୦) । ସୋମବାର ସକାଳୁ ସେ ଗାଲେରୀ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇ ଘରକୁ ଫେରିବା ବାଟରେ ମେଗା ଜଳ ପ୍ରକଳ୍ପ ଢୋଲପିଟା ବ୍ରିଜ୍ ତଳକୁ ତେଲ ଟ୍ୟାଙ୍କର ସହ ମୁହାଁମୁହିଁ ଧକା ହୋଇଥିଲା । ଘଟଣାସ୍ଥଳରେ ହିଁ ରାଜେଶ ଙ୍କ ମୃତ୍ୟୁ ଘଟିଥିଲା । ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଦ୍ରୁତ ଗତିରେ ଗାଡି ଚଳାଇ ଚମ୍ପଟ ମାରିବାକୁ ଉଦ୍ୟମ କରିବାବେଳେ ବଦାଙ୍ଗୀ ନିକଟରେ ଲୋକମାନେ ଉକ୍ତ ଟ୍ୟାଙ୍କରକୁ ଧରି ପୁଲିସରେ ଜିମା ଦେଇଥିଲେ । ଦୁର୍ଘଟଣା ସଂପର୍କରେ ଖବର ପାଇ ଗାଲେରୀ ଫାଣ୍ଡି ଅଧିକାରୀ ବି ମଧୁବାବୁ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଏହାର ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛନ୍ତି ।

# ପଥର ଖାଦାନ ବନ୍ଦ ପାଇଁ ଧାରଣା ୫ମ ଦିନରେ

# ଧାରଣାରେ ସାମିଲ ହେଲେ ସ୍କୁଲ ଓ କଲେଜ ଛାତ୍ର/ଛାତ୍ରୀ



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଚାଂୟତ ଅଧିନ ଝରପୋଖରୀ ଗ୍ରାମବାସୀ ମାନେ ପଥର ଖାଦାନ ବନ୍ଦ ଦାବୀ ନେଇ ଦେଇଥିବା ଧାରଣା ଆଜି ପଚଂମ ଦିନରେ ପହଂଚିଛି । ଆଜି ଛୋଟ ଛୋଟ ସ୍କୁଲ ଛାତ୍ର/ଛାତ୍ରୀ ଏବଂ କଲେଜ ଛାତ୍ର/ଛାତ୍ରୀମାନେ ଏହି ଧାରଣାରେ ସାମିଲ ହୋଇଥିଲେ । ସେମାନେଙ୍କ ଗୋଟିଏ ଦାବୀ ପଥର ଖାଦାନ ବନ୍ଦ ହେଉ, ମରିବୁ ପଛେ ହଟିବୁ ନାହିଁ, ଯେତେ ଦିନ ପ୍ରର୍ଯ୍ୟନ୍ତ ପ୍ରଶାସନ ଏହି ପଥର ଖାଦାନ ବନ୍ଦ ହୋଇନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ । ଏପରିକି ବର୍ଷା ହେଉଥିବାରୁ ଟେଣ୍ଟ ତଳେ ବସି ମଧ ଶତାଧିକ ମହିଳା,ପୁରୁଷ ଓ ଛୋଟ ଛୋଟ ପିଲାମାନେ ଏହି ଧାରଣା ଦେଇଥିବା ଦେଖିବାକୁ ମିଳିଛି । ଆଜି ଘଟଣା ସ୍ଥଳରେ ପହଂଚିଥିଲେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ଓ ପୁଲିସ କର୍ମଚାରୀ । ଏହି ଆନ୍ଦୋଳନ ବନ୍ଦ ପାଇଁ ଅନୁରୋଧ କରିଥିଲେ ଏବଂ ସେମାନେ ପ୍ରଥମ ଦିନରେ ଯେଉଁ ତଦନ୍ତ କରିଥିଲେ ତାହାର ରିର୍ପୋଟ ଉପଜିଲାପାଳଙ୍କ ମଧ ପ୍ରଦାନ କରିଛନ୍ତି । କିନ୍ତୁ ଗ୍ରାମବାସୀମାନେ ଯେଉଁ ଦିନ ଏହି ଖାଦାନ ବନ୍ଦ କରାଯିବ ବୋଲି ଲିଖିତ ପ୍ରତିଶୃତି ମିଳିବ ନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ରୋକଠକ ଶୁଣାଇଥିଲେ । ଏପରିକି ଲିଜଧାରୀ ଜଣକ ଗ୍ରାମବାସୀଙ୍କୁ ଧମକ ଦେଉଥିବା କହିଥିଲେ । ଗତକାଲି ରାତ୍ରରେ ପ୍ରବଳ ବର୍ଷା ସତ୍ତ୍ୱେ ଧାରଣା ଜାରି ରହିଥିଲା ବେଳେ ଝରପୋଖରୀ ଗ୍ରାମର ଦୀପକ ପ୍ରଧାନ ଅସୁସ୍ଥ ହୋଇପଡିଥିଲେ । ଏପରିକି ରାତ୍ର ସମୟରେ ସେଠାରେ ରୋଷେଇ କରି ଖାଇ ଧାରଣା ଜାରି ରଖିଛନ୍ତି । ଆନ୍ଦୋଳନ ପାଇଁ ସେଠାରେ ପଥର ଖାଦାନ ବନ୍ଦ ରଖିବାକୁ ଖଣି ବିଭାଗ ପକ୍ଷରୁ ଲିଜ ଧାରୀକୁ କୁହାଯାଇଛି ବୋଲି କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି । ଲିଜଧାରୀ କେତେ ପରିମାଣର ଖାଦାନ କରିଛି ତାହାର ତଦନ୍ତ କରାଯିବ ବୋଲି କହିଥିଲେ । ସୂଚନା ଥାଉକି ଜୈନିକ ବ୍ୟକ୍ତି ପଥର ଖାଦାନ ପାଇଁ ଲିଜ ନେଇଥିଲେ ବି ଅହରହ ପଥର ଫୁଟେଇବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏପରିକି ଗ୍ରାମର ରାସ୍ତା ମଧ ନଷ୍ଟ ହେବାସହ ଯାତାୟତ ବେଳେ ଭୟ ମଧ ଲାଗୁଛି ବୋଲି କହିଛନ୍ତି । ତେଣୁ ଲିଜ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ ବାତିଲ କରିବା ଦାବୀ ହୋଇଛି । ଏହି ବନ୍ଦ ଦାବୀ ନେଇ ବହୁବାର ଜିଲାପ୍ରଶାସନକୁ ଅବଗତ କରାଇଥିଲେ କିନ୍ତୁ ସେମାନଙ୍କ ଦାବୀ କେହିହେଲେ ଶୁଣିଲେ ନାହିଁ । ଶେଷରେ ଗ୍ରାମବାସୀ ମାନେ ନିଜ ଘରେ ତାଲା ପକାଇ ଏଠାରେ କୁଆଁରି ବନ୍ଦ ଦାବୀ ନେଇ ଚଳିତ ମାସ ୯ ତାରିଖରୁ ଏହି ଧାରଣାରେ ବସି ରହିଛନ୍ତି । ଯେଉଁ ପର୍ଯ୍ୟନ୍ତ ଦାବୀପୂରଣ ହେବନାହିଁ ଏହି ଧାରଣା ଜାରି ରହିବ ବୋଲି କହିଥିଲେ ।

# ଜବାହରଲାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ଜବାହରଲାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନେଇ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବଡ଼ଖଲାଡି ସ୍ଥିତ ଜବାହରଲାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି କମିଟିର ସଭାପତି ଗୌରମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଯୋଗଦେଇ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ବିଦ୍ୟାଳୟର ହୀରକ ଜୟନ୍ତୀର ସଫଳତା କାମନା କରିଥିଲେ । କମିଟିର ସମ୍ପାଦକ ବିଦ୍ୟାଧର ବେହେରା ପ୍ରସ୍ତୁତି ବିଷୟରେ ସୂଚନା ଦେଇ ହୀରକ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତିଙ୍କ ସଦୟ ସମ୍ମତି ପାଇଁ ରାଷ୍ଟ୍ରପତି ଭବନ ସହ ଯୋଗାଯୋଗ ଜାରି ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ବେଣୁଧର ବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଉନ୍ମୋଚନ କରାଯିବାର ମଧ କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବକୁ ଏକ ମହୋତ୍ସବ ରୂପେ ପାଳନ କରିବା ସକାଶେ ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଜଗତସିଂହପୁର ଜିଲ୍ଲାର ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଆଦିକନ୍ଦ ବେହେରା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମଲୋଚନ ରଣା, ପ୍ରହ୍ଲାଦ ନାୟକ, ପ୍ରଶାନ୍ତ ପରିଡା, ସପନ କୁମାର ବେହେରା, ସଦାନନ୍ଦ ପୋଥାଳ, ପୁରୁଷୋତ୍ତମ ବେହେରା, ବାଇଧର ବେହେରା, ରୋହିତ କୁମାର ବେହେରା, ବିରଞ୍ଚି ବେହେରା, କୈଳାଶ ଚନ୍ଦ୍ର ବେହେରା, ଚିନ୍ତାମଣି ବେହେରା, ଲାଙ୍ଗ ମାଝୀ, ସୁକାନ୍ତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତ ଦେଇଥିଲେ । ଶେଷରେ ଗଦାଧର ବେହେରା ଉତ୍ସବର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାସ୍ତବ ପରିବାର ଓ ଆରକେ ଫାଉଣ୍ଡେସନ ପକ୍ଷରୁ ପିଆରଏମ ଡାକ୍ତରଖାନାକୁ ୫ଟି ଷ୍ଟ୍ରେଚର ଦାନ



ବାରିପଦା, (ସବ୍ୟୁ) : ବାରିପଦାର ଦୁଇ ପ୍ରମୁଖ ଅନୁଷ୍ଠାନ ବାସ୍ତବ ପରିବାର ଓ ଆର.କେ. ଫାଉଣ୍ଡେସନ ବିଭିନ୍ନ ସମୟରେ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । ପିଆରଏମ ଡାକ୍ତରଖାନାରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବାରୁ ଷ୍ଟ୍ରେଚାରର ଆବଶ୍ୟକତାକୁ ଉପଲବ୍ଧି କରି ଆଜି ଉଭୟ ଅନୁଷ୍ଠାନ ମିଳିତ ଭାବେ ରୋଗୀ ମାନଙ୍କୁ ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାପାଇଁ ୫-ଟି ଷ୍ଟ୍ରେଚାର ଦାନ କରିଛନ୍ତି । ବାସ୍ତବ ପରିବାରର ବରିଷ୍ଠ ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ୱର୍ଗତ ସୁନନ୍ଦନ ମିଶ୍ରଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏଭଳି ଜନହିତକର କାର୍ଯ୍ୟକ୍ରମ ପାଇଁ ଉଭୟ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ । ସମ୍ମାନିତ ଅତିଥି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ କିଶୋର କୁମାର ଆଚାର୍ଯ୍ୟ, ଡିପିଏମ ଅନିଲ କୁମାର ମହାନ୍ତି, ଡାକ୍ତରଖାନା ପରିଚାଳକ ଡଃ ଶ୍ରୀରାମ ମହାନ୍ତି ତଥା ଡଃ ଶତରୁପା ମିଶ୍ର, ସମାଜସେବୀ କାଶୀନାଥ ରଣା ଓ ସମ୍ବିତ ପତିଙ୍କ ଉପସ୍ଥିତିରେ ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଷ୍ଟ୍ରେଚର ଗୁଡିକୁ ଡାକ୍ତରଖାନାକୁ ପ୍ରଦାନ କରିଥିଲେ । ବାସ୍ତବ ପରିବାରର ସାଧାରଣ ସମ୍ପାଦକ ପ୍ରଦୀପ କିଶୋର ମହାନ୍ତି, ନନ୍ଦଲାଲ ମିଶ୍ର, ଚିନ୍ମୟ ଦାସ ପଟ୍ଟନାୟକ, ଜଗନ୍ନାଥ ମୁର୍ମୁ, ସୁକୁମାର ଆଢ୍ୟ, ତପନ ପଟ୍ଟନାୟକ, ଅନିଲ ପଣ୍ଡା, କାମିନୀକାନ୍ତ ମାଲାକାର, ବିନୋଦ କୁମାର ସାହୁ, ଶାନ୍ତନୁ ପାଢ଼ୀ, ସର୍ବତୋଷ ଦାଶ, ଜୟନ୍ତ ସେନାପତି, ଚକ୍ରଧର ମହାପାତ୍ର, ଅରୁଣ କୁମାର ପାତ୍ର, ଗଣେଶ ମହାପାତ୍ର, ସୁଧାଂଶୁ ଦାସ ଏବଂ ଆରକେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର କୁମାର ସେଠୀ, ସଦସ୍ୟ ସୋମନାଥ ସିଂହ, ଦୀପକ କୁମାର ମିଶ୍ର, ତରୁଣ ନାୟକ, ନୃସିଂହ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# କୋମାରେ ଗୋଳନ୍ଥରା ଅବକାରୀ ବିଭାଗ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଳନ୍ଥରା ଚଟି ଛକରେ ଅବସ୍ଥିତ ଥିବା ଅବକାରୀ ବିଭାଗ ନାମକୁ ମାତ୍ର ରହିଥିବା ପରି ମନେ ହେଉଛି । ଅଞ୍ଚଳର ଇନ୍ଦ୍ରାଖି, ତୁଲୁ ଅଞ୍ଚଳରେ ବ୍ୟାପକ ଭାବେ ବିଷାକ୍ତ ଦେଶୀ ମଦ ସହ ବିଦେଶୀ ମଦର ବିକ୍ରି ବହୁଳ ଭାବେ ଚାଲିଛି । ବିନା ସରକାରୀ ପଞ୍ଜିକରଣରେ ଖୁଲମଖୁଲା କିପରି ଚାଲିଛି ତାହା ଅଞ୍ଚଳର ବୁଦ୍ଧିଜୀବୀ ମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ମଦ ମାଫିଆଙ୍କ ଠାରୁ ମାସିକ ବଟି ନେଇ ଏହି ପରି ବେଆଇନ ମଦ ବିକ୍ରି ହେଉଛି ବୋଲି ସାଧାରଣ ରେ ଚର୍ଚ୍ଚା ହେବାରେ ଲାଗିଛି । ଗୋଳନ୍ଥରା ଅବକାରୀ ବିଭାଗର କାର୍ଯ୍ୟାଳୟ କେତେ ବେଳେ ଖୋଲୁଛି ଏବଂ କେତେବେଳେ ବନ୍ଦ ରହୁଛି ତାହା ଜଣା ବି ପଡୁନି । ଇନ୍ଦ୍ରାଖି ସହ ତୁଲୁ ଅଞ୍ଚଳରେ କେତେବେଳେ ଯେ ଚିକିଟି ମାଉନ୍ଦପୁର ଘଟଣାର ପୁନରାବୃତ୍ତି ନ ହେବ କିଏ କହି ପାରିବ । ମଦ ବେପାରୀ ଏବଂ ଅବକାରୀ ଅଧିକାରୀ ମାନେ ଆପୋଷ ବୁଝାବଣା ହୋଇ କିଛି ମଦ ଜବତ ସହ ଜଣେ ନିରୀହ ବ୍ୟକ୍ତିକୁ ଆତ୍ମ ସମର୍ପଣ କରାଇ ବେଲ କରାଇ ଦିଅନ୍ତି । ତେଣୁ ବେଳ ଥାଉ ଥାଉ ଯଦି ଅବକାରୀ ବିଭାଗ ସଚେତନ ନରହେ ତାହେଲେ ଯଦି କୌଣସି ପ୍ରକାରର ଅଘଟଣ ହୁଏ । ତା ହେଲେ ଅବକାରୀ ବିଭାଗ ଦାୟୀ ରହିବ ବୋଲି କିଛି ବରିଷ୍ଠ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

# ବିଜେପି ନେତା ସ୍ୱର୍ଗତ ପିତବାସ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା



ବ୍ରହ୍ମପୁର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ଆଇନଜୀବି, ବାର୍ କାଉନସିଲ ମେମ୍ବର ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ଶୋକ ସଭା ବିଜେପି ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଦଳୀୟ ଜିଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ପୀତବାସ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦଳୀୟ ନେତୃବୃନ୍ଦ ସ୍ୱର୍ଗତ ପୀତବାସ ପଣ୍ଡା ଜଣେ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢୁଥିବା ନିର୍ଭୀକ ସାହସିକତାର ବ୍ୟକ୍ତିତ୍ୱ ଥିଲେ । ଏହା ସହ ସେ ଜଣେ ଗରିବଙ୍କ ସହାୟକ ଏବଂ ଦରଦୀ ବନ୍ଧୁ ଭାବେ ପରିଚିତ ଥିଲେ । ଗତ ୬ ତାରିଖ କୁମାର ପୂର୍ଣ୍ଣିମା ରାତିରେ ତାଙ୍କ ଘର ନିକଟରେ ଦୁର୍ବୃତ୍ତ ମାନଙ୍କ ଗୁଳିରେ ନିହତ ହୋଇଥିଲେ, ଯାହାକି ଭାରତୀୟ ଜନତା ପାର୍ଟି ତଥା ସମଗ୍ର ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲା ବାସୀଙ୍କୁ ସ୍ତବ୍ଧ କରିଥିଲା । ଯୋଜନାବଦ୍ଧ ଭାବେ ଏହିପରି କାପୁରୁଷ କାର୍ଯ୍ୟ କରିଥିବା ଘଟଣାକୁ ସମସ୍ତ ଦଳୀୟ ନେତୃବୃନ୍ଦ ଦୃନିନ୍ଦା କରିବା ସହ ଗୁଳି କରିଥିବା ଦୁଇ ଜଣ ଅପରାଧୀଙ୍କ ସମେତ ପ୍ରଚ୍ଛଦପଟର ଖଳନାୟକଙ୍କୁ ତୁରନ୍ତ ଧରାଯାଇ ସେମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ରଖିଥିଲେ । ଆଜିର ଏହି ଶୋକସଭା କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ କାହ୍ନୁ ଚରଣ ପତି, ପୂର୍ବତନ ଜିଲ୍ଲା ସଭାପତି ଶିଶିର ପାଢ଼ୀ, ବରିଷ୍ଠ ଆଇନଜୀବି ତଥା ରାଜନୈତିକ ସମୀକ୍ଷକ ଅଜିତ ସାହୁ, ରାଜ୍ୟ ମିଡ଼ିଆ ପେନାଲିଷ୍ଟ ଟି.ଗୋପି, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟିତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ,ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ରଥ, ରାମ କୁମାର ପାତ୍ର, ଜିଲ୍ଲା ସମ୍ପାଦକ ପଦ୍ମ ଚରଣ ସାହୁ, ଲକ୍ଷ୍ମୀ ନାରାୟଣ ପଣ୍ଡା, ରନିଗର୍ଭା ସରସ୍ୱତୀ ଦେବୀ,ଏସ୍ ରାଣୀ, ନିବେଦିତା ପାଢ଼ୀ, ବାଳକୃଷ୍ଣ ସାମନ୍ତରାୟ, ଅଶୋକ ଶୁକ୍ଳା, ବନମାଳୀ ସେଠୀ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, କର୍ପୋରେଟର୍ ବନିତା ସାହୁ, ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ମୋନିତା ଦାଶ, ଜଗନ୍ନାଥ ଜେନା, ସୁମନ୍ତ ସାହୁ, ରାମକୃଷ୍ଣ ପଟ୍ଟନାୟକଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରି ଅମରଆତ୍ମାର ସଦଗତି କାମନା ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ରାଧାକୃଷ୍ଣ ପାଠାଗାର ଠାରେ ସାଧାରଣ ଶିକ୍ଷା ସ୍ଥିତି ଓ ଭବିଷ୍ୟତ ସମ୍ପର୍କିତ ଆଲୋଚନା ଚକ୍ର

ଭଞ୍ଜନଗର, (ସବ୍ୟୁ): ରାଧାକୃଷ୍ଣ ପାଠାଗାର ଠାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ସାଧାରଣ ଶିକ୍ଷା ବ୍ୟବସ୍ଥା, ସ୍ଥିତି ଓ ଭବିଷ୍ୟତ ସଂପର୍କିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । କେ.ଏସ.ୟୁ.ବି. ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି, ଗୋବରା ମହିଳା ମହବିଦ୍ୟାଳୟର ଅଧାପିକା ଡ. ନଳିନୀପ୍ରଭା ଦାସ, ସମ୍ମାନିତ ଅତିଥି ଓ ସୁରଜ୍ ମଲ୍ଲ ସାହା ମହାବିଦ୍ୟାଳୟ, ପୁରୀର ପ୍ରାକ୍ତନ ସୁରେନ୍ଦ୍ର କୁମାର ଜେନା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପାଠାଗାରର ଶୁଭେଚ୍ଛୁ ଦିବଂଗତ କୃଷ୍ଣ ବାଡତ୍ୟାଙ୍କ ସ୍ମୃତିରେ ଏକ ମିନିଟ ନିରବତା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରସଙ୍ଗ କ୍ରମେ କହିଥିଲେ ଯେ, ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ସବୁ ବେଳେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଥିବା ଏକ କ୍ଷୁଦ୍ର ଦେଶ ଜାପାନ ଶିକ୍ଷାକୁ ଗୁରୁତ୍ୱ ଦେଇ ଏକ ବିକଶିତ ରାଷ୍ଟ୍ର ରୂପେ ଉଭା ହୋଇଛି । ତତ୍ ସଙ୍ଗେସଙ୍ଗେ ନାଗରିକମାନେ ମାନବୀୟ ଗୁଣର ଅଧିକାରୀ ହୋଇପାରିଛନ୍ତି । ଡ. ନଳିନୀପ୍ରଭା ଦାସ ଶିଶୁ ଶିକ୍ଷା ପରିବାରରୁ ଆରମ୍ଭ ହୁଏ ବୋଲି କହିଥିଲେ । ରାଜ୍ୟସ୍ତରୀୟ ଛାତ୍ର ପ୍ରତିନିଧି ଚନ୍ଦନ ସାହୁ ପ୍ରକାଶ କରିଥିଲେଯେ, ନୂତନ ଶିକ୍ଷାନୀତି ୨୦ ୨୦ କେନ୍ଦ୍ର ସରକାର ରାଜ୍ୟ ମାନଙ୍କର ସହମତି ବିନା ସଙ୍ଘୀୟ ବ୍ୟବସ୍ଥାକୁ ବେଖାତିରି କରି ପ୍ରଚଳନ କରିଛନ୍ତି । ମୁଖ୍ୟବକ୍ତା ସୁରେନ୍ଦ୍ର କୁମାର ଜେନା କହିଥିଲେ ଯେ, ଦେଶର ଶାସନାଧୀନ ସରକାରଙ୍କ ଆଦର୍ଶ ଓ ଆଭିମୁଖ୍ୟକୁ ନେଇ ଶିକ୍ଷା ନୀତି ନିର୍ଦ୍ଧାରଣ ଓ ପ୍ରଣୟନ ହୁଏ । ଆମ ଦେଶର ବିଦ୍ୟାଳୟ ଶିକ୍ଷା ଓ ବୈଷୟିକ ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ବହୁଳ ଭାବେ ଧନୀ ଶ୍ରେଣୀର ଲୋକଙ୍କ ଦ୍ୱାରା ପରିଚାଳିତ ହେବା ଫଳରେ ସାଧାରଣ ପରିବାରର ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ଲୁଟିବା କୁଟିବାର ଶିକାର ହେଉଛନ୍ତି ବୋଲି ପ୍ରକାଶ କରିଥିଲେ । ପ୍ରସଙ୍ଗ କ୍ରମେ ମୁଖ୍ୟବକ୍ତା କହିଥିଲେ ପ୍ରାଥମିକ ସ୍ତରରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ମାଗଣା, ବାଧ୍ୟତାମୂଳକ ଓ ବୈଜ୍ଞାନିକ ଭିତ୍ତିକ ହେବା ଉଚିତ । ଅନୁଷ୍ଠାନ ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼ ଓ ଉପସଭାପତି ପଦ୍ମଚରଣ ପ୍ରଧାନ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ । ଆମ୍ବେଦକରବାଦୀ ସୁଧୀର ନାୟକ, କୃଷକ ସଭାର ସଭାପତି ମୁଗୁନା ଗମାଙ୍ଗ ଓ ସମ୍ପାଦକ ଦୀନବନ୍ଧୁ ଜେନା, ଶିକ୍ଷକ ଭଞ୍ଜକିଶୋର୍ ପ୍ରଧାନ, ଜୟରାମ ଗୌଡ଼, ମୋହନ ସାହୁ, ଯୁବ କଂଗ୍ରେସ ନେତା ସୁକାନ୍ତ ଦିଗାଲ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ ତାରିଣୀ ନାୟକ, କୃମି କ୍ଷେତ୍ରୀୟ ସଂସ୍ଥାର ସମ୍ପାଦକ ବୈଦ୍ୟନାଥ ପ୍ରଧାନ, କୃଷକ ନେତା ଉଳା ସେଠି, ଛାତ୍ର ନେତା ଉତ୍ତମ ପ୍ରଧାନ, ଛାତ୍ରୀ ତପସ୍ୱିନୀ ନାୟକ, କୃଷ୍ଣ ନାୟକ ସମେତ ବହୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପାଠାଗାରର ସମ୍ପାଦକ ଭଞ୍ଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡ ଦ୍ୱାରା

# ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସଚେତନତା ଉପରେ ବାଇକ୍ ରାଲି

ବ୍ରହ୍ମପୁର, (ସବ୍ୟୁ): ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡ, ସଭାପତି ଲାୟନ୍ ଲୋକନାଥ ପାତ୍ରଙ୍କ ନେତୃତ୍ୱରେ, ରବିବାର ଇଞ୍ଜିନିୟରିଂ ସ୍କୁଲ ଛକ ଠାରୁ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡ ପର୍ଯ୍ୟନ୍ତ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସଚେତନତା ଉପରେ ଏକ ବାଇକ୍ ରାଲି ଆୟୋଜନ କରିଥିଲା । ସଭାପତି ଶ୍ରୀ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରି ଥିଲେ । ଏହି ରାଲିର ଲକ୍ଷ୍ୟ ଥିଲା ଚାପ, ଅବସାଦ ଏବଂ ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇବାର ଗୁରୁତ୍ୱ ଉପରେ ସଚେତନା କରିବା । ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରିସଂଖ୍ୟାନ ଉପରେ ଆଲୋକପାତ କରିଥିଲେ ଯେ ବିଶ୍ୱରେ ପ୍ରତି ଆଠ ଜଣଙ୍କ ମଧ୍ୟରୁ ଜଣେ ମାନସିକ ବିକାରଗ୍ରସ୍ତ, ଏବଂ ଭାରତର ସଚେତନତା ଏବଂ ପରାମର୍ଶ ପଦକ୍ଷେପ ଯେପରିକି ଟେଲି-ମାନସ୍ (ହେଲ୍ପଲାଇନ୍ ୧୪୪୧୬) ପାଇଁ ବଢୁଥିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୂପେଶ କୁମାର, ଇ. ଡିଲେସ୍ୱ ରେଡ୍ଡୀ ଦୀନବନ୍ଧୁ ଗୌଡ଼ା, ସ୍ୱର୍ଣ୍ଣ ପ୍ରଭା ମିଶ୍ର (କୋଷାଧ୍ୟକ୍ଷ), ଡକଫର ଟି. ଓମପ୍ରକାଶ, ଅମର ପାତ୍ର, ସୁନିଲ ପଟ୍ଟନାୟକ ଏବଂ ସତ୍ୟ ପ୍ରସାଦ ଉପସ୍ଥିତ ଥିଲେ । ଲିଓ କ୍ଲବରୁ, ରୁଦ୍ର ପ୍ରସାଦ ନାୟକ (ସଭାପତି), ନିବେଦିତା, ଲିଓ ମନୀଷା (ଉପସଭାପତି), ଏବଂ ଲିଓ ସନ୍ଧ୍ୟା (କୋଷାଧ୍ୟକ୍ଷ) ଯୁବ ଅଂଶଗ୍ରହଣକାରୀଙ୍କ ନେତୃତ୍ୱ ନେଇଥିଲେ । ବିଏନ ପୁର ପୋଲିସ ଷ୍ଟେସନର ଏଏସଆଇ ରଞ୍ଜିତ ସାମଲଙ୍କୁ ତାଙ୍କ ସମର୍ଥନ ପାଇଁ ସମ୍ମାନିତ କରାଯାଇଥିଲା ଏବଂ ପୋଲିସ ଦଳ କାର୍ଯ୍ୟକ୍ରମକୁ ସୁଗମ ପରିଚାଳନା ସୁନିଶ୍ଚିତ କରିଥିଲା । ରାଲିରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋକପାତ କରୁଥିବା ପ୍ଲାକାର୍ଡ ଏବଂ ବ୍ୟାନର ପ୍ରମୁଖ ଭାବରେ ପ୍ରଦର୍ଶିତ ହୋଇଥିଲା । ଲାୟନ୍ସ, ଲିଓ ସଦସ୍ୟ ଏବଂ ବିଭିନ୍ନ କଲେଜର ଛାତ୍ରଙ୍କ ସମେତ ୫୦ ରୁ ଅଧିକ ବାଇକର୍ ଏବଂ କାର ପ୍ଲାକାର୍ଡ ଏବଂ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ଧରି ଅଂଶଗ୍ରହଣ କରିଥିଲେ । ଏଏସଆଇ ରଞ୍ଜିତ ସାମଲଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ସୁଗମ ଆଚରଣ ସୁନିଶ୍ଚିତ କରିଥିଲେ ଏବଂ ସେମାନଙ୍କ ସମର୍ଥନ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

# ବିଶ୍ୱ ଆଶାବାଡ଼ି ଦିବସ

# ମୁଷ୍ଟିମେୟ ସାଧକ ହିଁ ସମାଜର ମୋଡ଼ ବଦଳାଇପାରିବେ : ଡ଼. ପ୍ରସାଦ




ବ୍ରହ୍ମପୁର, (ସବ୍ୟୁ) : ଆମ୍ବପୁଆସ୍ଥିତ ସିଟି କଲେଜ ପରିସରସ୍ଥ ସୋସାଇଟି ଫର ଦି ଡିଜେବଲ, ଆଶ୍ରା କ୍ଲବ, ଭିଉମର ମିଳିତ ଉଦ୍ୟମରେ ବିଶ୍ୱ ଆଶାବାଡ଼ି ଦିବସ ପାଳିତ ହୋଇଯାଇଛି । ସୋସାଇଟି ଫର ଦି ଡିଜେବଲର ପ୍ରତିଷ୍ଠାତା ସଭାପତି ରାଷ୍ଟ୍ରପତି ପଦକ ହାସଲ କରିଥିବା ଡ଼. ବିଜୟ କୁମାର ରଥ ଅଧ୍ୟକ୍ଷତା କରି ଏହି ଦିବସର ତାତ୍ପର୍ଯ୍ୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ଭିଉମର ସେକ୍ରେଟାରୀ ପ୍ରଫେସର ଡ଼. ଏମ୍ବିଏନଭି ପ୍ରସାଦ ଯୋଗଦେଇ କିଛି ମୁଷ୍ଟିମେୟ ସାଧକ ହିଁ ସମାଜର ମୋଡ଼ ପରିବର୍ତ୍ତନ କଲା ଭଳି ଆଜିର ସମାଜରେ ମଧ କିଛି ଲୋକ ଏହି ଦାୟିତ୍ୱ ଗ୍ରହଣ କରି ଦୃଷ୍ଟିହୀନମାନଙ୍କ ସମସ୍ୟା ସମାଧାନ କରି ବ୍ୟକ୍ତିଙ୍କ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ ନକରି ସମାଜର ପରିବର୍ତ୍ତନ ପାଇଁ ଉଦ୍ୟମ କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଭିଉମର ଅଧ୍ୟକ୍ଷ ଡ଼. ଜି. ଉଶ୍ୱର ରାଓ, ଉପାଧ୍ୟକ୍ଷ ପ୍ରଫେସର ଶ୍ରୀନିବାସ ରାଓ, ଡ଼. ସୂର୍ଯ୍ୟମଣି ବେହେରା, ଅନୁପ କୁମାର ପଣ୍ଡା, ଡ଼. ଗୀତାଞ୍ଜଳି ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ସିଟି କଲେଜର ବି. ମୁରଲୀ, ଅଭିନ୍ନ ନନ୍ଦ ଉପସ୍ଥିତ ଥିଲେ । ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱର୍ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଆଶାବାଡ଼ି, ଶୀତବସ୍ତ୍ର ଓ ଦୃଷ୍ଟିହୀନମାନଙ୍କ ପାଇଁ ବ୍ୟବହୃତ ହେଉଥିବା ବ୍ରେଲ ଲିପିରେ ହନୁମାନ ଚାଳିଶା, ଲକ୍ଷ୍ମୀପୁରାଣ ପ୍ରଭୃତି ଉପହାର ପ୍ରଦାନ କରାଯାଇଥିଲା । ଡ଼. ଆଲୋକ ସାମନ୍ତରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପିଇବା ପାଣି ପାଇଁ ଜାତୀୟ ରାଜପଥ ଅବରୋଧ



ଦାନଗଦି(ସବ୍ୟୁ) ଦାନଗଦୀ ବ୍ଲକ ଚାନ୍ଦିଆ ପଂଚାୟତର ଗୋଲାଗାଁ ନୂଆସାହିର ମହିଳାମାନେ ଡୁବୁରି - ଚଣ୍ଡିଖୋଲ ୫୩ ନମ୍ବର ଜାତୀୟ ରାଜପଥର ଗୋଲାଗାଁ ଛକଠାରେ ରାସ୍ତା ଉପରେ ଗରା,ମାଣ୍ଡିଆ, ଓ ବାଲ୍ଟି ରଖି ସୋମବାର ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ସୂଚନା ମୁତାବକ ଗୋଲାଗାଁ ନୂଆସାହିରେ ୩୦/୪୦ ପରିବାର ବସବାସ କରିଥାନ୍ତି। ସେମାନଙ୍କର ବିଶୁଦ୍ଧ ପିଇବା ପାଣି ପାଇଁ ଘୋର ଅସୁବିଧା । ସରକାର ଓ ଜିଲା ପ୍ରଶାସନ ନିକଟରେ ଗୁହାରି କଲେ ମଧ୍ୟ ଏସମ୍ପର୍କରେ କୌଣସି ସୁଫଳ ମିଳିନଥିଲା। ବିଶୁଦ୍ଧ ପାଣି ପିଇ ଏହି ଗ୍ରାମର ଅଧିକାଂଶ ପୁରୁଷମାନେ କୀଡନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହାରିଥିଲେ । ଧାରଣାକାରୀଙ୍କ ନିକଟରେ ଦାନଗଦୀ ବ୍ଲକ ଏବିଡିଓ ଦିବ୍ୟାକାନ୍ତ ମିଶ୍ର ପହଂଚି ପ୍ରତିଶୃତି ଦେଇଥିଲେ ଖୁବଶିଘ୍ର ପିଇବା ପାଣିର ବ୍ୟବସ୍ଥା କରାଯିବ । ପ୍ରତିଶୃତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଘଟଣା ସ୍ଥଳରେ କଳିଙ୍ଗନଗର ଥାନା ପୁଲିସ ଉପସ୍ଥିତ ଥିଲେ । ରାସ୍ତା ଅବରୋଧ ଯୋଗୁଁ ଯାନବାହନ ଗୁଡ଼ିକ ଅଟକି ରହିଥିଲା ।

# ଜାତୀୟ ରାଜପଥ କଡ ରେଷ୍ଟୁରାଣ୍ଟରେ ନିମ୍ନମାନର ଖାଦ୍ୟ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ଜାରକା ଅଂଚଳରେ ଥିବା ରେଷ୍ଟୁରାଣ୍ଟ ଗୁଡିକ ରେ ବାସି ଖାଦ୍ୟ ସହ ନିମ୍ନମାନର ଖାଦ୍ୟ ପରସାଯାଉଥିବା ନେଇ ଗ୍ରାହକ ଅଭିଯୋଗ କରିଛନ୍ତି। ଷୋହଳ ନମ୍ବର ଜାତୀୟ ରାଜପଥ ଜାରକା ରୁ ଚଣ୍ଡିଖୋଲ ଏବଂ କୁଆଖିଆ ରାସ୍ତା ପାର୍ଶ୍ୱରେ ଅନେକ ରେଷ୍ଟୁରାଣ୍ଟ ଖୋଲା ଯାଇଛି। ସାଧାରଣ ଲୋକ ଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ଭେରାଇଟି ର ନାମ ସାଙ୍ଗ କୁ ବଡ ବଡ଼ ନାମ ଫଳକ ଲଗା ଯାଇଛି। ଖାଲି ଏତିକି ନୁହେଁ ରାସ୍ତା ପାର୍ଶ୍ୱରେ ଗ୍ରାହକ ମାନଙ୍କୁ ରେଷ୍ଟୁରଂଟକୁ ହାତ ଠାରି ଡକା ଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଯାହା ଫଳରେ ଲୋକେ ସେଠାକୁ ଯିବାକୁ ବାଧ ହେଉଛନ୍ତି। କିନ୍ତୁ ଯିବା ପରେ ଶାନ୍ତି ବଦଳରେ ଅଶାନ୍ତି ହୋଇ ଫେରୁ ଛନ୍ତି। କେବଳ ସେତିକି ନୁହେଁ ବରଂ କିଛି ଗ୍ରାହକ ପରିବାର ନେଇ ଯାଇଥିବା ବେଳେ ରେଷ୍ଟୁରଂଟ ମାଲିକ ଓ କର୍ମଚାରୀ ଙ୍କ ଦାଦାଗିରି ର ଶିକାର ହେଇଥିବା କିଛି ଗ୍ରାହକ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ କାଏମା ଅଂଚଳର ଚିନ୍ମୟ ବେହେରା ଓ ତାଙ୍କ ସାଙ୍ଗମାନେ କୌଣସି ସ୍ଥାନ କୁ ବୁଲି ଫେରିବା ସମୟ ରେ ଜାରକା ରଥିଆ ଛକ ନିକଟ ରେ ଥିବା ଏକ ରେଷ୍ଟୁରାଣ୍ଟ ରେ ଖାଇବା ପାଇଁ ପହଁଚି ଥିଲେ। ନିଜ ମନ ମୁତାବକ ଖାଇବା ପାଇଁ ଖାଦ୍ୟ ମଗାଇ ଥିଲେ । ତେବେ ସେଠାରେ ତାଙ୍କୁ ବାସିଖାଦ୍ୟ ପରସା ଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ପରସି ଥିବା ଖାଦ୍ୟ ରୁ ବାସି ଦୁର୍ଗନ୍ଧ ବାହାରୁଥିବା ଚିନ୍ମୟ ଓ ସାଙ୍ଗ ମାନେ କର୍ମଚାରୀ ଙ୍କୁ ଡକାଇ କହିଥିଲେ ଏବଂ ରେଷ୍ଟୁରାଣ୍ଟ ମାଲିକ ଙ୍କୁ ମଧ୍ୟ ଜଣାଇ ଥିଲେ। କିନ୍ତୁ ରେଷ୍ଟୁରାଣ୍ଟ ମାଲିକ ଖାଦ୍ୟ ଭଲ ଥିବା କହିଥିଲେ ଏବଂ ତାଙ୍କ ସହିତ ଖରାପ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି । ନିଜ ସମ୍ମାନ ରକ୍ଷା କରି ଚିନ୍ମୟ ଓ ଉପସ୍ଥିତ ସାଙ୍ଗ ମାନେ ଖାଦ୍ୟ ନ ଖାଇ ମଗାଇ ଥିବା ଖାଦ୍ୟ ର ମୂଲ୍ୟ ଦେଇ ଫେରିଆସିଥିଲେ। ରେଷ୍ଟୁରାଣ୍ଟ ମାଲିକଙ୍କ ଏଭଳି ଦାଦାଗିରିକୁ ସାଧାରଣରେ ନାପସନ୍ଦ କରାଯାଇଛି। ଗତ ଜୁନ ମାସରେ ଖାଦ୍ୟ, ପାନୀୟ ଜଳ ଦୂଷିତ କାରଣରୁ ଧର୍ମଶାଳା ଅଂଚଳରେ ହଇଜା ବ୍ୟାପିବା ଫଳରେ ପରିସ୍ଥିତି ସାଙ୍ଘାତିକେ ହୋଇ ପଡ଼ିଥିଲା । ଯାହା ଫଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ,ରେଷ୍ଟୁରାଣ୍ଟ ଗୁଡ଼ିକରେ ଚଢାଉ କରାଯାଇ ବାସି ଖାଦ୍ୟ ପରସା ଯାଉଥିବା ଜଣାପଡିଥିଲା । ବିଭାଗ ପକ୍ଷରୁ ଉକ୍ତ ହୋଟେଲ ଗୁଡିକୁ ସିଲ୍ ମଧ୍ୟ କରାଯାଇଥିଲା। ତେବେ ଇତି ମଧ୍ୟରେ ଚାରି ମାସ ବିତିଯାଇଛି ଏବଂ ହୋଟେଲ,ରେଷ୍ଟୁରାଣ୍ଟ ଗୁଡ଼ିକ ରେ ପୁନର୍ବାର ପୂର୍ବ ସ୍ଥିତି ଉପୁଜିଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ଅବସ୍ଥାରେ ଖାଦ୍ୟ ସୁରକ୍ଷା ବିଭିଗ ପକ୍ଷରୁ ପପୂନର୍ବାର ଚଢାଉ କରାଯିବା ଆବଶ୍ୟକ ହୋଇପଡିଛି ।

# ଇଟିକା ଧକ୍କାରେ ବାଇକ ଆରୋହୀ ଓ ସହଯାତ୍ରୀ ଗୁରୁତର

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ବାଇକରେ ରାସ୍ତା ପାର ହେଉଥିବା ବେଳେ ଦୁଇଜଣଙ୍କୁ ଇଟିକା କାର ଧକ୍କା ଦେବାରୁ ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଥାନା ଗାଡିରେ ଯାଜପୁର ମୁଖ୍ୟ ଚିକତ୍ସାଳୟରେ ଭର୍ତି କରିଛି । ପ୍ରକାଶଯେ ଆଜି ସନ୍ଧ୍ୟା ସାଢେ ୭ଟା ସମୟରେ ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ଲକ୍ଷ୍ମୀ ଭଷାଣୀ ଚାଲିଥିବା ବେଳେ ଚାନ୍ଦପୁର ଗ୍ରାମର ଭରତ ସାହୁ ଓ ଲକ୍ଷ୍ମୀଧର ପରିଡାଙ୍କ ପୁଅ ଅଭିଜିତ ପରିଡା (୨୮)ଏକ ବାଇକରେ ଚାନ୍ଦପୁର ଡାଇଭରସନ ପାରହେଉଥିବା ବେଳେ ପାଣିକୋଇଲି ପଟୁ ଯାଇଏକ ଇଟିକା କାର ସେମାନଙ୍କୁ ଧକ୍କା ଦେଇଥିଲା । ଭରତଙ୍କ ଗୋଡରେ ଇଟିକା ଚଢିଯାଇଥିବା ବେଳେ ଅଭିଜିତଙ୍କୁ କାର ବାଡେଇ ଦେଇଥିଲା । । ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ । ଘଟଣାସ୍ଥଳେ ପୁଲିସ ପହଂଚି ସବଇନ୍ସପେକ୍ଟ ବିଶ୍ୱରଂଜନ ଦାସ ଥାନା ଗାଡିରେ ତତ୍‌କ୍ଷଣାତ ଗୁରୁତର ଦ୍ୱୟଙ୍କୁ ଯାଜପୁର ମୁଖ୍ୟ ଚକିତ୍ସାଳୟକୁ ନେଇଯାଇଥିଲେ । ଘଟଣାସ୍ଥଳେ ଉତେଜନା ଦେଖାଦେଇଥିଲା । ଏମିତିକି କିଛି ସମୟ ପାଇଁ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ । ପୁଲିସ ସେମାନଙ୍କୁ ବୁଝାସୁଝା କରି ଗାଡି ଚଳାଚଳ ସ୍ୱାଭାବିକ କରିଥିଲା ।

# ପାରିନୁଆପଡାରେ ମାଗଣା ସ୍ୱାସ୍ଥ୍ୟସେବା

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ପାରିନୁଆପଡା ହାବଲଗଣ୍ଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପୂର୍ଣ୍ଣ ଚନ୍ଦ୍ର ଫାଉଣ୍ଡେସନ ବେକମ ଇନଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲି. ଆୟୋଜନା ରେ ଏକ ମାଗଣାସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜକନିକା ବ୍ଲକ ବିଜେଡି ଯୁବ ସଂଗଠକ ପବିତ୍ର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣ ଚନ୍ଦ୍ର ଫାଉଣ୍ଡେସନ ପ୍ରାଇଭେଟ ଲି. ର ପ୍ରୋଜେକ୍ଟ ମ୍ୟାନେଜର ଗୁମ୍ଫା ସ୍ୱାମୀ କାଲିପିଣ୍ଡ, ଜିଲ୍ଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା,ଆଠପାଟଣା ବୀଣାପାଣି ସାଂସ୍କୃତିକ ପରିଷଦର ସଭାପତି ରାହାସି ହାରୀ ପରିଡା, ଶିକ୍ଷାବିତ ସଞ୍ଜୟ କୁମାର ବରଜ, ରାଜକନିକା ବ୍ଲକ ଯାତ୍ରା ମହାସଂଘର ସହ ସମ୍ପାଦକ ଦେବାନନ୍ଦ ପରିଡା ପ୍ରମୁଖ ଯୋଗ ଦେଇ ରୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ଅସ୍ଥି ସଲ୍ୟ ବିଭାଗ ବିଶେଷଜ୍ଞ ଡା, ଶିବାଶିଷ ମେର୍ଦ୍ଧା,ମେଡ଼ିସିନ ବିଶେଷଜ୍ଞ ଡା.ସ୍ମିତ ସ୍ୱାଗତ ପରିଡା, ଛାତି ଓ ଫୁସ ଫୁସ ବିଶେଷଜ୍ଞ ଡା.ସୁମନ୍ତ ଭୋଇ, ଆଖି ରୋଗ ବିଶେଷଜ୍ଞ ଡା.ଅଭିଳାଷ ମହାନ୍ତି ପ୍ରମୁଖ ଯୋଗ ଦେଇ ୨୪୦ରୁ ଉର୍ଦ୍ଧ୍ୱ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରିନୁଆପଡା ଗ୍ରାମ ପଞ୍ଚାୟତ ର ୫୦ ରୁ ଉର୍ଦ୍ଧ୍ୱ ଯୁବକ ସହଯୋଗ କରିଥିଲେ ।

# ମଧୁବନ କ୍ଲଷ୍ଟରସ୍ତରୀୟ ସୁରଭି

କୁଆଖିଆ,(ସବ୍ୟୁ):ରସୁଲପୁର ବ୍ଲକ ଅନର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ବଡ଼କଇଁଚି ଓ ମଧୁବନପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି କ୍ଲଷ୍ଟର ସ୍ତରୀୟ ସୁରଭି ଉଦଯାପିତ ହୋଇଯାଇଛି । ଏହାକୁ ଏ ବି ଇ ଓ ଅରୁଣ କୁମାର ସେଠି ଉଦଘାଟନ କରି ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ମହୋତ୍ସବ ସୁରଭିର ଉପାଦେୟତା ଉପରେ କହିଥିଲେ । ଏଥିରେ ଅତିଥି ଭାବେ ଏ ବି ଇ ଓ ଶାନ୍ତିଲତା ରାଉତ ,ପୂର୍ବତନ ବି ଆର ସି ପ୍ରଦୀପ କୁମାର ସାମଲ ଯୋଗ ଦେଇଥିଲେ । ସି ଆର ସି ସି ରମେଶ ସ୍ୱାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭରେ ୧୪ ସ୍କୁଲର ୧୭୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଆଜି ଉଦଯାପନୀରେ ଏ ବି ଇ ଓ ଡ଼ଃ ପ୍ରଭଞ୍ଜନ ପତି ଯୋଗଦେଇ ସୁରଭିର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରି ସୁରଭି ଉପରେ କହିଥିଲେ । ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକ ସୁବାସି ସାହୁ, ଗୋବିନ୍ଦ ଦ୍ୱିବେଦୀ, ମିତାରାଣୀ ସେଠି, ଅକ୍ଷୟ ବରାଳ, ବିଜୟ ସାମଲ, ନୀଳାଦ୍ରି ତନୟା ଦେଓ, ମହେଶ୍ୱର ପଣ୍ଡା, ପ୍ରଭାତ ଚନ୍ଦ, ପ୍ରକାଶ ତରାଇ, ଅନ୍ୟ ଶିକ୍ଷକ ମିଶି ପରିଚାଳନା କରିଥିଲେ ।

# ବାଇକ ଦୁର୍ଘଟଣାରେ ଗୁରୁତର

ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ା ଥାନା ଅଧୀନ ବାଲିଗଡା ନିକଟରେ ରବିବାର ରାତ୍ରିରେ ଘଟିଛି ଅଭାବନୀୟ ଘଟଣା । ଗାଡି ଚାଳକ ଶିବ ଦାସ ଓଡ଼ି୨୯ପି ୧୯୦୮ ନଂ ବାଇକ ଚଳାଇ ଜମ୍ବୁ ମାର୍ଶାଘାଇ କେନାଲ ରାସ୍ତାରେ ମହାକାଳପଡ଼ା ପଟୁ ପାଲି ଆଡ଼କୁ ଯାଉଥିଲେ । ଯିବା ବାଟରେ ବାଲଗଡା ନିକଟରେ ଭାରସାମ୍ୟ ହରାଇ ବାମ ପଟ କେନାଲ କୂଳରେ ଥିବା ଗଛରେ ପିଟି ଦେଇଥିଲେ । ବାଇକ ଟି ଏତେ ଜୋର ରେ ପିଟି ହୋଇଯାଇଥିଲା ଯେ ଚାଳକ ଙ୍କ ମୁଣ୍ଡ ରେ ଜୋରରେ ଆଘାତ ଲାଗିବା ସହିତ ବାମ ଗୋଡ଼ ମଧ୍ୟ ଗୁରୁତର ଭାବେ ମାଡ଼ ହୋଇଥିଲା । ଦୁର୍ଘଟଣା ସ୍ଥଳରେ ଅନ୍ୟ ବାଟୋଇ ମାନେ ପହଂଚି ବୁଝା ବୁଝି କରିବା ସହିତ ଚାଳକଙ୍କ ଘର ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ପଲ୍ଲୀଗଡ଼ ବୋଲି ଜାଣିବାକୁ ପାଇଥିଲେ । ଏନେଇ ଶିବଙ୍କ ଘରକୁ ଖବର ଦେବା ସହିତ ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇଥିବାର ଜଣାପଡିଛି । ସୋମବାର ସୁଦ୍ଧା କଟକ ଡାକ୍ତରଖାନା ରେ ଶିବ ଚିକିତ୍ସାଧୀନ ଥିବାର ଜଣାପଡିଛି ।

# ଚିତ୍ତରଞ୍ଜନ ସେବା ସଦନରେ ଏଣିକି ଇଏସଆଇ ସେବା ଉପଲବ୍ଧ



ଭୁବନେଶ୍ୱର (ସବ୍ୟୁ ):କଟକ ଜିଲ୍ଲା ନିଆଳି ଠାରେ ଚିତ୍ତରଞ୍ଜନ ସେବା ସଦନ ରେ ଇ ଏ ସ ଅ ଇ କାର୍ଡଧାରୀମାନଙ୍କୁ ଏଣିକି ଇଏସଆଇ ସେବା ଉପଲବ୍ଧ ହେବ । ତା ୨୬.୯.୨୦୨୫ ଠାରୁ ଚିତ୍ତରଞ୍ଜନ ସେବା ସଦନ ଭାରତ ସରକାରଙ୍କ ବୀମା କମ୍ପାନୀ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ନ୍ୟାସନାଲ ଇନସୁରାନ୍ସ, ଓରିଏଣ୍ଟାଲ ଇନସୁରାନ୍ସ, ୟୁନାଇଟେଡ଼ ଇଣ୍ଡିଆ ଇନସୁରାନ୍ସର ସ୍ୱାସ୍ଥ୍ୟ କାର୍ଡରେ ବିନାମୂଲ୍ୟରେ ଚିକିତ୍ସା ଉପଲବ୍ଧ ହେଉଛି । ଇଏସଆଇ ସେକେଣ୍ଡାରୀ ହସ୍ପିଟାଲ ଭାବେ ଚିତ୍ତରଞ୍ଜନ ସେବାସଦନ ରାଜ୍ୟ ସରକାରଙ୍କ ସହ ଅନୁବନ୍ଧିତ ହୋଇଛି । ଯେଉଁ ମାନଙ୍କର ଇଏସଆଇ କାର୍ଡ ଥିବ ସେମାନେ ୫ଟି ବିଭାଗ ମେଡ଼ିସିନ, ସର୍ଜରୀ, ଗାଇନିକ, ପେଡ଼ିଆଟ୍ରିକ, ଏବଂ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ଓ ଅପରେସନ ସୁବିଧା ବିନା ଖର୍ଚ୍ଚରେ ଅଳ୍ପ ଦିନପରେ ପାଇପାରିବେ । ଯାହା ଦ୍ୱାରା ଗ୍ରାମାଞ୍ଚଳରେ ଇ ଏସ ଆଇ କାର୍ଡ ପରିବାର ଗୁଡିକ ବିଶେଷ ଉପକୃତ ହେବେ ।

# ମରଣଯନ୍ତା ପାଲଟିଛି କଟକ -ପାରାଦୀପ ରାସ୍ତା

## କାର୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ଥାନା ଅନ୍ତର୍ଗତ କଟକ -ପାରାଦୀପ ରାସ୍ତାର ଗୋକୁଳପୁର ଗହନିଗଡା ନିକଟରେ ଏକ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ କୁଜଙ୍ଗ ଥାନା ବଳରାମପୁରର ସୁମନ୍ତ ଗ୍ରହାଚାର୍ଯ୍ୟ (୫୫) । ସେ ଏହି ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମରେ ଦୀର୍ଘଦିନ ହେବ ଭଡାରେ ରହିଆସୁଥିଲେ । ରଘୁନାଥପୁର ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାର ନଂ ଓଡି ୩୩ ଏଏନ ୮୬୪୧ଜବତ କରି ଚାଳକ ମହାକାଳପଡ଼ା ଥାନା ରାମନଗର ଅଞ୍ଚଳର ଗୋପାଳ ମାଇତିକୁ ଅଟକ ରଖିଛି । ମୃତ ସୁମନ୍ତଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ ନଂ ୨୨୧/୨୫ ଅନୁଯାଇ ତଦନ୍ତ ଜାରି ରଖିଛି । ସବୁଦିନ ପରି ସୁମନ୍ତ ସାଇକେଲରେ ତାରପୁର ବାଇପାଶ ସ୍ଥିତ ନିଜ ଚଷମା ଦୋକାନକୁ ଯାଉଥିବାବେଳେ କଟକ ପଟୁ ଆସୁଥିବା କାରଟି ତାଙ୍କୁ ସମ୍ମୁଖରୁ ଧକ୍କାଦେଇ କିଛି ବାଟ ପର୍ଯ୍ୟନ୍ତ ଘୋଷାଡି ନେଇଥିଲା । ଫଳରେ ସୁମନ୍ତଙ୍କ ପଛମୁଣ୍ଡ ରାସ୍ତାରେ ପିଟିହୋଇ କ୍ଷତାକ୍ତ ହୋଇଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏଏସଆଇ ଅଯୋଧ୍ୟା ନାୟକ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡ଼ିକାଲକୁ ପଠାଇଥିଲେ। ବ୍ୟବଚ୍ଛଦ ପରେ ସୁମନ୍ତଙ୍କ ମୃତଦେହକୁ ନିଜ ଜନ୍ମମାଟି ବଳରାମପୁର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସୂଚନାଯୋଗ୍ୟ, ଦ୍ରୁତଗାମୀ ଓ ବେପରୁଆ ଗାଡି ଚାଳନା ଯୋଗୁଁ କଟକ - ପାରାଦୀପ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ରଘୁନାଥପୁର ବଜାର ସମେତ ଅନେକ ସ୍ଥାନରେ ସ୍ପିଡିବ୍ରେକର ହମ୍ପସ ନିର୍ମାଣ ପାଇଁ ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ଜଗନ୍ନାଥପୁର ସରପଂଚ ଜଗବନ୍ଧୁ ମଲ୍ଲିକ , ରଘୁନାଥପୁର ସରପଂଚ ସୁଚିତ୍ରା ପଣ୍ଡା , ଧରାଧରପୁର ସରପଂଚ ନଳୀନିପ୍ରଭା ମୁଦୁଲି, ପୁରଣ ଓଡ଼ପଡ଼ା ସରପଂଚ ଶିବରାମ ସାହୁ, ଗୁଆଳିପୁର ସରପଂଚ ମନୋଜିନି ସାହୁ, ଛପଡ଼ା ସରପଂଚ ଅମୀତା ଖୁଣ୍ଟିଆଙ୍କ ସମେତ ଅଂଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଯୁଗ୍ମ ଜନଅଭିଯୋଗ ଶୁଣାଣି : ୧୮ ଟିର ତତ୍କାଳ ଫଇସଲା



ବ୍ୟାସନଗର / ଯାଜପୁରସଦର,(ସ.ବ୍ୟୁ):ଯାଜପୁର ଜିଲା ପ୍ରଶାସନ ଯାଜପୁର କେ.ଏନ୍.ଡିଏ ସମ୍ମିଳନୀ କକ୍ଷ କଳିଙ୍ଗନଗର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରି ଯେଉଁମାନେ ଯୋଗ୍ୟ ଅର୍ଟି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ଅମ୍ବର କୁମାର କର ପ୍ରକାଶ କରିଥିଲେ । ଆଜି ମୋଟ ୫୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ଗୋଟି,ଗୋଷ୍ଠିଗତ ସମସ୍ୟା ୪ଗୋଟି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଗୋଟି ର ଶୁଣାଣୀ କରାଯାଇଥିଲା । ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରିମାଲ୍ ,ଅତିରିକ୍ତ ଜିଲାପାଳ ପ୍ରଶାସନର ଯୁଧିଷ୍ଠିର ନାୟକ,ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଦେବୀ ପ୍ରସାଦ ମର୍ହା,ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ,ଉପଜିଲାପାଳ ଯାଜପୁର ତାପସ ରଂଜନ ଦେଉରୀ,ଅତିରିକ୍ତ ତହସିଲଦାର ବ୍ୟାସନଗର ପ୍ରଶା' କୁମାର ପୁହାଣ,ଜିଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର,ଜିଲା ସ୍ତରୀୟ ଅଧିକାରୀ କ୍ଷେତ୍ରୀୟ ଅଧିକାରୀ,ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ ।

# ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ, ପୋଲିସ ଚୁପ୍

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ ମୋହନପୁର ଗ୍ରାମରେ ଏକ ବୃଦ୍ଧ ଦମ୍ପତିଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗ ଉପରେ ନେମାଳ ଥାନା ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବନ୍ଧକାଟିଆ ଗ୍ରାମପଂଚାୟତ ମୋହନପୁର ଗ୍ରାମର ବୃଦ୍ଧ ସୁବଳ ବେହେରା ତାଙ୍କ ପୈତୃକ ସମ୍ପତି ଉପରେ ମାନ୍ୟବର ସାଲେପୁର ଦେୱାନୀ(ବରିଷ୍ଠକ)ଅଦାଲତରେ ଏକ ପାର୍ଟିସନ ସୁଟ ଦାୟର କରିଥିଲେ । ଯାହାର କେଶ ନଂ ହେଉଛି ୮୭/୨୦୨୪, ଆଇଏ ନଂ ୯୩/୨୦୨୫। ଏହି ସଭିଲ ସୁଟ ମୋକଦ୍ଦମାରେ ଘନଶ୍ୟାମ ବେହେରା ଗଦାଧର ବେହେରା, ଭ୍ରମରବର ବେହେରା ପକ୍ଷ ରହିଛନ୍ତି। ସୁବଳ ବେହେରାଙ୍କ ପରିବାର ନିମନ୍ତେ ପାନୀୟ ଜଳ ଓ ଶୌଚାଳୟ ନଥିବା ହେତୁ ଏକ ପାଣି ପାଇପ ଓ ଶୌଚାଳୟର ଏକାନ୍ତ ଆବଶ୍ୟକତା ରହିଛି। ମାନ୍ୟବର ସିଭିଲ ଜର୍ଜ ସାଲେପୁର ଙ୍କ ଆଦେଶ ଗତ ମେ ୧୬ତାରିଖ ରେ କରିଥିଲେ। ତଦନୁଯାଇ ସୁବଳ ଓ ତାଙ୍କ ପୁଅ ଶୌଚାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କର ପତ୍ନୀମାନେ ମାରଣାସ୍ତ୍ରରେ ସୁବଳଙ୍କ ଉପରେ ଆକ୍ରମଣ କରିଥିଲେ। ଏପରିକି ଚିତ୍କାର ଶୁଣି ସୁବଳଙ୍କ ପତ୍ନୀ ଘଟଣାସ୍ଥଳରେ ପହଂଚିବାରୁ ତାଙ୍କୁ ମଧ୍ୟ ଟଣାଓଟରା କରିବା ସହ ଉଲଗ୍ନ କରିଦେଇଥିବାର ଅଭିଯୋଗ ହୋଇଛି। ଏପରିକି ତାଙ୍କର ସୁନା କାନଫୁଲକୁ ନେଇଯାଇଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିମାନେ ସୁବଳଙ୍କୁ ଟେକିନେଇ ଏକ ଘରେ ତାଲା ପକାଇ ଅଟକ ରଖିଥିଲେ । ଏହି ସମୟରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ସୁବଳଙ୍କ ପତ୍ନୀ ଚିତ୍କାର କରିବାରୁ ସ୍ଥାନୀୟ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ବୃଦ୍ଧ ଦମ୍ପତିଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବାରୁ ସେମାନଙ୍କ ଧନଜୀବନ ସୁରକ୍ଷିତ ନୁହେଁ । ନ୍ୟାୟ ପାଇବା ନିମନ୍ତେ ସୁବୋଳଙ୍କ ପତ୍ନୀ ଶୈଳ ବେହେରା ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ନେମାଳ ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାର ଅଭିଯୋଗ ହୋଇଛି।

# କଂଗ୍ରେସ ନେତାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା

କୁଆଁପାଳ,(ସବ୍ୟୁ) : ମାହାଙ୍ଗା ବ୍ଲକ ବରାହିପୁର ପଂଚାୟତ ଅନ୍ତର୍ଗତ ଦେବରିଓ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା କଟକ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଂପାଦକ ସ୍ୱର୍ଗତ ମନ୍ମଥ ନାଥ ଖଟୁଆ(ଭିକାରୀ ବାବୁ)ଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ସ୍ୱର୍ଗତ ଖଟୁଆଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ସେକ ମସୁଦ ଅଲି ଯୋଗଦେଇ ବିଶ୍ୱାସ ଓ ଭରସାର ଅନ୍ୟନାମ ମନ୍ମଥ ଖଟୁଆ ବୋଲି କହିବା ସହ ସେ ଜଣେ ସୁସଂଗଠକ,ପରୋପକାରୀ ବ୍ୟକ୍ତି ଭାବେ ସମସ୍ତଙ୍କର ଆଦରଣୀୟ ହୋଇ ପାରିଥିଲେ ବୋଲି ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ଜନାର୍ଦ୍ଦନ ରାଉତ,ରସରାଜ କବି ବୀରକିଶୋର ସ୍ୱାଇଁ, ,ଶିକ୍ଷାବିତ ଅକ୍ଷୟ କୁମାର ଖଟୁଆ,ସମାଜସେବୀ ନଳିନୀକାନ୍ତ ନାୟକ,ଶିକ୍ଷାବିତ ରାଜକିଶୋର ଜେନା,ଅରକ୍ଷିତ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଖଟୁଆଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ତାଙ୍କର ବ୍ୟକ୍ତିତ୍ୱ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା କରି ତାଙ୍କର ଅମର ଆତ୍ମାର ସଦଗତି କାମନା ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ପୁତ୍ର ସୌମ୍ୟରଞ୍ଜନ ଖଟୁଆ ଓ ସ୍ମୃତିରଞ୍ଜନ ଖଟୁଆ,ଉଦୟ ଭାନୁ ଜେନା ,ପଲ୍ଲବୀ ପ୍ରିୟଦର୍ଶନୀ ଖଟୁଆ,ରଞ୍ଜନ କୁମାର ସ୍ୱାଇଁ ,ରତିକାନ୍ତ ସେଠୀ ପ୍ରମୁଖ ସଭା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ କବି,ସାହିତ୍ୟିକ ,ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହି ଅବସରରେ ଭଜନ ଜଣାଣ ପରିବେଷଣ କରାଯାଇଥିଲା ।

# ସିନ୍ଧୁକା ଫାଉଣ୍ଡେସନର ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ରାଜନଗର, (ସବ୍ୟୁ) : ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସିନ୍ଧୁକା ଫାଉଣ୍ଡେସନ ପକ୍ଷରୁ ବନ୍ୟପ୍ରାଣୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ସଂପାଦକ ସୋନାଶିଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତକାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନସରଂଜନ ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରି ଥିଲେ । ମୁଖ୍ୟ ଅତିଥି ଭାବେ ଅଣ୍ଡାମାନର ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଅଶୋକ କୁମାର ବିଶ୍ୱାଳ ଯୋଗଦେଇ ସୁନ୍ଦର କାହାଣୀ ମାଧ୍ୟମରେ ବନ୍ୟପ୍ରାଣୀ ଆମର ବନ୍ଧୁ ବୋଲି ବ୍ୟାଖ୍ୟା କରିବା ସହିତ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଶପଥପାଠ କରାଇଥିଲେ । କୁମ୍ଭୀର ବିଶାରଦ ଡଃ ସୁଧାକର କର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭିତରକନିକା ଅଭୟାରଣ୍ୟ ସାରା ବିଶ୍ୱରେ ବିରଳ । କେନ୍ଦ୍ରାପଡା ଜିଲ୍ଲାର ଏହା ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସହକାରୀ ବନସଂରକ୍ଷକ ଗଗନ ମଲ୍ଲିକ ଓ ଏଭରଗ୍ରୀନ ଫୋରମର ପ୍ରତିଷ୍ଠାତା ସଭାପତି ପ୍ରକାଶ ଜେନା ଯୋଗଦେଇ ଭିତରକନିକାର ସୁରକ୍ଷା ପାଇଁ ସ୍ଥାନୀୟ ଅଂଚଳବାସୀ ଆଗେଇ ଆସିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସିନ୍ଧୁକାର ଉପଦେଷ୍ଟା ମନୋରଂଜନ ମିଶ୍ର, ସଭାପତି ବିକ୍ରମ କିଶୋର ବିଶ୍ୱାଳ, କୋଷାଧକ୍ଷ ରଶ୍ମିରଂଜନ ସେଠି, ସଦସ୍ୟ ସୁନିଲକୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ରୋଧପୁର ଗ୍ରାମର ଅବସରପ୍ରାପ୍ତ ସେସୁ କର୍ମଚାରୀ ଦିନବନ୍ଧୁ ସାମଲ (୭୩)ଙ୍କର ପରଲୋକ ହୋଇଯାଇଅଛି । ସାଲେପୁର ବିଦ୍ୟୁତ ଡିଭିଜନରେ ବହୁ ବର୍ଷ ଧରି କାର୍ଯ୍ୟ କରିବା ସହିତ ସେସୁ ବୋଦମୁଣ୍ଡାଇ ଠାରେ ଥିବା କ୍ୟାମ୍ପରେ ଲାଇନମ୍ୟାନ ଭାବେ ଭାବେ କାର୍ଯ୍ୟ କରି ଚାକିରୀରୁ ଅବସର ନେଇଥିଲେ । ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ।

# ସ୍କୁଟିରେ ଆସି ଛାତ୍ରୀଙ୍କ ଠାରୁ ମୋବଇଲ ଛିନତାଇ

ପାଣିକୋଇଲ,(ସବ୍ୟୁ) : ରାଜପଥରେ ଛିନତାଇ କରାଯାଉଥିବା ବେଳେ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ଗ୍ରାମାଂଚଳରାସ୍ତାରେ ମଧ୍ୟ କେହି ସୁରକ୍ଷିତ ନୁହନ୍ତି । ପୂର୍ବରୁ ସ୍ପିଡି ବାଇକରେ ଛିନତାଇ ହେଉଥିବା ବେଳେ ଏବେ ସ୍କୁଟିରେ ଛିନତାଇ ଆରମ୍ଭ ହୋଇଛି । ଯାହା ଏବେ ସବୁଠୁ ବଡ ଚିନ୍ତାର କାରଣ ପାଲଟିଛି ।

ଆଜି ମଧ୍ୟାହ୍ନରେ ପାଣିକୋଇଲିରୁ କମ୍ପ୍ୟୁଟର କ୍ଲାସ ସାରି ଘରକୁ ସାଇକେଲ ଯୋଗେ ମାଳଆନ୍ଦପୁର ପଂଚାୟତ ବାଲିପଶି ଗ୍ରାମର ଚକ୍ରଧର ଜେନାଙ୍କ ଝିଅ ଲିଜାରାଣୀ ଘରକୁ ଫେରୁଥିଲା । ଜାତୀୟ ରାଜପଥରୁ ବାଲିପଶି ରାସ୍ତାରେ ବିଦ୍ୟାର୍ଥି ସ୍କୁଲର ଅନତୀଦୂରରେ ଜଣେ ଯୁବକ ଏକ ନମ୍ବର ବିହୀନ ସ୍କୁଟିରେ ଆସି ସାଇକେଲ ଆଗରେ ରଖିଥିବା ବ୍ୟାଗକୁ ନେଇ କରଦା ଆଡକୁ ପଳାଇଥିଲା । ଯାହା ଭିତରେ ତାଙ୍କର ମୋବାଇଲଟି ରହିଥିଲା । ଗ୍ରାମାଂଚଳ ରାସ୍ତାରୁ ଏଭଳି ଛିନତାଇ ଏହା ଏବେ ଛାତ୍ରୀ ମାନଙ୍କ ପାଇଁ ବିପଦପୂର୍ଣ୍ଣ ହୋଇଛି ।

# ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ସ୍ୱର୍ଗତ ମଲ୍ଲିକଙ୍କ ସରଳ,ଅମାୟିକ ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱ ପାଇଁ ଜନମାନସରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଥିଲା । ୧୯୮୦ ରୁ ୧୯୮୫ ମସିହା ପର୍ଯ୍ୟନ୍ତ ଜଗତସିଂହପୁର ବିଧାୟକ ଭାବରେ ନିର୍ବାଚିତ ହେବା ପରେ ସେ ସମାଜର ଦୁସ୍ଥ ଓ ଅବହେଳିତ ଲୋକମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ତାଙ୍କର ତ୍ୟାଗପୁତ ଜୀବନ ଓ ଆର୍ଦଶରେ ଆଜିର ଯୁବ ସମାଜ ଅନୁପ୍ରାଣିତ ହେବାକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଆହ୍ୱାନ କରିଥିଲେ । ସ୍ଥାନୀୟ ଗାନ୍ଧୀ ଛକର ଲଳିତ ମଣ୍ଡପ ଠାରେ ଜିଲ୍ଲା ଓ ରାଜ୍ୟର ଅନେକ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଦିବଂଗତଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମରଣିକା ସ୍ମୃତିରେ କୃଷ୍ଣଚନ୍ଦ୍ର ଅତିଥି ମାନଙ୍କ ଗହଣରେ ଉନ୍ମୋଚନ ହୋଇଯାଇଅଛି । ଉକ୍ତ ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁରର ପୂର୍ବତନ ସାଂସଦ ଡ଼ାକ୍ତର ରାଜଶ୍ରୀ ମଲ୍ଲିକ,ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ କୈଳାସ ମଲ୍ଲିକ, ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି , ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର,ପୌରାଧକ୍ଷ ଅର୍ଚ୍ଚନା ସିଂ, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ,ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ,ପୌର ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ,ପୌର ନିର୍ବାହୀ ଅଧିକାରୀ ସୀମା ଜେନା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିତିଟୀ ତନ୍ମୟା ମହାନ୍ତି, ସ୍ମୃତି ପତ୍ରର ମୁଖ୍ୟ ସମ୍ପାଦକ ସୁଦର୍ଶନ ବେହେରା,ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ,ବିଜେଡ଼ି ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ସମାଜସେବୀ ପ୍ରସନ୍ନ କୁମାର ସାମନ୍ତରାୟ,ପୃଥୀବଲ୍ଲଭ ପଟ୍ଟନାୟକ,ରଜନୀକାନ୍ତ ଚୌଧୁରୀ, ଶ୍ରୀକାନ୍ତ ଚୌଧୁରୀ, ସୂର୍ଯ୍ୟ ମହାନ୍ତି,ପ୍ରଣବ ଦେ, ଇଂ ନଳିନୀ କୁମାର ସ୍ୱାଇଁ, ବିଷ୍ଣୁ ଚରଣ ବାରିକ, ବେଦଦ୍ୟୁତି ପୃଷ୍ଟି, ସମିର ଖୁଣ୍ଟିଆ, ପ୍ରଭାକର ଦାସ, ମୁରଲୀଧର ଦାସ, ପ୍ରଶାନ୍ତ ମଲ୍ଲିକ, ସାରଦା ରଣା, ଶରତ ଚନ୍ଦ୍ର ପାତ୍ରପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ମଲ୍ଲିକଙ୍କ ଭଣଜା ଦେବେନ୍ଦ୍ର ମଲ୍ଲିକ,ସୁପୁତ୍ର ସୁବ୍ରତ ମଲ୍ଲିକ, ସଂଜିବ ମଲ୍ଲିକ ପୁତୁରା ପ୍ରିୟବ୍ରତ ମଲ୍ଲିକ,ଜ୍ୱାଇଁ ପ୍ରସନ୍ନ ମଲ୍ଲିକ , ପରିବାର ବର୍ଗ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କାର୍ତ୍ତିକ ମାସର ପ୍ରଥମ ସୋମବାର ଧବଳେଶ୍ୱରରେ ଠେଲାପେଲା

ଆଠଗଡ଼,(ସବ୍ୟୁ): ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାରରେ ବାବା ଧବଳେଶ୍ୱରଙ୍କୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରି ଧନ୍ୟ ମନେ କରିଛନ୍ତି । କାର୍ତ୍ତିକ ମାସ ସୋମବାରରେ ବାବା ଧବଳେଶ୍ୱରଙ୍କ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ ଏହାକୁ ଆଧାର କରି ଆଜି ବାବା ଦର୍ଶନ କରିବାକୁ ଶ୍ରଦ୍ଧାଳୁ ମାନଙ୍କର ସକାଳୁ ଭିଡ଼ ଦେଖିବାକୁ ମିଳିଥିଲା । ସୋମବାରର ରାତି ନୀତି ଅନୁଯାୟୀ ସକାଳ ୪ ଘଟିକାରୁ ବାବାଙ୍କ ପହଡ଼ ଖୋଲା ହେବା ସହିତ ୧୦୮ କଳସ ଜଳ ଲାଗି କରାଯାଇ ବାବାଙ୍କ ବଡସିଂହାର ବେଶ କରାଯାଇଥିଲା । ବାବାଙ୍କୁ ଦର୍ଶନ କରିବା ପାଇଁ ସୋମବାର ଭୋର୍ ୫ ଟା ବେଳକୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପୋଲିସ ପ୍ରଶାସନର ଦେଖାନାହିଁଯାହା ଫଳରେ ଭକ୍ତମାନେ ଧାଡ଼ିରେ ନ ରହି ମନ ଇଚ୍ଛା ଜିବା ଫଳରେ ଭକ୍ତ ମାନେ ଠେଲାପେଲାରେ ବାବାଙ୍କୁ ଦର୍ଶନ କରିଥିଲେ ଯାହାକି ଭକ୍ତ ମାନେ ପୋଲିସ ପ୍ରଶାସନ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି କିଛି ସମୟ ଧରି ଠେଲାପେଲା ହେବା ପରେ ପୋଲିସ ପହଞ୍ଚିଥିଲେ ଏଭଳି ପୋଲିସ ର ମନମୁଖୀ କାର୍ଯ୍ୟ ପାଇଁ ସାଧାରଣରେ ନିନ୍ଦା କରାଯାଉଛି ।

## ମାଓବାଦୀ କହି ଘରୁ ଲୁଟିନେଲେ ଟଙ୍କା ସହ ଗହଣା

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ଥାନା ନଛିପୁର ଗ୍ରାମରେ ଜଣେ ପରିବାର କୁ ମାଓବାଦୀ କହି ଘରେଥିବା ସୁନା ଗହଣା ଲୁଟ କରିଛନ୍ତି ଡକାୟତ । ହାତରେ ନକଲି ପିସ୍ତଲ ଓ ଭୁଜାଲି ଧରି ଲୁଟ କରିଛନ୍ତି ଏକ ଡକାୟତ ଗ୍ରୁପ । ସୂଚନା ଯୋଗ୍ୟଯେ, ରବିବାର ଦିନ ରାତିରେ ନଛିପୁର ଗ୍ରାମର ବିଜୟ ଗୋଛାୟତଙ୍କ ପରିବାର ଶୋଇଥିବାବେଳେ ରାତି ପ୍ରାୟ ଗୋଟାଏରେ ୪ ଜଣ ଡକାୟତ ବିଜୟ ଙ୍କ ଘରର ପ୍ରବେଶ କରିଥିବା ବେଳେ ବାହାରେ ଡକାୟତଙ୍କ ଲିଡର ଓ ଅନ୍ୟଜଣେ ଜଗି ରହିଥିଲେ । ଡକାୟତମାନେ ପ୍ରଥମେ ବୋହୂ ଓ ବଡ଼ନାତୁଣୀ ସୋଇଥିବା ଘର ଚାବି ମାଗିଥିଲେ । ଯାହାକୁ ନେଇ ଉଭୟ ବିଜୟ ଓ ଡକାୟତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଡକାୟତ ମାନେ ବିଜୟ ଙ୍କୁ ଆମେ ଡକାୟତ ନୁହେଁ ଆମେ ମାଓବାଦୀ ବୋଲି କହିଥିଲେ । ଏହାଶୁଣି ବିଜୟ ଭୟଭିତ ହୋଇ ପଡ଼ିଥିଲେ। ପରେ ଡକାୟତ ମାନେ ଘର କବାଟ ଖୋଲି ବୋହୂ ଏବଂ ବଡ଼ ନାତୁଣୀ ଶୋଇଥିବା ଘରେ ପ୍ରବେଶ କରିଥିଲେ । ପରେ ଡକାୟତ ମାନେ ଠାକୁର ଙ୍କ ଘର ଚାବି ମାଗିଥିବା ବେଳେ ପରିବାର ଲୋକ ଚାବି ନ ଦେବାରୁ ବଡ ନାତୁଣୀ ପିଙ୍କି କୁ ଉଠାଇନେବେ ବୋଲି ଧମକ ଦେଇଥିଲେ । ଏପରିକି ଡକାୟତ ମାନେ ଧରି ଆସିଥିବା କିଛି ଗୁଣ୍ଡ ଓ ନକଲି ଚାବି ମାଧମରେ ଠାକୁର ଘର ଚାବି ଖୋଲିବାରେ ସକ୍ଷମ ହୋଇଥିଲେ ଓ ଠାକୁର ଙ୍କ ଘରେ ଥିବା ଏକ ବାକ୍ସ ରୁ ଡକାୟତ ମାନେ ଏକ ଯୁଗଳ ହାର,ସୁନା ମାଳି, ଓ ରୁପା ସାମଗ୍ରୀ ଚୋରି କରିନେଇଥିବା ବେଳେ ପାଖରେ ଥିବା ବିଜୟ ଙ୍କ ଦୋକାନ ସଟର ଖୋଲି ପାନ ପୁଡ଼ିଆ ଓ ଦୋକାନ ରେ ଥିବା ସମସ୍ତ ଟଙ୍କା ନେଇ ଯାଇଥିଲେ । ଏହି ଘଟଣାରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ଘଟଣା ସ୍ଥଳରେ ଦଶପଲ୍ଲା ଥାନା ଆଇ ଆଇ ସି ଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ ପହଁଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟ ପାର୍ଶ୍ୱରେ ଏକ ସରକାରୀ ଜାଗାକୁ ନେଇ ବିଜୟ ପରିବାର ଓ ଗ୍ରାମବାସୀ ଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିବା ବେଳେ ଗ୍ରାମ ରୁ ବିଜୟ ଙ୍କ ପରିବାର କୁ ବାଛନ୍ଦ କରାଯାଇଛି । ଏହି ଡକାୟତି ରେ ଗ୍ରାମର କିଛି ଯୁବକ ସମ୍ପୃକ୍ତ ଥିବା ଜୁଡାଯାଉଥିବା ପୋଲିସ ପ୍ରାଥମିକ ତଦନ୍ତ ରୁ ଜାଣିବାକୁ ପାଇଛି ।

## ହାଇସ୍କୁଲ ମେଧାବୀ ବିଦ୍ୟାର୍ଥୀଙ୍କୁ ବିଦ୍ୟାରତ୍ନ ସମ୍ମାନ



ପିପିଲି,(ସବ୍ୟୁ): ପିପିଲି ଅଂଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମିଟି ଇଣ୍ଡିଆ ଚାରିଟେବଲ ଟ୍ରଷ୍ଟ ପିପିଲି ବ୍ଲକ ହାଇସ୍କୁଲ ମାଟ୍ରିକ ଟପ୍ପରମାନଙ୍କୁ ବିଦ୍ୟାରନ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ହାଟସାହି ପଞ୍ଚାୟତ ନୋଡାଲ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପା ସଂଗୀତା ମହାପାତ୍ରଙ୍କ ସଭାପତିତ୍ୱ ରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଚଳିତ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରାଙ୍କୁ ଟ୍ରଷ୍ଟ ଅଧ୍ୟକ୍ଷ ଆଇନଜୀବୀ ସୁରେଶ ରଥ ଏବଂ ସଚେତନ ନାଗରିକ ମଞ୍ଚ ସମ୍ପାଦକ ସୁଦାମ ଖୁଣ୍ଟିଆ କିଛି ଅର୍ଥ ରାଶି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଠିକ ସେହିପରି ମଧ୍ୟ ଟ୍ରଷ୍ଟ ପକ୍ଷରୁ ନହକା ପଡା ହାଇସ୍କୁଲ ଟପର ଆୟୁଷ୍ମାନ ମହାପାତ୍ର ଏବଂ ଗୁଡ଼ିଆ ପୋଖରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ପାୟଲ ଭାରତୀଙ୍କୁ ସେମାନଙ୍କ ବିଦ୍ୟାଳୟ ରେ ପହଂଚି ବିଦ୍ୟାରନ୍ ସମ୍ମାନରେ ସମ୍ମାନିତ କରିବା ସହିତ ଆସନ୍ତା ବର୍ଷ ଏହି ସମ୍ମାନ ଗୁରୁଦିବସ ଦିଥିରେ ଗୋଟିଏ ସ୍ଥାନରେ ଆୟୋଜନ କରାଯିବ ବୋଲି ଟ୍ରଷ୍ଟ ଅଧକ୍ଷ ସୁରେଶ ରଥ ସୂଚନା ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ।ଏଥିରେ ମୋଟ ୩୯ ଗୋଟି ଅଭିଯୋଗ ଆସିଥିଲା। ଏଥି ମଧ୍ୟରୁ ତତକ୍ଷଣାତ ୪ ଗୋଟିର ସମାଧାନ କରାଯାଇଥିଲା।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇଥିଲା।ଏହି ଶୁଣାଣୀରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଅକ୍ଷୟ କୁମାର ଶତପଥୀ,ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ,କଣାସ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ ,ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ,ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କ୍ଷମାନିଧି ସେଠୀ,ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ସିଡିପିଓ ସ୍ମିତା ମହାନ୍ତି,ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ,କୃଷି ଅଧିକାରୀଣୀ ମାରୀ ରୋଜାଲିନ,ଉଦ୍ୟାନ କୃଷି ଅଧିକାରିଣୀ ଶୁଭଦର୍ଶିନୀ ରଥ ଓ ବ୍ଲକର ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ପଲ୍ଲିରେ ପ୍ରଶାସନ ପ୍ରହସନରେ ପରିଣତ

ବୋଲଗଡ଼ ,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲାପାଳ ଅମୃତରୁତୁରାଜ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାପାଇଁ ଗତ ସେପ୍ଟେମ୍ବର ମାସ ପ୍ରଥମ ସୋମବାରଠାରୁ ବ୍ଲକଗୁଡିକର ଅନ୍ତର୍ଗତ ଗୋଟିଏ ଲେଖାଏଁ ପଞ୍ଚାୟତରେ ପଲ୍ଲୀରେ ପଞ୍ଚାୟତ ନାମରେ ଏକ ଅଭିନବ କାର୍ଯ୍ୟକ୍ରମ କରୁଛନ୍ତି । ବ୍ଲକ ପ୍ରଶାସନ ସଂପୂର୍ଣ୍ଣଭାବେ ଉକ୍ତ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହି ସାଧାରଣ ଜନତାଙ୍କ ବିଭିନ୍ନ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମାଧାନ କରିବା । କିନ୍ତୁ ବିଡ଼ମ୍ବନାର ବିଷୟ ବୋଲ ଗଡ଼ ବ୍ଲକରେ ଏହା ଲୋକଙ୍କ ସମସ୍ୟା ଶୁଣିବା ବଦଳରେ ଜନପ୍ରତିନିଧିଙ୍କ ରାଜନୈତିକ ଭାଷାଣବାଜି, ଉପଢୌକନ ଗଳାରେ ପକାଇ ଷ୍ଟେଜରେ ବସି ବ୍ଲକ ପ୍ରଶାସନ ସହିତ ଫଟୋପୋଜଦେଇ ସଭା କରିବା ଘଟଣା ଏହା କେବଳ ପ୍ରହସନରେ ପରିଣତ ହୋଇଛି ବୋଲି ବୁଦ୍ଧିଜିବୀ ମାନେ ମତ ଦେଉଛନ୍ତି ଓ ଏହାକୁ ମଧ୍ୟ ନାପସନ୍ଦ କରୁଛନ୍ତି। ପ୍ରଥମ ସୋମବାର ଥିବାରୁ ବ୍ଲକ ଅନ୍ତର୍ଗତ ଧଳା ପଥର ପଞ୍ଚାୟତରେ କାର୍ଯ୍ୟକ୍ରମ ଥିଲା । ଏହାକୁ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ସୁବାସଚନ୍ଦ୍ର ରାୟଗୁରୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷରମେଶ ଚନ୍ଦ୍ର ସାହୁ, ସମିତି ସଭ୍ୟ ବିଜୟ କୁମାର ସୁବୁଦ୍ଧି ସମେତ ବହୁ ପଞ୍ଚାୟତର ସରପଞ୍ଚ , ସମିତି ସଭ୍ୟ, ଜନପ୍ରତିନିଧି ଯୋଗ ଦେଇଥିଲେ। ନେତାଙ୍କଠାରୁ ଅଭିଯୋଗକାରୀ କମ ଥିଲେ . ସମ୍ବର୍ଦ୍ଧନ ଓ ଭାଷାଣବାଜି ପରେ ଏହି କାର୍ଯ୍ୟକ୍ରମକୁ କିଛିସମୟପରେ ଶେଷ କରାଯାଇଥିଲା।ଏହି ଘଟଣାକୁ ସାମାଜିକ କର୍ମୀ ଶ୍ରୀକାନ୍ତ ତ୍ରିପାଠୀଙ୍କ ସମେତ ବହୁ ବୁଦ୍ଧିଜୀବୀ ନାପସନ୍ଦ କରିଥିଲେ। ପୂର୍ବରୁ ଗୋଡ଼ିଆ ପଲ୍ଲୀ, ପାଟପୁର ଶାସନ, ବୋଲଗଡ଼ ପଞ୍ଚାୟତମାନଙ୍କରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## କାର୍ତ୍ତିକମାସ ପ୍ରଥମ ସୋମବାର: ଲଡୁବାବା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଶରଣକୁଳ,(ସବ୍ୟୁ) : ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାର ଉପଲକ୍ଷେ ଶରଣକୁଳରେ ଅଧିଷ୍ଠିତ ପ୍ରଭୁ ଲଡୁ ମହେଶ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ଜିଲା ବାହାରୁ ଆସିଥିବା ଅନେକ ଯାତ୍ରୀ ସକାଳେ ଝିପିଝିପି ବର୍ଷାରେ ଭିଜି ଧାଡିରେ ରହି ବାବାଙ୍କୁ ଦର୍ଶନ କରିଥିଲେ। ଆଜି କାର୍ତ୍ତିକ ମାସର ପ୍ରଥମ ସୋମବାର ନୀତି ଅନୁଯାୟୀ ଭୋରରେ ବାବାଙ୍କ ଅବକାଶ ଓ ବଲ୍ଲଭ ନୀତି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ୧୧ଟାରେ ଲ ଧୂପ ଏବଂ କାର୍ତ୍ତିକ ମାସର ଅନ୍ୟତମ ରାଇ ଦାମୋଦର ଭୋଗ ଲାଗି ହୋଇଥିଲା। ପରେ ଶ୍ରଦ୍ଧାଳୁ ଓ ଭକ୍ତମାନେ ଲଡୁକେଶ୍ୱରଙ୍କ ଧାଡି ଦର୍ଶନ କରିଥିଲେ। ମାନସିକ ବ୍ରତଧାରୀମାନେ ପବିତ୍ର କାର୍ତ୍ତିକ ସୋମବାର ସକାଳେ କାର୍ତ୍ତିକ ସ୍ନାନ ଓ ସଂକଳ୍ପ ପୂର୍ବକ ନିଷ୍ଠାର ସହ ବ୍ରତ ପାଳନ କରି ବେଢାରେ ବାବାଙ୍କ ଦର୍ଶନ ପରେ ପ୍ରସାଦରେ ପଣାପାଣି ଆଦି ସେବନ କରିଥିଲେ ଏବଂ ସନ୍ଧ୍ୟାରେ ରେ କାର୍ତ୍ତିକ ମାସର ମହାନ ଆକାଶ ଦୀପ ଦାନ କରିଥିଲେ। ମନ୍ଦିର ସୁପରଭାଇଜର ସୁବାଷ ଚନ୍ଦ୍ର ବରାଡ଼ ବାବାଙ୍କ ସମସ୍ତ ନୀତି ସଠିକ ସମୟରେ ସମ୍ପର୍ଣ୍ଣ ହେବା ସହ ଶାନ୍ତି ଶୃଙ୍ଖଳାର ସହ ସମସ୍ତ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି ଏବଂ ଏଥିରେ ମନ୍ଦିରର ସମସ୍ତ ସେବାୟତ ସହଯୋଗ କରିଥିବା କହିଛନ୍ତି। ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିର ଭିତରେ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ବାଲିଅନ୍ତା,(ସବ୍ୟୁ):ଗାଁ ଗହଳି ଲୋକଙ୍କ ସମସ୍ୟା ବୁଝିବା ପାଇଁ ସରକାର ପ୍ରତି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ କରୁଛନ୍ତି । ସୋମବାର ଦିନ ବାଲିଅନ୍ତା ବ୍ଲକ ଅଧିନ ପ୍ରତାପଶାସନ ଗ୍ରାମ ପଞ୍ଚାୟତ ସ୍ଥିତ ଜ୍ଞାନଦେବୀ କଲ୍ୟାଣ ମଣ୍ଡପ ପରିସରରେ ପଲ୍ଲୀରେ ପ୍ରଶାସନ ଅଭିଯୋଗ ଶୁଣାଣୀ ଜନିତ କାର୍ଯ୍ୟକ୍ରମ ସକାଳ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିତା ନାଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନବ କିଶୋର ମଲ୍ଲିକ, ତହସିଲଦାର ଲିଲନ ପ୍ରସାଦ ସାହୁ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଅପରାଜିତା ସ୍ୱାଇଁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଖୁଲଣା ସାହୁ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ସାଂସଦଙ୍କ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ସରପଞ୍ଚ ରିନା ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ ଏବଂ ବାଲିଅନ୍ତା ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣୀରେ ସର୍ବମୋଟ ୪୭ ଟି ଲିଖିତ ଅଭିଯୋଗ ହସ୍ତଗତ ହୋଇଛି । ସେଥିମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୮ ଗୋଟି,ଭତ୍ତା ସମ୍ବନ୍ଧୀୟ ୫ ଗୋଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୨ ଗୋଟି, ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୨ ଗୋଟି ଅଭିଯୋଗ ହସ୍ତଗତ ହୋଇଅଛି । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତର ଜନପ୍ରତିନିଧି ସମେତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତିସ ରାଉତରାୟ ପରିଚାଳନା କରିଥିଲେ ।

## ଅସ୍ତରଙ୍ଗରେ ଶେଷ ହେଲା ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ରଣୀ, ସ୍ୱେଚ୍ଛାସେବି ଅନୁଷ୍ଠାନ ମାଆ ଲକ୍ଷ୍ମୀ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ଧନ ଧାତ୍ରୀ ମା,ଗଜ ଲକ୍ଷ୍ମୀଙ୍କ ଭଷାଣିଉତ୍ସବ ରବିବାର ସନ୍ଧ୍ୟାରେ ଶେଷ ହୋଇଛି। ସନ୍ଧ୍ୟା ୬ଟାରୁ ପାରମ୍ପରିକ ବାଦ୍ୟ ଯନ୍ତ୍ର ସହିତ କ୍ଲବ ସଦସ୍ୟଙ୍କ ଉପସ୍ଥିତି ପୁରା ମହଲକୁ ସରଗରମ କରିରଖିଥିଲା। ଏହି ଭଷାଣି ଦେଖିବାକୁ ଲୋକମାନଙ୍କ ଭିଡ଼ ଜମିଥିଲା। ଲୋକମାନଙ୍କ ନିୟନ୍ତ୍ରଣ ପାଇଁ ଅସ୍ତରଙ୍ଗ ପୋଲିସ୍ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଖରାପ ପାଣିପାଗ ଦେଖି ଏହି ଭଷାଣୀ ଆଗୁଆ କରାଯାଇଛି ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି ।

## କଳାକାରଙ୍କ ପରଲୋକ

କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ବାପୁଜୀ ନଗର ରଘୁନାଥ ନାଟ୍ୟ ପରିଷଦ ସଦସ୍ୟ ତଥା କଳାକାର ଜନାର୍ଦ୍ଦନ ସାହୁ (୬୨)ଙ୍କର ପରଲୋକ ହୋଇଯାଇଛି। ସେ କଟକରେ ଅବସ୍ଥାପିତ ଥିବା ବେଳେ ଶୁକ୍ରବାର ଦିନ ହୃଦଘାତରେ ମୃତ୍ୟୁ ବରଣ କରିଥିବା ପରିବାର ସୂତ୍ରରୁ ପ୍ରକାଶ। ସେ ଜଣେ ସରଳ, ପରୋପକାରୀ ବ୍ୟକ୍ତି ରୂପେ ପରିଚିତ ଜନାର୍ଦ୍ଦନ ରାମଲୀଳା କଳାକାର ଭାବେ ଜଣାଶୁଣା ଥିଲେ।ଏଥି ସହ ଜଣେ ଭଲ ଟେଲର ରୂପେ ଅଞ୍ଚଳରେ ଲୋକପ୍ରିୟ ଥିଲେ। ତାଙ୍କ ମୃତ୍ୟୁରେ ସବୁ ମହଲ ରେ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତଦେହ ନିଜ ଗ୍ରାମ କଣ୍ଟିଲୋକୁ ଅଣାଯିବା ପରେ ଅନ୍ତେଷ୍ଟି କ୍ରିୟା ସ୍ଥାନୀୟ ଶଙ୍ଖତୋଟା ଶଶ୍ମାନରେ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନ ବାଗଲପୁର୍ ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାନହରା କ୍ଲଷ୍ଟର ଅଧିନ ସମସ୍ତ ଦଶଗୋଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସେମାନଙ୍କ ଦକ୍ଷତା ପରିଚୟ ପ୍ରଦାନ କରିଥିଲେ । ବିପିନ ବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତପନ କୁମାର ରାଉତଙ୍କ ସଭାପତିତ୍ୱରେ ଏବଂ ଧାନହରା କ୍ଲଷ୍ଟର ସି ଆର ସି ସି ଝୁନି ଦେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଡଃ ପ୍ରଭାତ କୁମାର ରଥ



ମୁଖ୍ୟ ଅତିଥି ରୂପେ ଯୋଗଦାନଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିପାଟଣା ଏ ବି ଇ ଓ ଯଶୋଦା ସାହୁ ଏବଂ ବେଙ୍ଗବତି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରତ୍ନାକର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମୋଦୀଙ୍କ ହନୁମାନ ମୁହୂର୍ତ୍ତ : ବିଶ୍ୱ ମଞ୍ଚରେ ଭାରତର ସଫଳତା

**ହରଦୀପ ଏସ୍ ପୁରୀ**
**କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ**

ଯେତେବେଳେ ସାରା ଭାରତର ଆଲୋକରେ ଆଲୋକିତ ହେଉଛି, ରାମାୟଣର ଏକ ଶାଶ୍ୱତ ଦୃଶ୍ୟ ଆଜି ଆମର ବର୍ତ୍ତମାନକୁ ପ୍ରେରଣା ଦେଇଯାଉଛି । ସେତେବେଳେ ହନୁମାନ ସମୁଦ୍ର କୂଳରେ ଠିଆ ହୋଇ ନିଜ ସାମର୍ଥ୍ୟ ଉପରେ ସନ୍ଦେହ କରିଥିଲେ, କିନ୍ତୁ ଜାମ୍ବବାନ ତାଙ୍କୁ ସ୍ମରଣ କରାଇଥିଲେ ଯେ, ତୁମ ଭିତରେ ଅସୀମ ଶକ୍ତି ନିହିତ ଅଛି, ତୁମେ ଯେକୌଣସି ଅସାଧ୍ୟକୁ ସାଧନ କରିପାରିବ। ସେହି ମୁହୂର୍ତ୍ତରେ ହନୁମାନ ନିଜ ସାମର୍ଥ୍ୟକୁ ଚିହ୍ନି ଅସମ୍ଭବ କାର୍ଯ୍ୟକୁ ସଫଳତାରେ ପରିଣତ କରିଥିଲେ। ଆଜି ଭାରତ ମଧ୍ୟ ସେହି ପର୍ଯ୍ୟାୟରେ ଅଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାମ୍ବବାନଙ୍କ ଭଳି ଏହି ଜାତିର ଭିତରେ ନିହିତ ଶକ୍ତିକୁ ଜାଗୃତ କରିଛନ୍ତି। ସେ ଭାରତକୁ ଏମିତି ଏକ ଅର୍ଥନୀତି ରୂପେ ଗଢ଼ି ଉଠିବାକୁ ପ୍ରେରିତ କରିଛନ୍ତି, ଯାହା ଭବିଷ୍ୟତର ସମସ୍ତ ଆହ୍ୱାନକୁ ସାମ୍ନା କରିବାରେ ସକ୍ଷମ। ଭାରତ ବର୍ତ୍ତମାନ ନିଜ ଶକ୍ତି ଓ ସାମର୍ଥ୍ୟକୁ ଉପଲବ୍ଧି କରି ସମସ୍ତ ବୈଶ୍ୱିକ ଆହ୍ୱାନ– ଭିସା ପ୍ରତିବନ୍ଧକ, ଟାରିଫ ବା ବାଣିଜ୍ୟିକ ଅବରୋଧ ଯେପରି ହେଉ – ସେଗୁଡ଼ିକୁ ସାମ୍ନା କରିବାରେ ଭୟଭୀତ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ଏବଂ ଜନଶକ୍ତିର ସାମୁହିକ ବିଶ୍ୱାସ ଭାରତକୁ ଏମିତି ଏକ ଅବସ୍ଥାକୁ ନେଇଯାଇଛି, ଯେଉଁଠାରେ ସେ ସମସ୍ତ ବିପଦକୁ ପ୍ରଗତିର ବେଗରେ ଆମେରିକା ତାଙ୍କ ନୂତନ ନୀତି ଅନୁଯାୟୀ ଏଚ–୧ବି ନିର୍ଦ୍ଧାରଣ କରିଛି ଏବଂ ବ୍ରାଣ୍ଡଯୁକ୍ତ ଓ ପେଟେଣ୍ଟ ଔଷଧ ଏଭଳି ପଦକ୍ଷେପ କର୍ମନିଯୁକ୍ତି– ସୁରକ୍ଷା ଉପରେ ସୀମାକୁ ଅତିକ୍ରମ କରି ବିଶ୍ୱବ୍ୟାପୀ ଅର୍ଥନୈତିକ କରିଛି। ଏହା ବିକଶିତ ଦେଶମାନଙ୍କ ମଧ୍ୟରେ ଗଭୀର କରିଛି। କିନ୍ତୁ ଏହି ପରିସ୍ଥିତିରେ ଭାରତ ନିଜ ସ୍ଥିର ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉତ୍ତର ଦେଇଛି, ଯାହା ଏହି ଦେଶର ଭିତ୍ତିକୁ ସ୍ତମ୍ଭ ଉପରେ ଦଣ୍ଡାୟମାନ–ମାତ୍ରା, ଦକ୍ଷତା ଶକ୍ତି ଏମିତି ଅବିଚଳ ସମ୍ପଦ, ଯାହାକୁ କୌଣସି ଅବରୋଧ କେବେ ସ୍ପର୍ଶ ପ୍ରତିରୂପ ବେଶ୍ ଉଲ୍ଲେଖନୀୟ । ଚୀନର ଆଡ଼କୁ ଧାବମାନ । ଏହାର ମଧ୍ୟମ ହୋଇସାରିଛନ୍ତି, ଯଦ୍ୟପି ଭାରତର ଏହି ତଳେ ରହିଛନ୍ତି । ଆମ ମୋଟ ବୟସ ବର୍ତ୍ତମାନ ପଇଁତିରିଶ ବର୍ଷରୁ କମ୍



ପରିଣତ କରିପାରୁଛି। ବିଗତ କିଛି ମାସ ମଧ୍ୟରେ ଯୁକ୍ତରାଷ୍ଟ୍ର ଭିସା ଆବେଦନ ଉପରେ ୧,୦୦,୦୦୦ ଡଲାର ଫି ଆମଦାନୀ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲାଗୁ କରିଛି। ଆଧାରିତ, କିନ୍ତୁ ତାହାର ଏକ ବ୍ୟାପକ ପ୍ରଭାବ, ସେମାନଙ୍କ ଅସ୍ଥିରତା ଏବଂ ସଂରକ୍ଷଣବାଦର ଏକ ନୂତନ ତରଙ୍ଗ ସୃଷ୍ଟି ଜନସାଂଖ୍ୟିକ ଉଦବେଗ ଏବଂ ଅସ୍ଥିରତାର ଭାବନାକୁ ଆହୁରି ଓ ଦୃଢ଼ ଦୃଷ୍ଟିକୋଣ ସହିତ ନିଜର ଦିଗକୁ ଅଗ୍ରସର ନେତୃତ୍ୱରେ ଭାରତ ସେହି ନୀତିଗୁଡ଼ିକୁ ଏମିତି ଆହୁରି ସୁଦୃଢ଼ କରିଛି। ସେହି ଭିତି ତିନୋଟି ଏବଂ ଆତ୍ମନିର୍ଭରଶୀଳତା। ଏହି ତିନୋଟି କୌଣସି ଟାରିଫ୍, କୌଣସି ନୀତି ବା କରିପାରିବ ନାହିଁ । ବିଶ୍ୱ ସହିତ ଏହାର ଜନସଂଖ୍ୟା ଦ୍ରୁତ ଗତିରେ ବାର୍ଦ୍ଧକ୍ୟ ଆୟୁବର୍ଗ ବର୍ତ୍ତମାନ ଚାଳିଶ ବର୍ଷ ପାର ଆୟୁବର୍ଗ ବର୍ତ୍ତମାନ ଅଣତିରିଶ ବର୍ଷ ଜନସଂଖ୍ୟାର ଦୁଇ– ତୃତୀୟାଂଶଙ୍କ ରହିଛି । ସେହି ଯୁବ ଶକ୍ତି, ଯାହାକି କୌଶଳ, ଶିକ୍ଷା ଏବଂ ଉଦ୍ୟମିତା ଦ୍ୱାର ପୁଷ୍ଟ, ତାହା ଭାରତକୁ ବିଶ୍ୱ ଅର୍ଥନୀତିର ବିକାଶ ଇଞ୍ଜିନରେ ପରିଣତ କରିଛି । ଏହା କେବଳ ଗୋଟିଏ ସ୍ଲୋଗାନ ନୁହେଁ, ଯେତେବେଳେ ବୈଶ୍ୱିକ ଅନୁଷ୍ଠାନମାନେ ରିପୋର୍ଟ ପ୍ରଦାନ କରୁଛନ୍ତି ଯେ ଗତବର୍ଷ ଭାରତର ବୈଶ୍ୱିକ ବିକାଶରେ ଷୋହଳ ପ୍ରତିଶତ ଅବଦାନ ରହିଛି । ଏହା ହେଉଛି ଦୀର୍ଘ ଏକ ଦଶନ୍ଧିର ସଂସ୍କାର, ନିବେଶ ଏବଂ ଭିତ୍ତିଭୂମି ବିକାଶର ପରିଣାମ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହିଁ ସମ୍ଭବପର ହୋଇପାରିଛି । ସାମ୍ପ୍ରତିକ ତଥ୍ୟ ଭାରତର ଆର୍ଥିକ ଯାତ୍ରାରେ ହାସଲ ହୋଇଥିବା ବେଗ ଓ ସ୍ଥିରତା ଉପରେ ସ୍ପଷ୍ଟ ଆଲୋକପାତ କରୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟରେ ଭାରତର ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ବୃଦ୍ଧି ହାରକୁ ୨୦୨୬ ଆର୍ଥିକ ବର୍ଷ ପାଇଁ ୬.୮ ପ୍ରତିଶତ ଭାବେ ସଂଶୋଧନ କରିଛି। ଏହି ସଫଳତାର ପଛରେ ଅଛି ସହନଶୀଳ ଘରୋଇ ଚାହିଦା, ନିରନ୍ତର ବୃଦ୍ଧିଶୀଳ ନିବେଶ ପ୍ରବାହ ଏବଂ ଉତ୍ତମ ମୌସୁମୀ ପରିସ୍ଥିତି। ଜିଏସଟି ସଂଗ୍ରହ ତଥ୍ୟ ମଧ୍ୟ ଏହି ଗତିକୁ ସ୍ପଷ୍ଟ ପ୍ରମାଣିତ କରୁଛି – ଗତ ସେପ୍ଟେମ୍ବର ମାସରେ ଜିଏସଟି ଆଦାୟ ୧.୮୯ ଲକ୍ଷ କୋଟି ଟଙ୍କାକୁ ଅତିକ୍ରମ କରିଛି ଏବଂ ଏହା କ୍ରମେ ନବମ ଥର ପାଇଁ ୧.୮ ଲକ୍ଷ କୋଟି ଟଙ୍କା ଉପରେ ରହିଛି। ଏହା ଦେଖାଉଛି ଯେ ଦେଶରେ ବ୍ୟବହାର ଏବଂ ଟିକସ ଆଧାର ଉଭୟ ଶକ୍ତିଶାଳୀ ହେଉଛି । ବୈଦେଶିକ ମୁଦ୍ରା ସଂଗ୍ରହ ମଧ୍ୟ ଏବେ ନୂତନ ଉଚ୍ଚତାକୁ ସ୍ପର୍ଶ କରିଛି। ଦେଶରେ ବର୍ତ୍ତମାନ ବୈଦେଶିକ ମୁଦ୍ରା ସଂଗ୍ରହ ପରିମାଣ ୭୦୦ ବିଲିୟନ ଡଲାର ଛୁଇଁଛି, ଯାହା ପ୍ରାୟ ଏଗାର ମାସର ଆମଦାନୀକୁ ତୁଲାଇବା ସକାଶେ ସକ୍ଷମ। ଏହି ପରିମାଣ ଗତ ବର୍ଷ ତୁଳନାରେ ବହୁଗୁଣା ବୃଦ୍ଧି ପାଇଛି ଏବଂ ଭାରତର ଆର୍ଥିକ ଭିତିକୁ ଅଧିକ ମଜବୁତ କରିଛି। ଏହି ସମସ୍ତ ପରିସ୍ଥିତି ସହିତ ଉତ୍ପାଦନ ପି.ଏମ.ଆଇ. ୫୭.୭ ଏବଂ ସେବା କ୍ଷେତ୍ର ପି.ଏମ.ଆଇ. ୬୦.୯ରେ ରହିଛି, ଯାହା ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତତମ ଅଭିବୃଦ୍ଧିଶୀଳ ବିଶାଳ ଅର୍ଥନୀତି ଭାବେ ସ୍ଥାପିତ କରିଛି । ଏହି ସଂଖ୍ୟାମାନେ କେବଳ ଅର୍ଥନୈତିକ ସୂଚକ ନୁହେଁ, ଏହା ଭାରତର ଯୁବ ଶକ୍ତି, ନିବେଶକ ବିଶ୍ୱାସ ଏବଂ ନୀତିଗତ ସ୍ଥିରତାର ପ୍ରତୀକ ରୂପେ ପ୍ରକାଶିତ ହେଉଛି। ବଜାର ଠାରୁ ଆରମ୍ଭ କରି ରାସ୍ତାକଡ଼ର ଦୋକାନ ବଜାରରେ ସୁଦ୍ଧା ପ୍ରତିବିମ୍ବିତ ହୋଇଛି । ଖୁଚୁରା ଏବଂ ଇ– କମର୍ସ ସେଲ୍ସ ଚଳିତ ବର୍ଷ ଦଶହରାରେ ହିଁ ସର୍ବୋଚ୍ଚ ସ୍ତର ଛୁଇଁଥିଲା ଏବଂ ତାହା ୩.୭ ଲକ୍ଷ କୋଟି ଟଙ୍କାକୁ ପାର କରିଛି ବୋଲି ସି.ଏ.ଆଇ.ଟି. ଏବଂ ଭାରତୀୟ ଖୁଚୁରା ବ୍ୟବସାୟୀ ସଂଘ ଭଳି ଶିଳ୍ପ ସଂସ୍ଥାମାନଙ୍କ ରିପୋର୍ଟରେ ପ୍ରତିଫଳିତ ହୋଇଛି । ଏହା ବିଗତ ବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି । ଅନଲାଇନ ପ୍ଲାଟଫର୍ମଗୁଡ଼ିକ କେବଳ ୯୦,୦୦୦ କୋଟି ଟଙ୍କାର ସାମଗ୍ରିକ ବ୍ୟବସାୟ ମୂଲ୍ୟର କାରବାର ଚଳିତ ବର୍ଷ ପାର୍ବଣ ଋତୁରେ କରିଛନ୍ତି ଏବଂ ତାହା ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ, ସୁନା ଓ ପରିଧାନ ଭଳି ସାମଗ୍ରୀର ଚାହିଦା ଦ୍ୱାରା ହିଁ ମୁଖ୍ୟତଃ ପରିଚାଳିତ ବୋଲି ଜଣାପଡ଼ିଛି । ଚଳିତ ବର୍ଷ ଦୀପାବଳି, ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିବ ବୋଲି ଆଶା କରାଯାଉଛି । ଏହା କେବଳ ଉପଭୋକ୍ତାମାନଙ୍କ ଆତ୍ମବିଶ୍ୱାସରୁ ସଂକେତ ମିଳିନାହିଁ ଅପରପକ୍ଷେ ଆନୁଷ୍ଠାନିକ ଋଣ, ଡିଜିଟାଲ ପେମେଣ୍ଟ ଏବଂ ଗ୍ରାମାଞ୍ଚଳ ଲୋକମାନଙ୍କ କ୍ରୟଶକ୍ତି ବୃଦ୍ଧି କରିବା ନିମନ୍ତେ ସରକାରଙ୍କ ନିରବଚ୍ଛିନ୍ନ ପ୍ରୋତ୍ସାହନ ପାଇଁ ସଫଳ ହୋଇପାରିଛି ବୋଲି ବିବେଚନା କରାଯାଏ । ଦେଶର ଆର୍ଥିକ ମୂଳଦୁଆ ବର୍ତ୍ତମାନ ବେଶ୍ ମଜଭୁତ ରହିଛି । ବିଗତ ଏକ ଦଶନ୍ଧି ଧରି, ଭାରତର ଜି.ଡି.ପି. ପ୍ରାୟ ଦ୍ୱିଗୁଣିତ ହୋଇ ଭାରତକୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ପରିଣତ କରିଛି ଏବଂ ତାହା ଖୁବ୍‌ଶୀଘ୍ର ଜର୍ମାନୀ ଅର୍ଥବ୍ୟବସ୍ଥାକୁ ଟପିବାର ଆଶା ରଖାଯାଇଛି । ବିଦେଶୀ ମୁଦ୍ରା ଭଣ୍ଡାର ୬୦୦ ବିଲିୟନ ଆମେରିକୀୟ ଡଲାର ହେବାର ଆଶା କରାଯାଉଛି । ବର୍ତ୍ତମାନ ଦେଶରେ ମୁଦ୍ରାସ୍ଫୀତିର ମାତ୍ରା ଖୁବ୍ ସ୍ୱଳ୍ପ ରହିଛି ଏବଂ ଆର୍ଥିକ ସଙ୍କୋଚନ ଯୋଗୁଁ ରେକର୍ଡ ପରିମାଣରେ ସରକାରୀ ପୁଞ୍ଜି ବ୍ୟୟ କରାଯାଇପାରିଛି । ୨୦୨୪–୨୫ ମସିହାରେ, ଭାରତର ସାମଗ୍ରିକ ଦ୍ରବ୍ୟ ଓ ସେବା ରପ୍ତାନୀ ପରିମାଣ ସର୍ବକାଳୀନ ଶୀର୍ଷ ଛୁଇଁ ପ୍ରାୟ ୮୨୫ ବିଲିଅନ ଛୁଇଁଥିଲା, ଯଦ୍ୟପି କେବଳ ବ୍ୟବସାୟିକ ରପ୍ତାନୀ ପ୍ରାୟ ୪୩୭ ବିଲିୟନ ଡଲାର ହୋଇଛି । ଅକ୍ଷୟ ଶକ୍ତି କ୍ଷମତା ୨୨୦ ଗିଗାୱାଟକୁ ଅତିକ୍ରମ କରିଛି । ଏହିସବୁ ସଂଖ୍ୟା ଗୋଟିଏ ଦେଶ ସମ୍ପର୍କରେ କେବଳ ଗୋଟିଏ କଥା ହିଁ କହୁଛି ଯେ, ଏକ ଭଙ୍ଗୁର ସ୍ଥିତିରୁ ଏକ ମଜଭୁତ ସ୍ଥିତିରେ ପରିବର୍ତ୍ତିତ ହେବା ପଛରେ ଜଣେ ବ୍ୟକ୍ତିଙ୍କ ପରିକଳ୍ପନା ଏବଂ କାର୍ଯ୍ୟାନ୍ୱୟନର ଅପୂର୍ବ ସମନ୍ୱୟ ଓ ପ୍ରବର୍ତ୍ତନର ପରିଣାମ ହିଁ ରହିଛି ।

ଏହା ଏକ ଦୁଃଖଦ ବାସ୍ତବତା ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ଆଭିମୁଖ୍ୟକୁ ରାଜନୈତିକ ସ୍ୱାର୍ଥ ନିମନ୍ତେ କେତେକ ନିନ୍ଦୁକ ଭୁଲ ଭାବରେ ବୁଝୁଛନ୍ତି ଏବଂ ସେମାନେ ଏହାକୁ ବିଂଶ ଶତାବ୍ଦୀର ଯବକାଚ ଦ୍ୱାରା ଦେଖିବା ଓ ପରଖିବାରେ ଲାଗିଛନ୍ତି । ଆତ୍ମ ନିର୍ଭରଶଳୀତା କେବଳ ଏକାକୀ ଆଭିମୁଖ୍ୟ ନୁହେଁ । ବାହାର ଦୁନିଆରୁ ଦେଖିଲେ ଆତ୍ମ ନିର୍ଭର ଭାରତ ଆମକୁ ବିରାଟ ସାମର୍ଥ୍ୟ ବୋଲି ବୁଝାପଡ଼ିବ । ଏହା ଏଭଳି ଏକ ସାମର୍ଥ୍ୟ ଯାହା ଆମକୁ ସମାନତା ସର୍ତ୍ତରେ ସମସ୍ତଙ୍କ ସହିତ କାର୍ଯ୍ୟ କରିବାର ସାମର୍ଥ୍ୟ ଯୋଗାଏ । ଏହା ସେହି କ୍ଷମତା ଯାହା ଭାରତକୁ ବିଶ୍ୱକୁ ସାମ୍ନା କରିବାର ସାମର୍ଥ୍ୟ ପ୍ରଦାନ କରେ, ସମସ୍ତ ସୁଯୋଗକୁ ବିକେନ୍ଦ୍ରୀକୃତ କରିଥାଏ । ଯଦ୍ୱାରା ଯେଉଁମାନେ ତାହାର ସ୍ରଷ୍ଟା ସେମାନଙ୍କ ନିକଟକୁ ହିଁ ତାହାର ମୂଲ୍ୟ ଫେରିଥାଏ ଏବଂ ବିଶ୍ୱ ବଜାରକୁ ସମାନତା ସର୍ତ୍ତରେ ହିଁ ମୁକାବିଲା କରିଥାଏ । ତାହା ମୋବାଇଲ ଫୋନ ଠାରୁ ଆରମ୍ଭ କରି ପ୍ରତିରକ୍ଷା ସରଞ୍ଜାମ, ମେଡିକାଲ ଯନ୍ତ୍ରପାତି ଏବଂ ସୌର ମଡେଲ ପର୍ଯ୍ୟନ୍ତ ବ୍ୟାପ୍ତ । ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଏ ଦିଗରେ ନିବେଶ, କର୍ମନିଯୁକ୍ତି ଏବଂ ରପ୍ତାନୀକୁ ପ୍ରୋତ୍ସାହନ ଯୋଗାଇ ଆସୁଛି । ଅନୁସନ୍ଧାନ ଜାତୀୟ ଗବେଷଣା ନ୍ୟାସ, ତା'ର ୫୦,୦୦୦ କୋଟି ଟଙ୍କାର ଯୋଜନାବଦ୍ଧ ଆବଣ୍ଟିତ ପୁଞ୍ଜି ବଳରେ, ଦେଶରେ ଗବେଷଣା ଓ ବିକାଶର ପରିବେଶକୁ ଅଧିକ ସୁଦୃଢ଼ କରିବ । ଷ୍ଟାର୍ଟଅପମାନଙ୍କ ନିମନ୍ତେ ଏହା ଏକ ଦ୍ୱିତୀୟ ପାଣ୍ଠି ଉପରେ ପାଣ୍ଠି ବ୍ୟବସ୍ଥା ଏବଂ ପି.ଏଲ.ଆଇ. ଯୋଜନାର ସମ୍ପ୍ରସାରଣକୁ ଅଧିକ ପ୍ରଯୁକ୍ତି ଆଧାରିତ କରିବାରେ ସହାୟକ ହେବ। ଏହା ହେଉଛି ଆମ ରଣନୀତିକ ସ୍ୱାୟତ୍ତତାର ଆତ୍ମନିର୍ଭର ଭାରତ, ଯାହା ମୂଳରେ ଆତ୍ମ ବିଶ୍ୱାସ ଭରି ରହିଛି ଏବଂ ତାହା ନୀତି ମାଧ୍ୟମରେ ବାସ୍ତବତାରେ ପରିଣତ ହେବା ସହିତ ଏଥିପାଇଁ ବୈଶ୍ୱିକ ସହଭାଗୀତାର ମାତ୍ରା ମଧ୍ୟ ପରିବ୍ୟାପ୍ତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ, ଭାରତ ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ ଜନ ସଂସାଧନ ଗଠନ କରିଛି । ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍ ବର୍ତ୍ତମାନ ଭିସା ଅପେକ୍ଷା ଦୈନିକ ୬୫ କୋଟିରୁ ଅଧିକ କାରବାର ପରିଚାଳନା କରୁଛି । ଆଧାର, ଡିଜିଟାଲ ଲକର ଏବଂ ଓ.ଏନ.ଡି.ସି. ମିଳିତ ଭାବରେ ଏଭଳି ଏକ ବାତାବରଣ ସୃଷ୍ଟି କରିଛନ୍ତି, ଯାହା ନାଗରିକମାନଙ୍କୁ କ୍ଷୁଦ୍ର ବ୍ୟବସାୟୀ ଏବଂ ନବସୃଜକମାନଙ୍କୁ ଜନସାଂଖ୍ୟିକ ମାତ୍ରାରେ ସଂଯୋଗ କରିଛି । ୟୁ.ପି.ଆଇ.ର ବୈଶ୍ୱିକ ସହଭାଗୀତା ବର୍ତ୍ତମାନ ସିଂଗାପୁର, ୟୁ.ଏ.ଇ. ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ହୋଇଛି ଯାହା ଦର୍ଶାଏ ଯେ, ଭାରତର ନବାଚାର ବୈଶ୍ୱିକ ବେଞ୍ଚମାର୍କ ହାସଲ କରିବାକୁ ପ୍ରସ୍ତୁତ । ଏହା ଶାସନ, ସଶକ୍ତିକରଣ ଏବଂ ରପ୍ତାନି ପାଇଁ ବ୍ୟବହୃତ ପ୍ରଯୁକ୍ତିବିଦ୍ୟା। ଏହି ସଫଳତାର କାହାଣୀର କେନ୍ଦ୍ରବିନ୍ଦୁରେ ରହିଛନ୍ତି ଜନସାଧାରଣ । ଆମର ଡାୟାସ୍ପୋରା, ଯେଉଁମାନଙ୍କ ସଂଖ୍ୟା ୩୨ କୋଟିରୁ ଅଧିକ, ସେମାନେ ବିଶ୍ୱର ସବୁଠାରୁ ସଫଳ ଏବଂ ସମ୍ମାନିତ । ଆଜି, ଏଗାରଟି ଫର୍ଚ୍ୟୁନ୍ ୫୦୦ କମ୍ପାନୀ ଭାରତୀୟ ବଂଶୋଦ୍ଭବ ସିଇଓଙ୍କ ଦ୍ୱାରା ପରିଚାଳିତ, ଯାହାର ମିଳିତ ବଜାର ପୁଞ୍ଜିକରଣ ଛଅ ଟ୍ରିଲିୟନ ଡଲାରରୁ ଅଧିକ। ଏହି ଯାତ୍ରା ନୂତନ ଭାରତର ଆକାଂକ୍ଷାକୁ ପ୍ରତିଫଳିତ କରେ: ଯାହା କୁଶଳୀ, ଆତ୍ମବିଶ୍ୱାସଭରା, ସମାଧାନ ଧର୍ମୀ । ୨୦୨୪ ମସିହାରେ ଦେଶରେ ହୋଇଥିବା ୧୩୫ ବିଲିୟନ ଡଲାର ମୂଲ୍ୟର କାରବାର କେବଳ ପୁଞ୍ଜି ଅନ୍ତଃପ୍ରବାହକୁ ସୂଚୀତ କରେନାହିଁ ଭାରତ ଉପରେ ପୁନଃ ଆସ୍ଥାପ୍ରକଟକୁ ପ୍ରତିପାଦିତ କରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି କଥା ବାରମ୍ବାର କହିଥାଆନ୍ତି, ବିଦେଶରେ ବସବାସ କରୁଥିବା ଭାରତୀୟମାନେ କେବଳ ପ୍ରବାସୀ ନୁହଁନ୍ତି, ସେମାନେ ଭାରତର ମୂଲ୍ୟବୋଧ ଏବଂ ଉଦ୍ୟମିତାର ଜଣେ ଜଣେ ରାଷ୍ଟ୍ରଦୂତ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏହି ବିକ୍ଷିପ୍ତ ବିଶ୍ୱ ଶକ୍ତିକୁ ଏକ ଘରୋଇ ଆଧାର ପ୍ରଦାନ କରିଛି। ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ସ୍କିଲ୍ ଇଣ୍ଡିଆ ସମାନ୍ତରାଳ ଟ୍ରାକ୍ ନୁହେଁ, ବରଂ ଏକ ସଂଯୁକ୍ତ ମୂଲ୍ୟ ଶୃଙ୍ଖଳ : ସୁଯୋଗ ଚିହ୍ନଟ କରିବା, ଉଦ୍ୟୋଗୀତାକୁ ସକ୍ଷମ କରିବା ଏବଂ ପ୍ରତିଭାକୁ ସଜ୍ଜିତ କରିବା। ପରବର୍ତ୍ତୀ ପଦକ୍ଷେପ ହେଉଛି ଏକ ବ୍ୟାପକ ଗ୍ଲୋବାଲ୍ ସ୍କିଲ୍ସ ମିଶନ ଯାହା ଏହି ପଦକ୍ଷେପ ଗୁଡ଼ିକୁ ଏକ ଢାଞ୍ଚା ଅଧୀନରେ ସମନ୍ୱିତ କରିଥାଏ। ଅନ୍ତର୍ଜାତୀୟ ପ୍ରମାଣପତ୍ର ସହିତ ମାନକୀକରଣ ପାଠ୍ୟକ୍ରମ, ଶ୍ରମିକମାନଙ୍କ ପାଇଁ ପ୍ରସ୍ଥାନ ପୂର୍ବ ତାଲିମ, ଭାଷାଗତ ଏବଂ ସାଂସ୍କୃତିକ ଅଭିମୁଖତା ଏବଂ ପୋର୍ଟେବଲ୍ ସାମାଜିକ–ସୁରକ୍ଷା ଚୁକ୍ତିନାମା ସମସ୍ତ ମହାଦେଶରେ ଭାରତୀୟ ଶ୍ରମିକମାନଙ୍କୁ ଆବଶ୍ୟକୀୟ ବୃତ୍ତିଗତ କରିବ। ଏହା ଏପରି ଏକ କାର୍ଯ୍ୟକ୍ରମ ଯାହା ଏବେ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୂଟନୈତିକ ବିଚାରଧାରାରେ ବିବିଧ ଜି୨ଜି ସହଭାଗୀତାରେ କାର୍ଯ୍ୟକାରୀ କରାଯାଇଛି । ତେଣୁ, ହନୁମାନଙ୍କ ଡେଇଁବାର ପ୍ରତୀକାତ୍ମକ ଅର୍ଥ ସଠିକ୍ । ଏହା କୌଣସି ପ୍ରତ୍ୟାଖ୍ୟାନର କାର୍ଯ୍ୟ ନୁହେଁ ବରଂ ଆତ୍ମ ନିର୍ଭରଶୀଳତା ମାଧ୍ୟମରେ ସଂପାଦନ କରାଯାଇଥିବା କର୍ତ୍ତବ୍ୟ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଶାସନ ଆଦର୍ଶ ସେହି ବିଶ୍ୱାସ ଉପରେ ଆଧାରିତ ଯେ, ଭାରତର ଭାଗ୍ୟ ଏହାର ଜନସାଧାରଣଙ୍କ ସାମର୍ଥ୍ୟକୁ ଉଜ୍ଜୀବିତ କରିବାରେ ନିହିତ । ଭିତ୍ତିଭୂମି, ଡିଜିଟାଲ ପରିବର୍ତ୍ତନ, ସବୁଜ ଶକ୍ତି ଏବଂ ବୈଶ୍ୱିକ ସହଭାଗୀତା ହେଉଛି ଏଭଳି ଚେତନା ଜାଗ୍ରତର ସାଧନ । ଯେତେବେଳେ ଅନ୍ୟମାନେ ବିଶାଳ ପ୍ରାଚୀରମାନ ନିର୍ମାଣ କରୁଛନ୍ତି, ଭାରତ ତା'ର ଦକ୍ଷତା ନିର୍ମାଣ କରିଚାଲିଛି । ଯେତେବେଳେ ଅନ୍ୟମାନେ ବାଣିଜ୍ୟକୁ ପ୍ରତିବନ୍ଧକ ଲଗାନ୍ତି, ଭାରତ ସୁଯୋଗକୁ ବିସ୍ତାର କରେ। ଯେତେବେଳେ ଅନ୍ୟମାନେ ଭବିଷ୍ୟତକୁ ଭୟ କରନ୍ତି, ଭାରତ ଏଥିପାଇଁ ପ୍ରସ୍ତୁତ ହୁଏ। ହନୁମାନଙ୍କ ଲମ୍ଫ ହେଉଛି ତାଙ୍କ ସ୍ମୃତିର ପୁନର୍ଜାଗରଣ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଚିନ୍ତାଧାରା ହେଉଛି, ଜାତୀୟ କ୍ଷମତାର ସ୍ମୃତିକୁ ପୁନରୁଦ୍ଧାର କରିବା । ଯେତେବେଳେ ଅନ୍ୟମାନେ ପ୍ରାଚୀର ନିର୍ମାଣ କରନ୍ତି, ଭାରତ କ୍ଷମତା ନିର୍ମାଣ କରେ। ଯେତେବେଳେ ଅନ୍ୟମାନେ ସୁଯୋଗର ଉପଯୋଗ କରନ୍ତି, ଭାରତ ସେମାନଙ୍କୁ ପରାସ୍ତ କରେ। ଏହିପରି, ସଭ୍ୟତାଗତ ଆତ୍ମବିଶ୍ୱାସ ଏକ ଆଧୁନିକ ପ୍ରତିଯୋଗିତାମୂଳକ ସୁବିଧାରେ ପରିଣତ ହୁଏ। ଆମେ ଯେତେବେଳେ ପବିତ୍ର ଦୀପାବଳୀର ନିକଟତର ହେଉଛୁ, ଏହା ସ୍ମରଣ କରିବା ଗୁରୁତ୍ୱପୂର୍ଣ୍ଣ ହେବ ଯେ, ହନୁମାନଙ୍କ ଲମ୍ଫ ସମୁଦ୍ରର ଦୈର୍ଘ୍ୟକୁ ସଙ୍କୁଚିତ କରିନଥିଲା ଏହା ତାଙ୍କର ଆତ୍ମବିଶ୍ୱାସକକୁ ବୃଦ୍ଧି କରିଥିଲା । ଦୁନିଆ ଯେତେ ନୂଆ ନୂଆ ପ୍ରତିବନ୍ଧକ ସୃଷ୍ଟି କରୁ ନା କାହିଁକି, ଆଜିର ଭାରତ ନିକଟରେ କିନ୍ତୁ ନେତୃତ୍ୱ, ସହନଶୀଳତା ଏବଂ ଆଗକୁ ବଢ଼ିବାର ସାହସ ଭରପୂର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରାରେ ପରିଚାଳିତ ହୋଇ ଏକ ରାଷ୍ଟ୍ର ଭାବରେ, ଭାରତ କୂଳରେ ଠିଆ ହୋଇ ସେହି ସମୁଦ୍ରକୁ କେବଳ ଚାହିଁ ରହିବନାହିଁ । ଏହା ତା'ର ବାସ୍ତବ ସାମର୍ଥ୍ୟକୁ ବୁଝି ସେହି ସମୁଦ୍ରକୁ ଲଙ୍ଘିବା ନିମନ୍ତେ ପ୍ରସ୍ତୁତ ।

(ଶ୍ରୀମଭଗବଦ୍ ଗୀତା ୧୮/୬୨)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।**
**ତତ୍ ପ୍ରସାଦାତ୍ ପରାଂ ଶାନ୍ତି ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।। ୬୨ ।।**

(ଯସ୍ମାତ୍ ଏବଂ ସର୍ବେ ଜାବାଃ ପରମେଶ୍ୱରପରତନ୍ତ୍ରାଃ ତସ୍ମାତ୍)- ହେ ଭାରତ ! ସର୍ବଭାବେନ (ସର୍ବାତ୍ମନା) ତମେବ (ଈଶ୍ୱରମେବ) ଶରଣଂ ଗଚ୍ଛ: ତତ୍ ପ୍ରାସାଦାତ (ତସ୍ୟୈବ ପରମେଶ୍ୱରସ୍ୟ ଅନୁଗ୍ରହାତ୍) ପରାଂ ( ଉତ୍ତମାଂ) ଶାନ୍ତିଂ, ଶାଶ୍ୱତଂ (ନିତ୍ୟଂ) ସ୍ଥାନଂ (ବିଷ୍ଣୁପଦଂ) ଚ ପ୍ରାପ୍ସ୍ୟସି ।। ୬୨ ।।

# ମହାନଦୀ ବିବାଦର ସମାଧାନ ପାଇଁ ତତ୍ପରତା

ମହାନଦୀ ଜଳ ବିବାଦର ଆଶୁ ସମାଧାନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତତ୍ପରତା ପ୍ରକାଶ କରିଥିବା ଏକ ଶୁଭ ସୂଚନା । ପୂର୍ବରୁ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଏହି ଜଳ ବିବାଦ ତୀବ୍ର ଆକାର ଧାରଣ କରିଥିଲା । ଦୀର୍ଘ ଚବିଶ ବର୍ଷର ନବୀନ ସରକାର ଏହି ସମସ୍ୟାର ସମାଧାନ ଲାଗି ଉଦ୍ୟମ କରିଥିଲେ ମଧ୍ୟ ଏହି ଜଳ ବିବାଦ ସଂକ୍ରାନ୍ତରେ ଓଡ଼ିଶାର କଥାକୁ ଛତିଶଗଡ଼ ସରକାର ଆଦୌ ଗୁରୁତ୍ୱ ଦେଉନଥିଲେ । ଏବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଉଭୟ ମିଳିମିଶି ଏହି ସମସ୍ୟାର ସମାଧାନ କରିବାର ଆଶା ଉଜ୍ଜ୍ୱଳ ବୋଲି ମନେ ହେଉଛି । କାରଣ ଗତ ଅକ୍ଟୋବର ୧୧ (୨୦୨୫)ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ କହିଛନ୍ତି ଯେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଏହି ବିବାଦର ସମାଧାନ ସକାଶେ ତତ୍ପରତା ପ୍ରକାଶ ପାଇଛି । ଉଭୟ ରାଜ୍ୟ ମଧ୍ୟରେ ଦୀର୍ଘ ଦିନ ଧରି ଏହି ବିବାଦ ଲାଗି ରହିଥିଲା । ଉଭୟ ରାଜ୍ୟ ମଧ୍ୟରେ ଏହାର ସମାଧାନ ଓ ସହଯୋଗ ରହିଲେ ବିବାଦର ସମାଧାନ ଶୀଘ୍ର ହୋଇ ପାରିବ ବୋଲି ଟ୍ରିବ୍ୟୁନାଲ ଆଶା ପ୍ରକାଶ କରିଛନ୍ତି ।

୧୯୫୭ ମସିହାରେ ତତ୍କାଳୀନ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ମହାନଦୀ ଉପରେ ହୀରକୁଦ ବନ୍ଧ ନିର୍ମିତ ହୋଇଥିଲା । ୧୯୮୪ରେ ତତ୍କାଳୀନ ଓଡ଼ିଶା ଓ ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱିପାକ୍ଷିକ ସହମତିରେ ଜଳଭଣ୍ଡାର ନିର୍ମାଣ ସକାଶେ ବୁଝାମଣା ମଧ୍ୟ ହୋଇଥିଲା । ୨୦୦୬ରେ ମହାନଦୀରୁ ଜଳ ଯୋଗାଣ ପାଇଁ ତାପଜ ବିଦ୍ୟୁତ କେନ୍ଦ୍ର ଓ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକ ସହିତ ଓଡ଼ିଶା ସରକାର, ସ୍ମାରକ ବୁଝାମଣା ପତ୍ରମାନଙ୍କରେ ମଧ୍ୟ ସ୍ୱାକ୍ଷର କରିଥିଲେ । ଏହାର ପ୍ରାୟ ଦଶ ବର୍ଷ ପରେ ୨୦୧୬ରେ ଛତିଶଗଡ଼ ସରକାର ଓଡ଼ିଶାର ହୀରାକୁଦ ବନ୍ଧର ଉପରମୁଣ୍ଡରେ ବେଆଇନ ଭାବେ ଅନେକଗୁଡ଼ିଏ ବନ୍ଧ ନିର୍ମାଣ କରୁଥିଲେ ବୋଲି ଓଡ଼ିଶା ସରକାର ଅଭିଯୋଗ କରି ସର୍ବୋଚ ଅଦାଲତଙ୍କ ଆଶ୍ରୟ ନେଇଥିଲେ । ତହିଁ ପରବର୍ଷ କେନ୍ଦ୍ର ସରକାର ଏ ବିବାଦର ସମାଧାନ ଲାଗି ଏକ ବୁଝାମଣା କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ । କାହିଁକି କେଜାଣି ତତ୍କାଳୀନ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ଟ୍ରିବ୍ୟୁନାଲ ଗଠନ ସକାଶେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉଠାଇଥିଲେ । ୨୦୧୮ ମସିହାରେ ପ୍ରାୟ ସାତ ବର୍ଷ ତଳେ ଏହି ବିବାଦ ଉପରେ ଟ୍ରିବ୍ୟୁନାଲ ଗଠନ କରାଯିବାକୁ ସର୍ବୋଚ୍ଚ ଅଦାଲତ ଆଦେଶ ଦେଇଥିଲେ ଏବଂ ତଦନୁଯାୟୀ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଥିଲେ । ମାତ୍ର ତତ୍କାଳୀନ ରାଜ୍ୟ ସରକାରଙ୍କର ଅନାଗ୍ରହ ଭାବ ଯୋଗୁଁ ଏ ସମସ୍ୟାର ସମାଧାନ ଗତ ବର୍ଷ ୨୦୨୪ର ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ମଧ୍ୟ ହୋଇ ପାରି ନଥିଲା ।

ତା ୧୮/୯ /୨୦୧୬ ତାରିଖରେ ତତ୍କାଳୀନ କେନ୍ଦ୍ର ଜଳ ସଂପଦ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ନଦୀ ଉନ୍ନୟନ, ଗଙ୍ଗାର ନବୀକରଣ ଓ ମହାନଦୀର ବିଭିନ୍ନ ସମସ୍ୟା ଉପରେ ସମାଧାନ ପାଇଁ ଏହି ତ୍ରିପାକ୍ଷିକ ବୈଠକ ଡକା ଯାଇଥିଲା । ଏଥିରେ ତତ୍କାଳୀନ କେନ୍ଦ୍ର ଜଳ ସଂପଦ ମନ୍ତ୍ରୀ ସୁଶ୍ରୀ ଉମା ଭାରତୀ ଅଧ୍ୟକ୍ଷତା କରିଥିଲେ । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ଦୁଇଜଣ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଓ ପୁଷ୍ପେନ୍ଦ୍ର ସିଂହଦେଓ ମଧ୍ୟ ସେହି ବୈଠକରେ ଅଂଶଗ୍ରହଣ କରିଥିଲେ । ଛତିଶଗଡ଼ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ରମଣ ସିଂ ଓ ତାଙ୍କ ସହ କେତେକ ଅଫିସର ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ଶାସନ ସଚିବ ଓ ସ୍ୱତନ୍ତ୍ର ଶାସନ ସଚିବମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ସେଠାରେ ଅବଶ୍ୟ ଶ୍ରୀ ପଟ୍ଟନାୟକ ଛତିଶଗଡ଼ ସରକାରଙ୍କ ମହାନଦୀ ଉପରମୁଣ୍ଡରେ ବେଆଇନ ବନ୍ଧ ନିର୍ମାଣ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ ।

ପ୍ରାୟ ଛଅ ବର୍ଷ ତଳେ, ତା ୧୯/ ୧/୧୯ରେ ସୁଶ୍ରୀ ଅନନ୍ୟା ଅନସୂୟା ନାୟକ ନାମକ ଜଣେ ଗବେଷିକା ଓ ସୁଲେଖିକା ଏ ଲେଖକଙ୍କୁ ଇଂରାଜୀରେ ଲିଖିତ ୧୪୦ ପୃଷ୍ଠା ବିଶିଷ୍ଟ ଏକ ପୁସ୍ତକ ଉପହାର ସ୍ୱରୂପ ଦେଇଥିଲେ । ପୁସ୍ତକର ନାମ ଥିଲା MAHANADI, MY JOURNEY TO HIRAKUD DAM (ମହାନଦୀ, ହୀରାକୁଦ, ଆଡ଼କୁ ମୋ ଯାତ୍ରା)ଏହି ପୁସ୍ତକରେ ଲେଖିକା ଦର୍ଶାଇଛନ୍ତି ଯେ ମହାନଦୀ ଉପତ୍ୟାକାରେ ଏକ ବିସ୍ତୃତ କୃଷିଭିତ୍ତିକ ଅର୍ଥନୀତି ଦୀର୍ଘ ଦିନରୁ ରହି ଆସିଛି । ସେ ଏହି ପୁସ୍ତକରେ ଅନେକ ଚାର୍ଟ, ପାଇଚାର୍ଟ ଓ ପରିସଂଖ୍ୟାନ ପ୍ରଭୃତି ମଧ୍ୟ ସଂଯୁକ୍ତ କରିଛନ୍ତି । ତେବେ ମହାନଦୀ ଉପରେ ଅଧିକରୁ ଅଧିକ ଗବେଷଣା କରାଯିବା ଉଚିତ ବୋଲି ଏବେ ସମସ୍ତେ ଅନୁଭବ କରୁଛନ୍ତି । କାରଣ ମହାନଦୀ ହେଉଛି ପ୍ରକୃତରେ ଓଡ଼ିଶାର ଜୀବନରେଖା ।


**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ହୁଗୁଳା ହେଉଛି ସାମାଜିକ ଜୀବନ



**ପ୍ରଫୁଲ୍ଲ କୁମାର ପଣ୍ଡା**

ସମାଜରେ ଘଟୁଥିବା ଅଭାବନୀୟ ଅଘଟଣଗୁଡ଼ିକୁ ଦେଖିଲେ ବା ଶୁଣିଲେ ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି ବ୍ୟତିବ୍ୟସ୍ତ ହେବେ । ଯେଉଁ ପ୍ରକାର ଘଟଣା ମାନ ପ୍ରତିଦିନ ଖବର କାଗଜ ବା ଟିଭିରେ ଦେଖିବାକୁ ବା ଶୁଣିବାକୁ ମିଳୁଛି ସେ ସବୁ ଗୋଟେ ସମୟରେ ସମାଜରେ ଘଟିବ ବୋଲି କଳ୍ପନା କରାଯାଇନଥିଲା । ଯୁବପିଢ଼ିର ଗତି ମତିରେ ଯେଉଁ ପ୍ରକାର ସ୍ଖଳନ ଦେଖାଦେଇଛି ଏବଂ ସାମାଜିକ ବନ୍ଧନ ଯେପରି ଢିଲା ହୋଇ ଯାଇଛି ଏହା ନିଶ୍ଚିତ ଭାବରେ ଏକ ଚିନ୍ତା ଜନକ ବିଷୟ । ବିବାହ ବିଚ୍ଛେଦ ଯୁବପିଢ଼ି ମଧ୍ୟରେ ଏକ ଅତି ସାଧାରଣ ଘଟଣା ଭଳି ବିବେଚିତ ହେଉଛି । ମନୋମାଳିନ୍ୟ ହେତୁ କେଉଁଠି ସ୍ୱାମୀ ସ୍ତ୍ରୀ କୁ ହତ୍ୟା କରୁଛି ତ ଆଉ କେଉଁଠି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରୁଛି, ବାପା ମା ଓ ଗୁରୁଜନମାନଙ୍କୁ ଯଥାରୀତି ସମ୍ମାନ ଓ ଚର୍ଚ୍ଚା କରିବା ଏକପ୍ରକାର ବିରଳ ଦୃଷ୍ଟାନ୍ତ ପାଲଟି ଯାଇଛି । ଯୁବକଯୁବତୀମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଏତେ ଅଧିକ ହୋଇଯାଇଛି ଯେ ଅଧିକାଂଶ ଦିନ ଆତ୍ମଦାହ ଓ ଆତ୍ମହତ୍ୟା ଘଟଣା ସାଧାରଣ ଭାବେ ହିସାବରେ ଘଟି ଚାଲିଛି । ସମାଜରେ ଆଧୁନିକତା ଓ ବସ୍ତୁବାଦୀ ଚିନ୍ତାଧାରାରେ ଯେତିକି ଯେତିକି ଆଗଉଛି ପାରିବାରିକ ହିଂସା, ରୁଗ୍ଣ ମାନସିକତା, ଅଧୈର୍ଯ୍ୟଭାବ, କ୍ଷଣକୋପ, ଅପରାଧପ୍ରବଣତା, ଦୁର୍ନୀତି, ଶଠତା ଇତ୍ୟାଦି ସେତିକି ସେତିକି ବୃଦ୍ଧି ପାଉଛି ।

ଏହିସବୁ ନକାରାତ୍ମକ ତତ୍ତ୍ୱଗୁଡ଼ିକ ସାମୂହିକ ଭାବରେ ସମାଜରେ ଏଭଳି ଏକ ପରିବେଶ ସୃଷ୍ଟି କରୁଛନ୍ତି, ଯେଉଁଠି ବିଶ୍ୱାସର ମୂଳଦୁଆ ଭୁଶୁଡ଼ି ପଡୁଚି । ବାପାମାଆ ଏବଂ ସନ୍ତାନମାନଙ୍କ ମଧ୍ୟରେ, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ, ଭାଇଭଉଣୀଙ୍କ ମଧ୍ୟରେ, ବନ୍ଧୁବନ୍ଧୁ ମଧ୍ୟରେ, ନେତା ଓ ଜନତାଙ୍କ ମଧ୍ୟରେ, ସହକର୍ମୀମାନଙ୍କ ମଧ୍ୟରେ, ମାଲିକ ଓ ଅନୁଚରଙ୍କ ମଧ୍ୟରେ ଏକ ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି । ଏହାର କୁପରିଣତି ପାରିବାରିକ, ବୃତ୍ତିଗତ ଓ ସାମାଜିକ ଜୀବନରେ ପ୍ରତିଫଳିତ ହେଉଛି । ବାପାମାଆ, ଦାଦା ଖୁଡ଼ି, ମଉସାମାଉସୀ, ପିଉସାପିଉସୀ, ଭାଇ ଭଉଣୀ, ଶାଶୁ ଶ୍ୱଶୁର, ପୁଅବୋହୂଙ୍କ ମଧ୍ୟରେ ସ୍ନେହ,ଶ୍ରଦ୍ଧା ,ପ୍ରେମ ଇତ୍ୟାଦି ସକାରାତ୍ମକ ଭାବ ରହିବା ବଦଳରେ ତିକ୍ତତା,ଈର୍ଷା ଓ ଅସୂୟା ଭାବ ବେଶୀ ପରିଲକ୍ଷିତ ହେଉଛି । ଟିକେ ଟିକେ କଥାରେ ସମ୍ପର୍କ ଛିନ୍ନ କରିବାକୁ ବା ହିଂସାଚରଣ କରିବାକୁ କେହି ପଛାଉ ନାହାଁନ୍ତି । ଯେଉଁ କୁଟୁମ୍ବକୁ ନେଇ ପରିବାର ଯେତେ ଗର୍ବ କରୁଥିଲା ସେଇ କୁଟୁମ୍ବର ସମାଜରେ ସେତିକି ଖାତିର ଓ ପତିଆରା ଥିଲା । ଏବେ କୁଟୁମ୍ବ ଶବ୍ଦର ଅର୍ଥ ଯୁବପିଢ଼ିକୁ ବୁଝାଇବା କଠିନ ହୋଇଗଲାଣି । ଆମର ଗ୍ରାମ୍ୟ ଜୀବନର ପୂର୍ବପୃଷ୍ଠାକୁ ଓଲଟାଇଲେ ସ୍ୱତଃପ୍ରବୃତ୍ତ ଭାବରେ ସ୍ମୃତିକୁ ଆସିଯାଏ, ସେତେବେଳର ଗାଁରେ କୁଟୁମ୍ବ ପ୍ରସଙ୍ଗରେ । ପଣ୍ଡା ଘର କୁଟୁମ୍ବ, ମହାପାତ୍ର ଘର କୁଟୁମ୍ବ, ଜେନା ଘର କୁଟୁମ୍ବ, ସ୍ୱାଇଁ ଘର କୁଟୁମ୍ବ, ରାଉତ ଘର କୁଟୁମ୍ବ ଇତ୍ୟାଦି ଗାଁରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନକୁ ନିୟନ୍ତ୍ରଣ କରୁଥିଲେ । ଯେଉଁ କୁଟୁମ୍ବରେ ଯେତେ ଅଧିକ ଲୋକ, ଅଧିକ ଦୃଢ଼ ବନ୍ଧନ ଓ ସହଯୋଗ ସେହି କୁଟୁମ୍ବର ସେତିକି ଖାତିର ଓ ପ୍ରଭାବ । ସେ ସମୟରେ ବନ୍ଧୁବାନ୍ଧବ ଏବଂ କୁଟୁମ୍ବ ଲୋକ ମିଶି ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମ ସମ୍ପାଦନ କରୁଥିଲେ । ଯଦି କୁଟୁମ୍ବରେ କାହା କାହା ମଧ୍ୟରେ ମନୋମାଳିନ୍ୟ ରହୁଥିଲା, ତେବେ ଏହି ସବୁ କାମ କାର୍ଯ୍ୟ ସମୟରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ତାହାର ସମାଧାନ କରିଦେଉଥିଲେ । ଆଧୁନିକ ସମାଜରେ ସେସବୁ ସମ୍ପର୍କ ଓ ବନ୍ଧନ ସମ୍ପୂର୍ଣ୍ଣ ଶିଥିଳ ପଡ଼ିଯାଇଛି । ପାରିବାରିକ ସହଯୋଗ ଏକ ପ୍ରକାର ବିଲୁପ୍ତ ପ୍ରାୟ, ଏକକ ପରିବାର ଆଜି ଦିନରେ ସାମାଜିକ ବ୍ୟବସ୍ଥା ହୋଇଯାଇଛି ଏବଂ ଯୌଥ ପରିବାର କାଁ ଭାଁ କେଉଁଠି ଅଛି । ଯେଉଁଠି ବା ଯୌଥ ପରିବାର ଅଛି ପୂର୍ବ ଭଳି ସଦସ୍ୟମାନଙ୍କ ମଧ୍ୟରେ ଐକ୍ୟ ଭାବ ନାହିଁ । ନାମକୁ ମାତ୍ର ଯୌଥ ପରିବାର ଏବଂ ଘର ଭିତରେ ଅଲଗା ଅଲଗା ଚୁଲି ଏବଂ ପରସ୍ପର ମଧ୍ୟରେ କଳି ଝଗଡ଼ା ନିତିଦିନ କଥା । ନିଜର ଝିଆରୀ ପୁତୁରା, ଭଣଜାଭାଣେଜୀଙ୍କୁ ନିଜ ପିଲା ଭଳି ସ୍ନେହ ଆଦର କରିବା ଦେଖିବାକୁ ବା ଶୁଣିବାକୁ ମିଳୁନି । ଏକକ ପରିବାରରେ ଖୁବ୍ କମ୍ ଦେଖା ଯାଉଛି ଯେଉଁଠି ପୁଅ ବାପା ମାଆଙ୍କୁ ଓ ବୋହୂ ଶାଶୁ ଶ୍ୱଶୁରଙ୍କୁ ଯଥାରୀତି ଆଦର ଯତ୍ନ କରୁଛନ୍ତି । ଅଧିକାଂଶ କ୍ଷେତ୍ରରେ ବୁଢ଼ାବୁଢ଼ୀମାନେ ଅତି ଦୟନୀୟ ଭାବରେ ଗାଁରେ ବା ସହରରେ ଅବାଞ୍ଛିତ ଭାବେ ଭିଟାମାଟି କାମୁଡି ପଡିଛନ୍ତି । ଅପରାଧରେ ନାବାଳକମାନଙ୍କର ସଂପୃକ୍ତି । ଛୋଟ ଛୋଟ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନେ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କୁ ଭୁଲ ବ୍ୟବହାର ବା ଦୁର୍ବ୍ୟବହାର କରୁଛନ୍ତି । ସେମାନଙ୍କ ବାପା ମାଆଙ୍କୁ ଡାକି ଅଭିଯୋଗ କଲେ ସେମାନେ ତାଙ୍କର କିଛି କରିବାର ନାହିଁ ବୋଲି ନିଜର ଅସହାୟତା ପ୍ରକାଶ କରୁଛନ୍ତି । ଏହିସବୁ ଉଦ୍‌ବେଗଜନିତ ପାରିବାରିକ ଓ ସାମାଜିକ ବିଘଟନକୁ ଦୃଷ୍ଟିପାତ କଲେ ବୁଦ୍ଧିଜୀବୀମାନଙ୍କ ମୁଣ୍ଡ ଗୋଳ ହେଇଯାଉଛି । ଆଗକୁ ସମାଜରେ କି ଭୟଙ୍କର ପରିସ୍ଥିତି ଉପୁଜିବ ସେ କଥା ଚିନ୍ତା କରି ଶୂନ୍ୟତାର ଅନୁଭବ ଆସୁଛି । ଆମ ବାଲ୍ୟ ଅବସ୍ଥା କଥା ମନେ ପଡ଼ିଯାଉଛି । ବାପାମାଆ ଓ ଗୁରୁଜନଙ୍କ ପ୍ରତି ଥିବା ଭୟ ,ଭକ୍ତି ଓ ସମ୍ମାନ ମନେ ପଡ଼ି ଯାଉଛି । ଯେତେ କଠିନ ଦଣ୍ଡବିଧାନ ଦେଲେ ବି ବିନା ଦ୍ୱିଧାରେ ଗ୍ରହଣ କରୁଥିଲୁ , ଜବାବ ଦେବାର ଯୁ ନଥିଲା । ସେମାନଙ୍କର କଠୋର ଶାସନ ଆମ ଜୀବନକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରୁଥିଲା । ବାପାମାଆ ଓ ଗୁରୁଜନମାନେ ଯେତିକି କଠୋର ଥିଲେ ତା' ଠୁ ଅଧିକ କୋମଳ, ସ୍ନେହି ଓ ଦରଦୀ ଥିଲେ, ସେଥିପାଇଁ ସମାଜ ଶୃଙ୍ଖଳିତ ଓ ସମ୍ପର୍କ ଦୃଢ଼ ଥିଲା । ଏବେ ଆସନ୍ତୁ ଯୁବପିଢ଼ିର ପାରିବାରିକ ସମ୍ପର୍କ ବିଷୟରେ କିଛିଟା ଆଲୋକପାତ କରିବା । ଆମେ ପୂର୍ବରୁ କହିଚୁ କି ଅଧୁନା ସମାଜରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ପୂର୍ବ ଭଳି ମଜବୁତ ନାହିଁ । ସ୍ୱାମୀସ୍ତ୍ରୀ ଇହ କାଳ ପରକାଳର ସାଥୀ ନୁହନ୍ତି । ସାତଜନ୍ମ କଥା ଛାଡନ୍ତୁ । ଯଦି ଟିକେ ଗଭୀର ଭାବେ ଅନୁଶୀଳନ କରିବା ଏଭଳି

**ସେ ସମୟରେ ବନ୍ଧୁବାନ୍ଧବ ଏବଂ କୁଟୁମ୍ବ ଲୋକ ମିଶି ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମ ସମ୍ପାଦନ କରୁଥିଲେ । ଯଦି କୁଟୁମ୍ବରେ କାହା କାହା ମଧ୍ୟରେ ମନୋମାଳିନ୍ୟ ରହୁଥିଲା, ତେବେ ଏହି ସବୁ କାମ କାର୍ଯ୍ୟ ସମୟରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ତାହାର ସମାଧାନ କରିଦେଉଥିଲେ । ଆଧୁନିକ ସମାଜରେ ସେସବୁ ସମ୍ପର୍କ ଓ ବନ୍ଧନ ସମ୍ପୂର୍ଣ୍ଣ ଶିଥିଳ ପଡ଼ିଯାଇଛି ।**

ଆଉ କେତେକ କ୍ଷେତ୍ରରେ ବାପା ମାଆଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେଇ ପୁଅବୋହୂ ସେମାନଙ୍କର ବୋଝ ବୋହିବାରୁ ମୁକ୍ତ ହୋଇ ଯାଉଛନ୍ତି । ବୃଦ୍ଧ ପିତାମାତାଙ୍କୁ ବାର୍ଦ୍ଧକ୍ୟ ସମୟରେ ଦେଖାଶୁଣା କରିବା ଓ ଯତ୍ନ ନେବା ଏକ ସାମାଜିକ ଓ ନୈତିକ ଦାୟିତ୍ୱ ବୋଲି ଉତ୍ତର ପିଢ଼ି ଗ୍ରହଣ କରିବାକୁ ନାରାଜ । ସେମାନଙ୍କର ନିଜ ପତ୍ନୀ, ପୁଅ,ଝିଅ, ଏବଂ ଶ୍ୱଶୁର ଘର ପରିବାରକୁ ନେଇ ସଂସାର । ସେ ଭିତରେ ଭାଇଭଉଣୀ ବାପାମାଆ ଓ ଅନ୍ୟାନ୍ୟ ରକ୍ତ ସମ୍ପର୍କୀୟମାନଙ୍କର କୌଣସି ସ୍ଥାନ ନାହିଁ । ତେବେ ଉପରୋକ୍ତ ପ୍ରସଙ୍ଗ ପରିପ୍ରେକ୍ଷୀରେ ସମାଜରେ ଘଟୁଥିବା ବିଭିନ୍ନ କୁପରିଣତି ଉପରେ ଦୃଷ୍ଟିପାତ କରିବା ।

ଆଜିର ଦିନରେ ସମାଜରେ ଅସଂଖ୍ୟ ବିବାହ ବିଚ୍ଛେଦ ଦେଖାଯାଉଛି, ହତ୍ୟା ଓ ଆତ୍ମହତ୍ୟା ଏକପ୍ରକାର ସାଧାରଣ ଦୈନନ୍ଦିନ ଘଟଣା ହୋଇଯାଇଛି । ଘରୋଇ ହିଂସା ଓ ଅତ୍ୟାଚାର ଏକପ୍ରକାର ଗ୍ରହଣୀୟ ଘଟଣାରେ ପରିଣତ ହୋଇଛି । ଆତ୍ମୀୟ ସ୍ୱଜନଙ୍କ ଭିତରେ କୋର୍ଟ କଚେରୀ ଓ ମାଲି ମୋକଦ୍ଦମା ବୃଦ୍ଧି ପାଉଛି । ଯେହେତୁ ଯୁବପିଢ଼ି ବୟୋଜ୍ୟୋଷ୍ଠ ଓ ଗୁରୁଜନ ଶ୍ରେଣୀର ଲୋକଙ୍କ ହିତୋପଦେଶ ଶୁଣିବାକୁ ନାରାଜ , ତେଣୁ ନୈତିକ ଅଧୋପତନର ଶିକାର ହଉଛନ୍ତି । ସେଥିପାଇଁ ସମାଜରେ ବିଶୃଙ୍ଖଳା ଓ ଅପରାଧ ବୃଦ୍ଧି ପାଉଛି । ସବୁଠାରୁ ଚିନ୍ତାର ବିଷୟ ହେଉଛି ହତ୍ୟା ଓ ଧର୍ଷଣ ଭଳି ଜଘନ୍ୟ ଚିନ୍ତାଜନକ ପରିସ୍ଥିତି ପାଇଁ କେତେଗୁଡ଼ିଏ କାରଣ ଦାୟୀ ବୋଲି ହୃଦ୍‌ବୋଧ ହେବ ।

ପ୍ରଥମତଃ ଏବେକାର ଯୁବକଯୁବତୀମାନେ ପୁରାତନ ବୈବାହିକ ପ୍ରଥାକୁ ଗ୍ରହଣ କରୁ ନାହାନ୍ତି ଏବଂ ଅଧିକାଂଶ କ୍ଷେତ୍ରରେ ଉଭୟ ଉଭୟଙ୍କୁ ପସନ୍ଦ କରି ବିବାହ କରୁଛନ୍ତି କିମ୍ବା ବିନା ବିବାହରେ ଏକାଠି ରହୁଛନ୍ତି । ପୁଅ ଝିଅମାନଙ୍କ ପସନ୍ଦକୁ ବାପା ମାଆ ଗ୍ରହଣ କରିବାକୁ ଏକ ପ୍ରକାର ବାଧ୍ୟ । ମନ ପସନ୍ଦର ଜୀବନ ସାଥୀ ବାଛିବାରେ କିଛି ଆପତ୍ତି ନାହିଁ, ସମସ୍ୟା ହେଉଛି ଖୁବ୍ କମ୍ ଦିନ ଭିତରେ ନବ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଆରମ୍ଭ ହେଇଯାଉଛି । ଏହାର ପ୍ରମୁଖ କାରଣଗୁଡିକ ହେଉଛି ଯେହେତୁ ଅଧିକାଂଶ କ୍ଷେତ୍ରରେ ଉଭୟ କର୍ମଜୀବୀ, ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଇଯାଉଛି । କିଏ କମ୍ ଦରମା ପାଉଛି, କିଏ ଅଧିକ ଦରମା ପାଉଛି, କିଏ ଆଗକୁ ବଢ଼ି ଯାଉଛି ତ କିଏ ପଛକୁ ରହିଯାଉଛି, ପରସ୍ପରକୁ ଆବଶ୍ୟକ ଅନୁସାରେ ସମୟ ନ ଦେଇପାରିବା, ଝିଅ ଓ ପୁଅଙ୍କ ପରିବାରକୁ ନେଇ ତିକ୍ତତା, ଅଧୈର୍ଯ୍ୟ ଓ ଅସହନଶୀଳତା, ପୁରୁଷ ବନ୍ଧୁ ଓ ସ୍ତ୍ରୀ ବନ୍ଧୁଙ୍କୁ ନେଇ ତିକ୍ତତା ଏବଂ ସର୍ବୋପରି କେହି କାହା ସହିତ ଖାପ ଖୁଆଇ ଚାଲିବା ପାଇଁ ଆରାଜି ଇତ୍ୟାଦି ହୁଗୁଳା ସମ୍ପର୍କର କେତେ ଗୁଡ଼ିଏ ପ୍ରମୁଖ କାରଣ ।

ବେଶୀ କିଛି ନ ବଖାଣି ଏତିକି କୁହାଯାଇପାରେ କି ଅଧୁନା ବନ୍ଧୁବାନ୍ଧବଙ୍କ ମଧ୍ୟରେ ଥିବା ସମ୍ପର୍କ ଏକ ସାମାଜିକ ଔପଚାରିତାରେ ସୀମିତ ହୋଇଗଲାଣି ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଭଳି କାର୍ଯ୍ୟକ୍ରମରେ ଯୋଗ ଦେବାଟା ଏକପ୍ରକାର ବାଧ୍ୟବାଧକତା ହୋଇଗଲାଣି ସେଥିରେ କାହାରି ଆତ୍ମୀୟତା ଥିଲା ଭଳି ମନେ ହେଉନି । ପିଲାମାନେ କକା, ଖୁଡ଼ି, ଦାଦା, ଦେଠେଇ, ପିଉସୀ, ପିଉସା ଆଦି ନିବିଡ଼ ସମ୍ପର୍କୀୟମାନଙ୍କ ସାଙ୍ଗରେ ମିଳାମିଶା କରୁନାହାନ୍ତି । ଜେଜେମା ଓ ଜେଜେବାପାଙ୍କୁ ମଧ୍ୟ ଅଣଦେଖା କରୁଛନ୍ତି । ଏଥିପାଇଁ ଅଧିକାଂଶ କ୍ଷେତ୍ରରେ ମାଆମାନଙ୍କର କୁଶିକ୍ଷା ହିଁ ଦାୟୀ । ମାଆମାନେ ସେମାନଙ୍କ ପରିବାରକୁ ଖୁବ୍ ସଂକୋଚିତ କରିଦେଉଛନ୍ତି, ଯାହାକି ନିଜେ, ସେମାନଙ୍କ ପିଲା, ସେମାନଙ୍କ ବାପା ମାଆ ଓ ଭାଇ ଭଉଣୀରେ ସୀମିତ । ପିଲାମାନେ ଅଜା ଆଈଙ୍କ ସାଙ୍ଗରେ ଖେଳିବେ କିନ୍ତୁ ଜେଜେବାପା ଜେଜେମାଙ୍କ ପାଖକୁ ଗଲେ ପୋଥି ଅସିଦ୍ଧ ହୋଇଯାଏ । ଏହାଦ୍ୱାରା ଅନେକ ତ୍ୟାଗ ସ୍ୱୀକାର କରି ପୁଅକୁ ମଣିଷ କରିଥିବା ବାପାମାଆ ପିଲାମାନଙ୍କର ଅନାଦର ବା ହତାଦାରଭାବଦ୍ୱାରା ମର୍ମାହତ ହୋଇ ଦୀର୍ଘ ନିଃଶ୍ୱାସ ଛାଡ଼ି ଭାଗ୍ୟକୁ ଦୋଷ ଦେଇ ରହୁଛନ୍ତି । ତାହା କେତେଦୂର ଯୁକ୍ତିଯୁକ୍ତ ତାହା ପାଠକମାନେ ବିଚାର କରନ୍ତୁ । ଆଜିକାଲି ଭାଇଭଉଣୀଙ୍କ ମଧ୍ୟରେ ଅନେକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଓ କଳି ଝଗଡ଼ା ଏକପ୍ରକାର ସାଧାରଣ ଘଟଣା ହୋଇଗଲାଣି । ଏହାର ମୁଖ୍ୟ କାରଣ ହେଉଛି ପୈତୃକ ସମ୍ପତ୍ତି ଉପରେ ଅଧିକାରକୁ ନେଇ । ପାରମ୍ପରିକ ଭାବରେ ଝିଅର ବିବାହ ପରେ ସେ ତାର ଶାଶୁଘରର ହୋଇଯାଏ ଏବଂ ପୁଣ୍ୟପର୍ବ,ବିବାହ,ବ୍ରତ ଇତ୍ୟାଦି ସମୟରେ ଭାଇ ଭଉଣୀଙ୍କୁ ଖୋଜାଲୋଡ଼ା କରାଥିଲା ବାଡ଼ିର ପନିପରିବା ଏବଂ କିଛି ମୁଗ ବିରି ଆଦି ଶସ୍ୟ ଅମଳ ସମୟରେ ଭାଇ କି ବାପା ନେଇ ଝିଅଘରେ ଦେଇଆସିଲେ ଝିଅଘର ଖୁସିରେ ଗଦଗଦ୍ ହୋଇଯାଉଥିଲେ,ବନ୍ଧୁ ବନ୍ଧୁ ମଧ୍ୟରେ ସମ୍ପର୍କ ଅତି ନିବିଡ଼ ଥିଲା । ସମୟ ପରିବର୍ତ୍ତନ ହୋଇଛି ଏବଂ ସାମାଜିକ ଓ ଆଇନଗତ ବିଧିବ୍ୟବସ୍ଥା ବଦଳିଛି । ଏବେ ଝିଅବି ପୈତୃକ ସମ୍ପତ୍ତିର ସମାନ ହକ୍‌ଦାର ଏବଂ ଏହାକୁ ନେଇ ବାପାମାଆ ଓ ଭାଇଭାଉଜଙ୍କ ସହ ଭଉଣୀ ଓ ଭିଣୋଇଙ୍କ ମନୋମାଳିନ୍ୟ ଦେଖାଦେଇଛି ସମ୍ପତି ଭାଗ ବଣ୍ଟା କିମ୍ବା ବିକ୍ରିବଟା ସମୟରେ କଳିଝଗଡ଼ା ସୃଷ୍ଟି ହୋଇଛି । ଏପରିକି କୋର୍ଟ କଚେରୀ ମାଲିମୋକଦ୍ଦମା ପର୍ଯ୍ୟନ୍ତ କଥାଯାଇଛି, ଭାଇ ଭଉଣୀ ସମ୍ପର୍କରେ ଭଟ୍ଟା ପଡ଼ିଯାଇଛି । ଏପରି ହୁଗୁଳା ସମ୍ପର୍କ ସାମାଜିକ ସନ୍ତୁଳନକୁ ସମ୍ପୂର୍ଣ୍ଣଭାବେ ବିଗାଡ଼ି ଦେଇଛି । ପରିଶେଷରେ ଏତିକି କହିବା ଯେ ବର୍ତ୍ତମାନର ଆଧୁନିକ ସମାଜରେ ସମ୍ପର୍କର ଡୋରି ହୁଗୁଳା ହୋଇ ଚାଲିଛି ।

ଗୋଟେ ସୁସ୍ଥ ଓ ସୁଦୃଢ଼ ସମାଜ ରାଷ୍ଟ୍ରହିତ ପାଇଁ ଏକାନ୍ତ ଜରୁରୀ । ନାଗରିକମାନଙ୍କ ମଧ୍ୟରେ ସମ୍ପର୍କ ଯେତିକି ଡିଲ୍ଲା ହେବ ସମାଜ ସେତିକି ଦୁର୍ବଳ ହେବ । ତେଣୁ ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ପାରିବାରିକ ସମ୍ପର୍କକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ପ୍ରୟାସ କରିବା ବିଶେଷକରି ଯୁବପିଢ଼ିଙ୍କୁ ନିବେଦନ କରୁଛି କି ସେମାନେ ନିଜର ପିତାମାତା, ଭାଇଭଉଣୀ, ବନ୍ଧୁବାନ୍ଧବଙ୍କୁ ଯଥାରୀତି ସ୍ନେହ, ଶ୍ରଦ୍ଧା,ଭକ୍ତି ଜରିଆରେ ପାରିବାରିକ ଜୀବନ ସୁଖମୟ କରନ୍ତୁ । ସେମାନେ ମନେରଖିବା ଉଚିତ ଯେ ସେମାନେ ବି ଦିନେ ବୟସ୍କ ହେବେ ଏବଂ ସେମାନଙ୍କ ପିଲାମାନେ ଅନୁରୂପ ବ୍ୟବହାର କରିବେ, ତଦ୍ୱାରା ସାମାଜିକ ଜୀବନ ଅଶାନ୍ତ ଓ ନିରାଶାଜନକ ହୋଇପଡିବ । ତେଣୁ ଏବେଠୁ ସାବଧାନ ହୋଇଗଲେ, ଆଗାମୀ ଜୀବନ ସୁଖମୟ ହେବ ।

ମୋ- ୯୯୩୭୦୮୦୭୧୦

# ଲକ୍ଷ୍ମୀଙ୍କର ଆଠ ସ୍ୱରୂପ

**ତୁଷାର ରଞ୍ଜନ ସାହୁ**

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷ, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

**ଆଦି ଲକ୍ଷ୍ମୀ :** ଆଦି ଲକ୍ଷ୍ମୀ, ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି । ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନକାରିଣୀ ରମା ବୋଲି କୁହାଯାଏ । ତାଙ୍କର ଅନ୍ୟନାମ ଇନ୍ଦିରା । ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ ।

'ସୁମାନସା ବନ୍ଦିତା, ସୁନ୍ଦରୀ, ମେଧାବୀ ଚନ୍ଦ୍ରସହୋଦରୀ, ହେମମୟେ, ମୁନିଗଣବନ୍ଦିତା, ମୋକ୍ଷ ପ୍ରଦାୟିନୀ ମଞ୍ଜୁଳା ଭାଷିନୀ, ବେଦମାତେ ପଙ୍କଜବାସିନୀ, ଦେବସୁପୁଜିତା, ସାଧୁଗୁଣବର୍ଷିଣି, ଶାନ୍ତିଯୁତେ ଜୟ ଜୟ ହେ, ମଧୁସୂଦନ କାମିନୀ ଆଦିଲକ୍ଷ୍ମୀ, ଜୟ, ପାଳୟମାମ୍ ।'

**ଧନଲକ୍ଷ୍ମୀ :** ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧ୍ୟାତ୍ମିକ ଅର୍ଥରେ ଏହା ବଳ, ଇଚ୍ଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି । ଅଭୟ ମୁଦ୍ରାରେ ଥିବା ଷଷ୍ଠ ହସ୍ତରୁ ସ୍ୱର୍ଣ୍ଣମୁଦ୍ରା ଝୁଲୁଥାଏ । ଧନଲକ୍ଷ୍ମୀଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରଧଡ଼ା କରାଯାଏ । 'ଦିମିଧିମ ଧିମ୍‌ଧିମି, ଧୁମ୍‌ଧିମି, ଧିମ୍‌ଧିମି, ଧୁମ୍‌ଧୁଭିନାଦ ସୁପୂର୍ଣ୍ଣମାୟେ, ଘୁମଘୁମା ଗୁଘୁମା, ଗୁଙ୍ଘୁମା, ଗୁଙ୍ଘୁମା ଶୃଙ୍ଗନିନାଦା ଶୁଭଦାମାତେ, ବିବିଧା ପୁରାନା ଇତିହାସ ସୁପୁଜିତା ବୈଦିକ ମାର୍ଗ ପ୍ରଦର୍ଶାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀ ଧନଲକ୍ଷ୍ମୀ, ପାଳୟମମ୍ ।'



**ଧାନ୍ୟ ଲକ୍ଷ୍ମୀ :** ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ । ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜାବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି । ଅନ୍ୟ ହାତମାନଙ୍କରେ ଜାଇଫଳ, ଧାନକେଣ୍ଡା, ଆଖୁ ଓ କଦଳୀ ଧାରଣ କରିଥାନ୍ତି । ଶେଷ ଦୁଇହାତ ଅଭୟ ମୁଦ୍ରା ଓ ବରଦ ମୁଦ୍ରାରେ ଥାଏ । ଧାନ୍ୟ ଲକ୍ଷ୍ମୀଙ୍କୁ – 'ଐକାଳି କଳ୍ମଷନାସିନୀ, କାମିନୀ ବୈଦିକରୂପିଣୀ ବେଦମୟେ, କ୍ଷୀରସମୁଦ୍ରଭବା, ମନ୍ତ୍ରମାତେ, ମଙ୍ଗଳଦାୟିନୀ, ଅମ୍ବୁଜବାସିନୀ, ଦେବଗଣଶ୍ରିତାପ୍ରଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଧାନ୍ୟ ଲକ୍ଷ୍ମୀ ଜୟ ପାଳୟମାମ୍ ।' ସ୍ତୋତ୍ର ଦ୍ୱାରା ଆରାଧନା କରାଯାଏ ।

**ଗଜଲକ୍ଷ୍ମୀ :** ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର । ଚାରିହସ୍ତ ବିଶିଷ୍ଟା ଦେବୀ ପଦ୍ମଫୁଲ ଉପରେ ଆସୀନା ଥା'ନ୍ତି ଓ ଦୁଇ ପାଖରେ ଦୁଇଟି ଧଳାହାତୀ ଠିଆ ହୋଇ ତାଙ୍କ ଉପରେ କଳସରୁ ଜଳ ଢ଼ାଳୁଥାନ୍ତି । ସେ ଲାଲବସ୍ତ୍ର ପରିଧାନ କରି ଦୁଇ ହାତରେ ପଦ୍ମ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । 'ଜୟ ଜୟ ଦୁର୍ଗତି ନାଶିନୀ, କାମିନୀ, ସର୍ବଫଳପ୍ରଦା ଶାସ୍ତ୍ରମୟେ, ରଥଗଜତୁରଣ ପଦାତି ସମବୃତା ପରିଜନ ମଣ୍ଡିତା ଲୋକମାତେ, ହରିହରବ୍ରହ୍ମା ସୁପୁଜିତା ସେବିତା ତାପନିବାରିଣୀ, ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ ଶ୍ରୀଗଜଲକ୍ଷ୍ମୀ ପାଳୟମାମ୍ ।' ଏହି ସ୍ତୋତ୍ରରେ ଗଜଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

**ସନ୍ତାନ ଲକ୍ଷ୍ମୀ :** ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି । ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି । ତାଙ୍କ କୋଳରେ ଶିଶୁଟିଏ ଥାଏ । ଶିଶୁଟି ମଧ୍ୟ ପଦ୍ମଫୁଲ ଧରିଥାଏ । ଏ 'ଗଜବାହିନୀ, ମୋହିନୀ, ଚକ୍ରିଣୀ, ରାଗବିବର୍ଦ୍ଧିନୀ, ଜନମୟେ ଗୁଣଗବାରିଧି, ଲୋକୈଥେ ଶିନି ସପ୍ତସ୍ୱରମୟା ଗଣମାତେ, ସକଳ ସୁରାସୁର ଦେବ ମୁନିସ୍ୱର, ମାନବବନ୍ଦିତା ପଦାୟୁତେ, ଜୟ ଜୟ ହେ, ମଧୁସୂଦନ କାମିନୀ, ସନ୍ତାନଲକ୍ଷ୍ମୀ, ପାଳୟମାମ୍ ।' ଉପରୋକ୍ତ ସ୍ତୋତ୍ରରେ ସନ୍ତାନଲକ୍ଷ୍ମୀଙ୍କୁ ଆରଧନା କରାଯାଏ ।

**ବୀରଲକ୍ଷ୍ମୀ :** ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଜୀବନରେ ସ୍ଥିରତା ପାଇଁ ମଧ୍ୟ ତାଙ୍କୁ ଆରାଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜାବିଶିଷ୍ଟା । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରିଶୂଳ ବା ଖଡ଼ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ । ଅନ୍ୟ ଦୁଇଟି ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । 'ଜୟବରବର୍ଷିଣି, ବୈଷ୍ଣବୀ, ଭାର୍ଗବୀ, ମନ୍ତ୍ରସ୍ୱରୂପିଣୀ ମନ୍ତ୍ରାମୟେ, ସୁରଗଣ ପୂଜିତା, ଶୀଘ୍ର ଫଳପ୍ରଦା ଜ୍ଞାନ ବିକାଶିନୀ ଶାସ୍ତ୍ରମାତେ, ଭବ ଭୟ ହାରିଣୀ, ପାପା ବିମୋଚନୀ, ସାଧୁଜନାଶ୍ରିତ ପଦୟୁତେ, ଜୟ ଜୟ ହେ ମଧୁସୂଦନ କାମିନୀ, ଧୈର୍ଯ୍ୟଲକ୍ଷ୍ମୀ, ଜୟ ପାଳୟମାମ୍ ।' ସ୍ତୋତ୍ର ବୀରଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

**ବିଦ୍ୟାଲକ୍ଷ୍ମୀ :** ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି । ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । ତାଙ୍କୁ ନିମ୍ନୋକ୍ତ ସ୍ତୋତ୍ରରେ ଆରାଧନା କରାଯାଏ । 'ପ୍ରରତ ସୁରେଶ୍ୱରୀ, ଭାରତୀ, ଭାର୍ଗବୀ, ଶୋକ ବିନାଶିନୀ, ରତ୍ନମୟେ, ମଣିମାୟା ଭୂଷିତା କର୍ଣ୍ଣ ବିଭୂଷଣ, ଶାନ୍ତି ସମବୃତା, ହାସ୍ୟମୁଖେ, ନବନିଧି ଦାୟିନୀ କଲିମାଳା ହାରିଣୀ, କାମ୍ୟ ଫଳପ୍ରଦା, ହାସ୍ୟ ଯୁଥେ ଜୟ ଜୟ ହେ, ମଧୁସୂଦନ କାମିନୀ ବିଦ୍ୟାଲକ୍ଷ୍ମୀ ପାଳୟମାମ୍ ।'

**ବିଜୟ ଲକ୍ଷ୍ମୀ :** ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ । ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୁଜା ଧାରିଣୀ । ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ହାତରେ ତାଙ୍କର ଚକ୍ର, ଶଙ୍ଖ, ଖଡ଼୍‌ଗ, ଢ଼ାଲ, ଫାଶ ଓ ପଦ୍ମ ଧରିଥାନ୍ତି । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ । 'ଜୟ କମଳାସିନୀ ସଦ୍‌ଗତି ଦାୟିନୀ ଜ୍ଞାନ ବିକାଶିନୀ ଗଣମୟେ, ଅନୁଧିନା ମାର୍ଚ୍ଚିତା କୁଙ୍କୁମ୍ ଧୂସର ଭୂଷିତା । ବାସିତା ବାଦ୍ୟନୁତେ କନକଧରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ ।' ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

**ରିଲାକ୍ସ, ଏମ୍ପୋରିୟମ ଲେନ, ରାଣୀହାଟ, କଟକ, ମୋ- ୯୮୬୧୦୪୭୫୭୫**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ ଦୁଇ...

ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଅପରପକ୍ଷରେ ଓଡିଶାର ରାଜ୍ୟ ମହିଳା କମିଶନ ଅଧକ୍ଷା ସୋଭନା ମହାନ୍ତି ଆଜି ପଶ୍ଚିମବଙ୍ଗ ଯାଇ ସମ୍ପୃକ୍ତ ପୀଡିତା ଓ ତାଙ୍କ ପିତାଙ୍କୁ ଭେଟିଛନ୍ତି । ସେ ମଧ୍ୟ ସ୍ଥାନୀୟ ପୋଲିସ ସହ ଆଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ଯେଉଁଥିରେ କି ଜଣେ ମହିଳା ପୋଲିସ ଅଫିସର ଅଛନ୍ତି, ସେମାନେ ଦୁର୍ଗାପୁର ଯାଇ ପୀଡିତାକୁ ଭେଟିବାକୁ ଚାହିଁଥିଲେ । ସେମାନେ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ହସ୍ପିଟାଲ୍ ଭିତରକୁ ଛଡାଯାଇନଥିଲା । ଏହି ଟିମ୍ ଦୀର୍ଘ ସମୟ ଧରି ବାହାରେ ଅପେକ୍ଷା କରିଥିଲେ ଓ ପୀଡିତାଙ୍କୁ ଭେଟି ପାରିନଥିଲେ । ପୋଲିସ ପକ୍ଷରୁ କୁହାଯାଉଛି ଯେ, ପୀଡିତାଙ୍କ ଚିକିତ୍ସା ଚାଲିଛି । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ସନ୍ଧ୍ୟାରେ ଫୋନ୍ ଯୋଗେ ଦୁର୍ଗାପୁରର ପୀଡିତା ଓଡ଼ିଆ ଝିଅ ଓ ତାଙ୍କ ମା' ଓ ସେଠାରେ ଉପସ୍ଥିତ ମହିଳା କମିଶନ ଅଧକ୍ଷାଙ୍କ ସହ ଫୋନ୍‌ଯୋଗେ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଝିଅକୁ କହିଛନ୍ତି ଯେ ଚିନ୍ତା କରନାହିଁ । ସରକାର ତୁମ ସହିତ ସମ୍ପୂର୍ଣ୍ଣ ଭାବେ ଅଛନ୍ତି । ଶୀଘ୍ର ସୁସ୍ଥ ହେବ ଏବଂ ସାମାନ୍ୟ ଜୀବନ ଯାପନ କରି ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବ ସେଥିପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ଏଥିପାଇଁ ନିୟମ ଅନୁଯାୟୀ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପୀଡିତାଙ୍କ ମା'ଙ୍କୁ ମଧ୍ୟ ଏ କ୍ଷେତ୍ରରେ ଅପରାଧୀମାନେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ ସେଥିପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି ବୋଲି କହିଥବଲେ । ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ବାପାଙ୍କ ସହ ମଧ୍ୟ କଥା ହୋଇଥିଲେ । ମହିଳା କମିଶନ ଅଧକ୍ଷାଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଯୋଗାଯୋଗ କରି ଝିଅକୁ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟକ କରିବାକୁ ପରାମର୍ଶ ଦେଇଥିଲେ ।

### କରୁର...

ହୋଇଥିଲା ୧୦୦୦୦ ଲୋକ ସେଠାରେ ଉପସ୍ଥିତ ହୋଇପାରିବେ ମାତ୍ର ସେଠାରେ ୩୦୦୦୦ ଲୋକ ଏକଜୁଟ ହୋଇଥିଲେ । ସୁରକ୍ଷା ଗାଇଡ ଲାଇନ୍‌କୁ ଉଲ୍ଲଙ୍ଘନ କରାଯାଇଛି । ଖାଦ୍ୟ ଓ ପାଣିର ସଠିକ ପରଚାଳନା ହୋଇନାହିଁ । ଯେଉଁଥି ପାଇଁ ଏଭଳି ଦୁଃଖଦ ଘଟଣା ଘଟିଲା ।

### ଏନ୍‌ଆଇଏକୁ...

ଅନ୍ୟ କାହାରି ସେପରି କିଛି କ୍ଷତି ହୋଇନଥିଲା କିମ୍ବା କେହି ମୃତାହତ ହୋଇନଥିଲେ ।

କୌଣସି ରେଳ ଇଞ୍ଜିନ କିମ୍ବା ବଗି କ୍ଷତିଗ୍ରସ୍ତ ମଧ ହୋଇନଥିଲା । ମାଓବାଦୀମାନେ ଏହି ଘଟଣା ଘଟାଇଥିବାରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ରହସ୍ୟ ଉନ୍ମୋଚନ ପାଇଁ ଏନ୍‌ଆଇଏକୁ ତଦନ୍ତଭାର ଦିଆଯାଇଛି । ଜଣେ ବରିଷ୍ଠ ଅଧିକାରୀଙ୍କ ସୁପରଭିଜନରେ ତଦନ୍ତକାରୀ ଟିମ୍ ତଦନ୍ତକୁ ଖୁବ୍‌ଶୀଘ୍ର ଆରମ୍ଭ କରିଥିବାରୁ ଘଟଣାର ରହସ୍ୟ ମଧ ଖୁବ୍‌ଶୀଘ୍ର ଉନ୍ମୋଚନ ହେବ ବୋଲି କୁହାଯାଉଛି ।

### ଅର୍ଥନୀତିରେ...

କରାଯାଉଛି । ଏମାନେ କିଛି ଦେଶ ଧନୀ ଏବଂ ଅନ୍ୟମାନେ ଗରିବ କାହିଁକି ତାହା ଅଧ୍ୟୟନ କରିଥିଲେ । ସେମାନେ ଦର୍ଶାଇଥିଲେ ଯେ ଅଧିକ ମୁକ୍ତ ସମାଜ ସମୃଦ୍ଧ ହେବାର ସମ୍ଭାବନା ଅଧିକ ।

### ରାଜଧାନୀରେ...

ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାର ଶିକାର ହୋଇଥିବା ଯୁବକ ଶ୍ରମିକ ଶ୍ରେଣୀର ହୋଇଥିବା ପୋଲିସ ସନ୍ଦେହ କରୁଛି । ଶବ ପଡିଥିବା ନିକଟବର୍ତ୍ତୀ ଅଞ୍ଚଳରେ ବହୁ ନିର୍ମାଣ କାମ ଚାଲିଥିବାରୁ ଉକ୍ତ ଯୁବକ ସେଠାରେ କାମ କରୁଥିବା ସନ୍ଦେହ କରାଯାଉଥିବା ବେଳେ କେହି ତାକୁ ଚିହ୍ନଟ କରିପାରିନାହାନ୍ତି । କାରଣ ମୁଣ୍ଡ ଆଉ ମୁହଁକୁ ପଥରରେ ଛେଚାଯାଇଥିବାରୁ ଚିହ୍ନିବା ବଡକଷ୍ଟ । ପୋଲିସ ତଦନ୍ତ ଜାରି ରଖିଛି, ଖୁବ୍‌ଶୀଘ୍ର ପରିଚୟ ମିଳିବ ବୋଲି ସୂଚନା ମିଳିଛି । ରାଜଧାନୀରେ କ୍ରମାଗତ ଭାବେ ଧର୍ଷବ୍ୟ ଅପରାଧ ଘଟିଚାଲିଥିବାରୁ ଆଇନଶୃଙ୍ଖଳା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଟାଙ୍ଗୀ ବନାଞ୍ଚଳରେ ହାତୀ ଉତ୍ପାତ, ବନ ବିଭାଗ ନୟାନ୍ତ



ନିରାକାରପୁର, (ସବ୍ୟ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉତ୍ପାତ ଦେଖାଦେଇଛଇ । ଫଳାରେ ହାତୀକୁ ନେଇ ବନ ବିଭାଗ ନୟାନ୍ତ ହୋଇପଡ଼ିଛି । ଦୀର୍ଘ ଦିନ ଧରି ଖଜୁରୀପ କାଶୀପୁର ଚିତ୍ରକୂଟ ମୁଣ୍ଡିଆ, ଗୟାବନ୍ଧ, ନାଳସିଂହ, ଗୋଳବାଇ, ସିକୋ, ଗୋ ଜଙ୍କିଆ, କମାଗୁରୁ,ଟାଙ୍କୋଳ, ଭୁଷଣ୍ଡପୁର ଅଂଚଳରେ ହାତୀପଲ ଏଣେତେଣେ ଖାଦ୍ୟ ଅନେଷଓ୍ୱଣରେ ଘୁରିବୁଲୁଥିବାବେଳେ ମଣିଷଙ୍କ ବିରୋଧର ଶିକାର ହୋଇ ଉଗ୍ରରୂପ ଧାରଣ କରୁଛନ୍ତି । ଘରଦ୍ୱାର ଭାଙ୍ଗିବା, ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ କରିବା ସହ ମଣିଷଙ୍କୁ ଆକ୍ରମଣ କରିବା କୁ ବନ ବିଭାଗ ଯେତେ ଚେଷ୍ଟା କଲେ ବି ରୋକିବାରେ ବିଫଳ ହେଉଛି ।ଏବେ ୧୮ରୁ ଉର୍ଦ୍ଧ ହାତୀ ବିଭିନ୍ନ ଅଞ୍ଚଳ ରେ ବୁଲୁ ଥିବାବେଳେ ଓଳସିଂହ, ଡମଣଭୂମି, କମାଗୁରୁ ଓ ନାରଗୋଦା , ଜଙ୍କିଆ ନିକଟ ଜଙ୍ଗଲ ଛାଡ଼ି କେଉଁ ଆଡେ ଯାଉ ନାହାଁନ୍ତି । ବନ ବିଭାଗ ବହୁ କଷ୍ଟ କରି ବନ ବିଭାଗ କେତୋଟି ହାତୀଟିକୁ ଅନ୍ୟତ୍ର ଛା ଦେଇଥିବାବେଳେ ପୁଣି କିଛି ହାତୀ ଟାଙ୍ଗୀ ବନା ଳରେ ପକାଇବା ଆରମ୍ଭ କରିବାରେ ଲାଗିଛନ୍ତି । ଗତ କିଛି ଦିନ ଠାରୁ ରଣପୁର ବନାଞ୍ଚଳ ରୁ ୧୮ ଟି ହାତୀ ଆସି କମାଗୁରୁ ସାହାଡ଼ା ଜଙ୍ଗଲରେ ଡେରା ପକାଇଥିବା ଆଜି ସନ୍ଧ୍ୟାରେ ସେଥିରୁ ୧୭ ଟି ହାତୀ ଜଗନ୍ନାଥପୁର ଠାରେ ଥିବାବେଳେ ରମାବିଲି ରେ ଗୋଟିଏ ହାତୀ ଥିବାର ସୂଚନା ମିଳିଛି । ଅଳ୍ପ ସଂଖ୍ୟକ ବନ କର୍ମଚାରୀ ଏମାନଙ୍କ ନିକଟରେ ହାର ମାନି କେବଳ ଘଉଡ଼ାଉଛି । ଅନ୍ୟ କିଛି କରିବାରେ ନିରୁପାୟ ହେଉଛନ୍ତି । ଫଳରେ ହାତୀ କେବଳ ଜଙ୍ଗଲରୁ ଧାନ କିଆରୀ, ବଜାର , ରାସ୍ତା ହେଉଛନ୍ତି । ଫଳରେ ଟାଙ୍ଗୀ ବନା ଳରେ ଲୋକମାନେ ଭୟଭୀତ ସ୍ଥିତିରେ ରହୁଛନ୍ତି ।ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏହି ହାତୀ ଉପଦ୍ରବରୁ କେବେ ମଳିବ ତ୍ରାହି । ସରକାର କେବେ ଶୁଭ ଦୃଷ୍ଟି ପକାଇ ଏହି ହାତୀମାନଙ୍କୁ କଳବଳ ଲଗାଇ ଚନ୍ଦକା ଜଙ୍ଗଲକୁ ଛା ।

## ସେବା ସପ୍ତାହ ପାଳନ ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟ): ଦେଶରେ ସେବା ସପ୍ତାହ ପାଳନ ଅବସରରେ ଶୁକ୍ରବାର ପୂର୍ବାହ୍ନରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି ।ରୋଟାରି କ୍ଲବ ଓ ଲୟନ୍ସ କ୍ଲବ ର ମିଳିତ ସହଯୋଗ ରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌର ପାଳିକା ର ଅଧକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ ସିଂହ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲାୟନ୍ସ କ୍ଲବ ପକ୍ଷରୁ ପାଞ୍ଚୋଟି ଓ ପ୍ରିମିୟର ହୁଣ୍ଡାଇ ପକ୍ଷରୁ ପାଞ୍ଚୋଟି ଡଷ୍ଟ ବିନ ମୁଖ୍ୟ ଚିକିତ୍ସାଳୟ କୁ ପ୍ରଦାନ କରାଯାଇଛି । ସେହିପରି ଲାୟନ୍ସ କ୍ଲବ ପକ୍ଷରୁ ଡାକ୍ତରଖାନା ପରିସରରେ ଚାରା ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଏ ଡ଼ି. ପି.ଏଚ. ଓ ଡା. ଦୀପକ କୁମାର ନାୟକ, ହସ୍ପିଟାଲ ର ପ୍ରବନ୍ଧକ ସଚ୍ଚିଦାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ରୋଟାରି କ୍ଲବ ସଭାପତି ଦେବାଶିଷ ଦାସ, ସୁଖମୟ ଦାସ, ଲୟନ୍ସ କ୍ଲବ ସଭାପତି ଶିବୁ ପୋଦ୍ଦାର, ସମ୍ପାଦକ ବିଷ୍ଣୁ ମାରୁ, କୋଷାଧକ୍ଷ ଶ୍ୟାମସୁନ୍ଦର ଖଣ୍ଡେଲଓ୍ୱାଲ, ସର୍ଭିସ ଚେୟାର ମଯାନ ରାଜେଶ ଖଣ୍ଡେଲଓ୍ୱାଲ, ଭଗବାନ ଗୁପ୍ତା, ରାଜେନ୍ଦ୍ର ଗୁପ୍ତା, ମଧୁସୂଦନ ହୋତା, ଅଶୋକ କୁମାର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିନୀତ ସିଂହ, ଦେବାଶିଷ ଜେନା, ଜ୍ୟୋତିର୍ମୟ ତ୍ରିପାଠୀ,ଅରୁଣ ପାତ୍ର ଗୁରୁବାରୀ ସେଠୀ ରଂଜିତା ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ଲକ ଶିକ୍ଷା କାର୍ଯ୍ୟାଳୟରୁ ଛାତ୍ର ମୃତ୍ୟୁ ଅଭିଯୋଗ

ବୋଲଗଡ଼, (ସବ୍ୟ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଦାୟିତ୍ୱ ହୀନତା ପାଇଁ କୋମଳମତି ଛାତ୍ରଙ୍କର ମୃତ୍ୟୁ ଘଟିଥିବାଅଭିଯୋଗ ହୋଇଛି । ହୋଇଛି । ସୂଚନାରୁ ଜଣାଯାଏ ଯେ, ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ, ବିଲଖଉରୁଣୀ ବିଦ୍ୟାଳୟର ନବମଶ୍ରେଣୀର ଛାତ୍ର ରାଜେନ୍ଦ୍ର ନାୟକ ବୋଲଗ ଶିକ୍ଷାକାର୍ଯ୍ୟାଳୟ ନିର୍ଦ୍ଦେଶମତେ ଚଢ଼ୁ ଚୂଡ଼ା ନୂଆସାହି ବିଦ୍ୟାଳୟରେ "ସୁରଭି' କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆସିଥିଲେ । କାର୍ଯ୍ୟକ୍ରମରେ ଅହେତୁକ ବିଳମ୍ବପାଇଁ ଛାତ୍ର ଜଣକ ଅସୁସ୍ଥ ଅନୁଭବ କରି ବେହୋସ ହୋଇପଡିଥିଲେ । ସମସ୍ତେ "ସୁରଭି' କାର୍ଯ୍ୟକ୍ରମରେ ବ୍ୟସ୍ତ ଥାଇ ଛାତ୍ର ପ୍ରତି ଦୃଷ୍ଟିଦେବାରେ ବହୁ ବିଳମ୍ବ କରିବାରୁ ଛାତ୍ରଙ୍କ ଦେହ ଅତ୍ୟଧିକ ଖରାପ ହୋଇଥିବାର ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଏହାପରେ ପରେ ସଂପୃକ୍ତ ଛାତ୍ରଙ୍କୁ ରାଜସୁନାଖଳା ଗୋଷ୍ଠୀଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ଛାତ୍ରଙ୍କ ସ୍ୱାସ୍ଥ୍ୟରେ କିଛି ସୁଧାର ହେବାରେ ଛାତ୍ରଙ୍କୁ ପରିବାର ଲୋକ ଘରକୁ ନେଇଯାଇଥିଲେ । କିନ୍ତୁ ପରେ ପରେ ଛାତ୍ର ବିଚଳିତ ହେବା ଏବଂ ବେହୋସ ହୋଇଯିବାରେ ତାଙ୍କୁ ଖୋର୍ଦ୍ଧା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସଂପୃକ୍ତ ଛାତ୍ରଙ୍କ ପିତା ଜଣେ ଦିନ ମଜୁରିଆ ଭାବେ କେରଳ ରାଜ୍ୟରେ କାମ କରଛନ୍ତି । ଛାତ୍ରଟିର ମୃତ୍ୟୁରେ ପରିବାର ଲୋକ ଭାଙ୍ଗି ପଡିଥିବା ବେଳେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ସରକାରୀ କାର୍ଯ୍ୟକ୍ରମ ଛାତ୍ରଙ୍କ ଅର୍ନ୍ତନିହୀତ ଗୁଣାବଳୀକୁ ଉଜାଗର ପାଇଁ ହୋଇଥିବାବେଳେ ବୋଲଗ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏହାକୁ ଅତ୍ୟଧିକ ଆଧୁନିକତା ଦେଇ ରଙ୍ଗଶାଳା ଭଳି କାର୍ଯ୍ୟ କରୁଅଛି । ଏପରିକି କୌଣସି ସରକାରୀ ନିର୍ଦ୍ଦେଶ ନଥାଇ କିଛି ଅବସରପ୍ରାପ୍ତ କର୍ମଚାରୀଙ୍କୁ ହାତ ବାରିଶି କରି ବହୁ ଶିକ୍ଷକମାନଙ୍କୁ ବଦଳିର ଧମକ ଦେଇ ଅନୈତିକ ଉପାୟରେ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ହେଉଛି । ଦାୟିତ୍ୱ ହୀନ ବ୍ୟବସ୍ଥା ପାଇଁ ଏକ ନାବାଳକ ଛାତ୍ରର ଜୀବନ ଚାଲିଗଲା, ଏଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ଏକ ବିରାଟ ପ୍ରଶ୍ନ ଉଙ୍କି ମାରୁଛି ।

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar dated 10.10.2025, I **SUBHRAJEET MOHARANA, (New Name)**, Address of House No.EB-47, State-I, BDA Colony, Laxmisagar, P.O.Budheswari Colony, P S: Laxmisagar, Bhubnaeswar, Pin-751006, (Full Address) declare that I have changed my name from **Subhrajeet Maharana** (Old Name) to **SUBHRAJEET MOHARANA** (New Name) Henceforth, I shall be known as **Subhrajeet Moharana (New Name)** for all purposes.

**SUBHRAJEET MOHARANA (New Name)**

# ବୟାଳିଶମୌଜା ଥାନା ଉପରୁ ଆସ୍ଥା ହରାଉଛନ୍ତି ଅଞ୍ଚଳବାସୀ

ଫୁଲନଖରା, (ସବ୍ୟ): ବୟାଳିଶମୌଜା ଥାନା ଉପରୁ ଆସ୍ଥା ହରାଉଛନ୍ତି ଅଞ୍ଚଳବାସୀ । ଏତାଲା ଦେଇ ନିରାଶ ହେଉଛନ୍ତି ଅଭିଯୋଗକାରୀ । ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହଁ ବୋଲି ଅଭିଯୋଗକାରୀ ଆଣିଛନ୍ତି ଅଭିଯୋଗ ।ସୂଚନା ଅନୁଯାୟୀ ବୟାଳିଶମୌଜା ବ୍ରହ୍ମପୁର ନିବାସୀ ବାବାଜୀ ଚରଣ ଦେବତା ଜଣେ ଭିନ୍ନକ୍ଷମ ହୋଇଥିବା ସେ%୦ ଏକ ଟେଣ୍ଟହାଉସ କରି ନିଜ ପରିବାର ପ୍ରତିପୋଷଣ କରନ୍ତି । ବାବାଜୀଙ୍କୁ ଜଣେ ବ୍ୟକ୍ତି ମାରିଥିବା ଅଭିଯୋଗ ନେଇ ସେ ଥାନାରେ ଗତ କିଛି ଦିନ ତଳେ ଲିଖିତ ଏତଲା ଦେଇଥିଲେ । ମାତ୍ର ଆଜିକୁ ୧୦ଦିନ ବିତିଯାଇଥିଲେ ମଧ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଏତାଲାକାରୀ ବାବାଜୀ ଦେବତା କହିଛନ୍ତି ।

ଅନ୍ୟପଟେ ଝିଙ୍କିରିଆ ଗ୍ରାମର ସୂର୍ଯ୍ୟକାନ୍ତ ନନ୍ଦଙ୍କ ଘରେ ପଶି ତାଙ୍କ ପିତାଙ୍କ ଉପରେ ଛୁରୀ ଧରି ଆକ୍ରମଣ କରିଥିବା ନିଶାଶକ୍ତ ଯୁବକଙ୍କୁ ଧରି ପୁଲିସ ଜିମା ଦେଇ ଏତାଲା ଦେଇଥିଲେ । ମାତ୍ର ପୁଲିସ ଏତଲା ଆଧାରରେ କେଶ ରୁଜୁ କରି ଅଭିଯୁକ୍ତକୁ କୁ ମାନସିକ ବିକାରଗ୍ରସ୍ତ ବୋଲି କହି ଛାଡିଦେଇଥିଲା । ଏତାଲାକାରୀଙ୍କୁ ଆଜିପର୍ଯ୍ୟନ୍ତ ଏ ନେଇ କୌଣସି ସୂଚନା ମଧ ମିଳିନାହିଁ ବୋଲି ଏତାଲାକାରୀ ଶ୍ରୀଯୁକ୍ତ ନନ୍ଦ କହିଛନ୍ତି । ଏହିଭଳି ଛୋଟ ବଡ଼ ବହୁତ ଘଟଣାରେ ସାଧାରଣ ଜନତା ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି । ଯଦି ଅଭିଯୋଗକାରୀ ମାନେ ପୁଣି ଥରେ ଆକ୍ରୋଶର ଶିକାର ହୁଅନ୍ତି ତାହେଲେ ସେଥିପାଇଁ ଉତ୍ତରଦାୟୀ କିଏ ରହିବ ବୋଲି ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଇଛି ।ନୂତନ ସରକାର ସୁଶାସନ ଦ୍ୱାହି ଦେଇ ସରକାରକୁ ଆସିବାର କିଛି ବର୍ଷ ବି ହୋଇନି,ପୋଲିସପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେବେନି ତ?ତେବେ ବିଭାଗୀୟ ଉପରିସ୍ଥ ଅଧିକାରୀ ଏପ୍ରତି ଧ୍ୟାନ ଦେବା ସହଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି ହେଉଛି ।

## ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନ ଉପରେ ଜନଶୁଣାଣି ଶିବିର

ତିହିଡି,(ସବ୍ୟ): ତିହିଡି ବ୍ଲକ ନୀଳମଣି ସଭା ଗୃହରେ ଆଜି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତା ନେଇ ହୋଇଥିବା ସାମାଜିକ ଅଡିଟ ଉପରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ନିରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ଜିଲ୍ଲା ସାମାଜିକ ସମୀକ୍ଷକ ସତ୍ୟଜିତ ରାଉତ, ସହ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ମିଶ୍ର, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ମନରେଗା ଅଧିକାରୀ କାମିନୀରାଣୀ ଓଝା, ସହାୟକ ସୁଧାଂଶୁ ଶେଖର ନାୟକ, ପ୍ରମୁଖଙ୍କ ସମେତ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି, ପିଇଓ, ଏଡିଇଓ. ଜିଆରଏସ ଓ ଭିଆରପି ମାନେ ଉପସ୍ଥିତ ଥିଲେ । ତଳଗୋପବିନ୍ଧା ଓ ବିଲଣା ପଞ୍ଚାୟତର ଜିଆରଏସ ମାନେ ସାମାଜିକ ଅଡିଟରେ ସହଯୋଗ ନ କରିବା ଏବଂ ବିଭିନ୍ନ ପ୍ରକଳ୍ପର କେସ୍ ରେକର୍ଡ ପ୍ରଦାନ କରିନଥିବା ନେଇ ଅଭିଯୋଗ ହୋଇଥିଲା । କୁବେରା ପଞ୍ଚାୟତରେ ଏକ ପ୍ରକଳ୍ପର ନାମଫଳକ ନଥିବା ନେଇ ଅଙ୍ଗୀକାର ମଗା ଯାଇଥିଲା । ସେହିପରି ହରସିଂହପୁର ପଞ୍ଚାୟତର ରାସନକାର୍ଡ ପ୍ରଦାନରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଥିଲା । ଉପରୋକ୍ତ ସମସ୍ତ ବିଷୟର ତ୍ରୁଟିବିଚ୍ୟତି ନେଇ ବିଡିଓଙ୍କ ପକ୍ଷରୁ ଅଧିକାରୀ ମାନଙ୍କୁ ତାଗିଦ କରାଯାଇଥିଲା

**AFFIDAVIT**

I, Mirza Juned Alam, aged about 22years, S/o Mirza Kunu Beg of Vill: Azampur, Po/Ps: Kakatpur, Dist- Puri, Block: Kakatpur, State: Odisha, Pin: 752108 declare by this affidavit No-15/1, Dated: 13.10.2025 that now onwards I shall be known as **MIRZA JUNED ALLAM** for all future Purposes.

(Sd- Mirza Juned Allam)

**LOST**

ଶିବପ୍ରସାଦ ସାହୁ, 38 ବର୍ଷ, ପିତା- ସ୍ୱର୍ଗତ ଘନା ସାହୁ, ଗ୍ରାମ- ବଲେଇପୁର, ପୋ- ଏସ୍. ନାଲକାନି, ପୋ- କୁଜଙ୍ଗ, ଜିଲ୍ଲା- ଜଗତସିଂହପୁର, ଓଡିଶା, ପିନ୍- 754141 ଏଠାରେ ଘୋଷଣା କରୁଛି ଯେ ମୋ ପିତାଙ୍କର Original ROR, ଖାତା ନମ୍ବର- 64, ପ୍ଲଟ୍ ନମ୍ବର- 198, ମୌଜା- ବଲେଇପୁର 08/09/2025 ରେ ବଲେଇପୁରରୁ କୁଜଙ୍ଗ ଯିବା ରାସ୍ତାରେ ହଜି ଯାଇଥିଲା। ଯଦି କେହି ଏହାକୁ ପାଇଥାନ୍ତି, ଦୟାକରି ଆମର ଓକିଲ ନମ୍ବର ପ୍ରଭାକର ପଟ୍ଟନାୟକ ମୋ- 9778070590 କିମ୍ବା ଉପର ଠିକଣାରେ ଯୋଗାଯୋଗ କରନ୍ତୁ।

**ଡକ୍ୟୁମେଣ୍ଟ ହଜିଯାଇଛି**

ମୁଁ ସସ୍ମିତା ପାତ୍ର ଓରଫ ଚୌଧୁରୀ, ବୟସ ୪୫ ବର୍ଷ, ସ୍ୱାମୀ: ରାମକୃଷ୍ଣ ଚୌଧୁରୀ, ନିମଖଣ୍ଡିପେଣ୍ଠ, ଦିଗପହଣ୍ଡି, ଗଞ୍ଜାମ, ଏତଦ୍ୱାରା ଜଣାଇ ଦେଉଅଛି ଯେ, ମୁଁ ଗତ ତା.୩୦.୦୯.୨୦୨୫ ରିଖ ରାତ୍ରି ୯.୦୦ଘଟିକାରେ ବଜାର ଛକ, ଦିଗପହଣ୍ଡିର ବୁଢ଼ୀ ଠାକୁରାଣୀଙ୍କ ପୂଜା ସାରି ମୋ ଘରକୁ ଫେରିବା ସମୟରେ ମୋର ନିମ୍ନଲିଖିତ ମୂଳ ଡକ୍ୟୁମେଣ୍ଟ କେଉଁଠାରେ ହଜିଯାଇ ଅଛି, ଯାହା ମୁଁ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହାକୁ ଖୋଜି ପାଉନାହିଁ । ଡକ୍ୟୁମେଣ୍ଟର ବିବରଣୀ: ମୂଳ ଆର୍‌ଓଆର୍ ଖାତା ନଂ.: ୧୧୧୯/୨୧୧୩, ପ୍ଲଟ୍ ନଂ. ୭୬୦୦/ ୧୧୯୨୯, ମୌଜା: ଦିଗପହଣ୍ଡି ।

ସସ୍ମିତା ପାତ୍ର ଓରଫ ଚୌଧୁରୀ

**LOST / FOUND**

I, Deeptiraj Patnaik, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 13.10.2025 I, RAKHI KUMARI MAHTO, Address Madhusudanpalli, Sundergarh, Rourkela, Odisha, Pin : 769013 declare that I have changed my name from RAKHI MAHTO to RAKHI KUMARI MAHTO. Henceforth, I shall be known as RAKHI KUMARI MAHTO for all purposes.

**RAKHI KUMARI MAHTO**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar I, PRASANTA KUMAR SAHU, Address : At - Tinkbir, P.O. Tinkbir, P.S. Reamal, Dist. Deogarh, State - Odisha, PIN Code - 768109 declare that I have changed the name of my daughter from SHREE ADYASHAAYAKSHI SAHOO (Old Name) to ADYASHA SAHU (New Name). Henceforth she shall be known as ADYASHA SAHU (New Name) for all purposes.

**Sd/- Prasanta Kumar Sahu.**

# ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବ

ସୋର, (ସବ୍ୟ): ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ସୋର ବ୍ଲକ ସ୍ତରୀୟ ପ୍ରତଯୋଗୀତାର ସମାପନ ଉତ୍ସବ ସୋର ବ୍ଲକ ସାମାଜିକ ନିରାପତ୍ତା ଅଧିକାରିଣୀ ଜୀନାରାଣୀ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ସଭା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ସୋର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାଥ ନାୟକ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ସମିତି ଅଧକ୍ଷା ଅନୁସୟା ମଲିକ,ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ଉପ ସଭାପତି ମାୟାଧର ନାୟକ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ,ବରିଷ୍ଠ ନାଗରିକ ମଞ୍ଚର ସଭାପତି ଜିତେନ୍ଦ୍ର କୁମାର ବେହେରା, ସମ୍ପାଦକ ନିତ୍ୟାନନ୍ଦ କର,ସଦସ୍ୟ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ ଆମ ଦେଶ ତଥା ରାଜ୍ୟରେ ଅଧିକାଂଶ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ବଢିଚାଲିଥିବା ଅବହେଳା, ନିର୍ଯ୍ୟାତନା, ଶୋଷଣ କଷଣ ଅମାନବିକତାର ଚରମ ସୀମାରେ ପହଞ୍ଚିଛି । ବୃଦ୍ଧାବସ୍ଥାରେ ସାମାଜିକ ସୁରକ୍ଷା ନିତାନ୍ତ ଜରୁରୀ । କେବଳ ଆଇନ ପ୍ରଣୟନ ଦ୍ୱାରା ସାମଜିକ ନିରାପତ୍ତା ସମ୍ଭବ ନୁହେଁ । ଏଥିପ୍ରତି ସଚେତନତା ଅତ୍ୟନ୍ତ ଜରୁରୀ ହୋଇପଡିଥିବା ବେଳେ ରାଜ୍ୟ ସରକାର ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି ।ବିଶେଷ କରି ଆଜିର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ନିଜର ଜେଜେ ଜେଜେମାଙ୍କ ସମେତ ପାଖ ପଡୋଶୀରେ ବୟୋଜେଷ୍ଠ ମାନଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ଅଭ୍ୟାସର ପରିଣତ ହେଲେ ବୟୋଜେଷ୍ଠ ମାନଙ୍କ ଆଶୀର୍ବାଦରେ ପିଲାମାନେ ଉଜ୍ୱଳ ଭବିଷ୍ୟତ ଗଢିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପଞ୍ଚାୟତ ସମିତି ଅଧକ୍ଷା ଅନୁସୟା ମଲିକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିବା ବେଳେ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୋମନାଥ ଦାସ ମଞ୍ଚ ଆବାହନ ଏବଂ ସୂଚନା ପ୍ରଦାନ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଜୀନାରାଣୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଅନୁଷ୍ଠିତ ହୋଇଯାଇଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀତାରେ ହରିଶକୁମାର ରଣା, ହେମପ୍ରଭା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଶୁଭମ ଖୁଣ୍ଟିଆ ଏବଂ ପିୟୁଷ ପରିଡା ସତ୍ୟାନନ୍ଦ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ଅତିଥି ମାନଙ୍କ ଠାରୁ ପ୍ରମାଣ ପତ୍ର ସହ ଅର୍ଥ ରାଶି ଗ୍ରହଣ କରିଥିଲେ । ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏହି ଉତ୍ସବରେ ଯୋଗଦେଇ ଥିଲେ ।

**BARBIL MUNICIPALITY**
P.O. : Barbil, District : Keonjhar, Odisha,
PIN : 758035, Ph : (06767) 275278
E-Mail : eobblmnc@yahoo.com / eobblmnc@gmail.com

**OFFICE OF THE MUNICIPAL COUNCIL, BARBIL**

C - 1259 "e"- Procurement Notice

**BID REFERENCE MUNICIPALITY (BBLM-5/2025-26)**

**TENDER CALL NOTICE NO. 2845 / BBL MPLTY DATE. 10.10.2025**

1. Name of the work:- Civil construction works as mentioned in website.
2. No. of work:- 52 (Fifty two)
3. Bid value:- Rs.97,000/- to Rs.30,50,000/-
4. Period of completion:- 45 to 90 days
5. Period of availability of tenders online:- From 10.00 A.M. of 16.10.2025 to 5.00 P.M. of 30.10.2025
6. Last Date & time of bidding online:- 5.00 P.M. of 30.10.2025
7. Date & time of opening of Technical Bid:-11.00 A.M. of dt.31.10.2025
8. Name and address of the officer inviting bid:- EXECUTIVE OFFICER, BARBIL MUNICIPALITY

Further details can be seen from the procurement portal:- www.tendersorissa.gov.in

Sd/- Executive Officer,
Barbil Municipality.

OIPR : 13108/11/0042/2526

**ଦ.ପୂ. ରେଳପଥ-ଟେଣ୍ଡର**

ଓପନ ଇ-ଟେଣ୍ଡର ନୋଟିସ ନଂ. : ଆର୍‌ଏସ/ଟାଟା ୧୦-୨୦୨୫-୨୬, ତାରିଖ : ୦୯.୧୦.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍)/ଟାଟାନଗର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନ ସୂଚିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଇ-ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଇ ନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କାର୍ଯ୍ୟର ବିବରଣୀ : ଲୋକୋ ବଡି ଓ୍ୱାସିଂ, ଇଣ୍ଟରନାଲ କ୍ଲିନିଂ, ଲୋକୋ ବଡି ଫିଲ୍ଟର କ୍ଲିନିଂ, ଗ୍ରେଟିଂ/କଭର ଓପନିଂ, ଲୋକୋ ବ୍ଲୋଇଂ ପୁଣି ଗ୍ରେଟିଂ/ଇଲେକ୍ଟ୍ରିକ ଲୋକୋ ସେଡ୍, ଟାଟାନଗରର ଇଲେକ୍ଟ୍ରିକ୍ ଲୋକୋ ମୋଟିଭିସ୍ର କଭର ଫିଟ୍‌ମେଣ୍ଟ ଦୁଇ ବର୍ଷ ପାଇଁ । ଟେଣ୍ଡର ମୂଲ୍ୟ : ଟ. ୧,୦୮,୨୯,୯୧୦ । ବଇନା : ଟ. ୨,୦୪,୨୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଟ. ୫,୦୦୦/- । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୪.୧୧.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ଟେଣ୍ଡର ଖୋଲା ତାରିଖ : ଟିଆର୍‌ଏସ୍/ ଟାଟାନଗର ଠାରେ ୦୪.୧୧.୨୦୨୫ । ୱେବସାଇଟ https://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ ଥାଇ ବିବରଣୀ ୱେବସାଇଟରେ ଉପଲବ୍ଧ ଅଛି । ଯଦି ଟେଣ୍ଡର ଖୋଲା ତାରିଖରେ ବନ୍ଦ କିମ୍ବା ଛୁଟିଦିନ ପଡେ ତେବେ ପରବର୍ତ୍ତୀ କାର୍ଯ୍ୟଦିବସର ସମାନ ସମୟରେ ଟେଣ୍ଡର ଖୋଲାଯିବ ।

(PR-714)

# ଟ୍ରକକୁ ଧକ୍କା ଦେଲା ବୋଲେରୋ, ଡ୍ରାଇଭର ସମେତ ୪ ଆହତ



ବାଲୁଗାଁ ,(ସବ୍ୟ): ରବିବାର ବିଳମ୍ବିତ ରାତ୍ରିରେ ୧୬ ନଂ ଜାତୀୟ ରାଜପଥର ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧିନସ୍ଥ ନାରାୟଣୀ ଛକ ନିକଟରେ ଏକ ଟ୍ରକକୁ ବୋଲେରୋ ଧକ୍କା ଦେଇଛି । ଫଳରେ ବୋଲେରୋ ଡ୍ରାଇଭର ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଡ୍ରାଇଭରଙ୍କ ଡାହାଣ ହାତ କଟି ଯାଇଥିବା ବେଳେ ତାଙ୍କୁ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।ବ୍ରହ୍ମପୁର କନିସି ଅଞ୍ଚଳର ଗୋଟିଏ ପରିବାର ଏବଂ ସମ୍ପର୍କୀୟଙ୍କୁ ମିଶାଇ ମୋଟ ୧୦ ଜଣ ଏକ ବୋଲେରୋ ଗାଡ଼ିରେ ଘଟଗାଁ ତାରିଣୀ ମନ୍ଦିର ଦର୍ଶନରେ ଯାଇଥିଲେ । ସେଠାରୁ ପୁରୀ ଗସ୍ତ କରି ରବିବାର ରାତ୍ରିରେ ଫେରୁଥିଲେ । ବିଳମ୍ବିତ ରାତ୍ରି ପ୍ରାୟ ୩ ଘଟିକା ସମୟରେ ନାରାୟଣୀ ଛକ ନିକଟ ଜରି ଶଙ୍ଖ ଠାରେ ପୂର୍ବରୁ ଠିଆ ହୋଇଥିବା ଏକ ଟ୍ରକର ଡାହାଣ ପାର୍ଶ୍ୱକୁ ବୋଲେରୋଟି ଅତିକ୍ରମ ବେଳେ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା । ଏହି ସମୟରେ ପଛରୁ ଆସୁଥିବା କୌଣସି ଅଜଣା ଗାଡି ବୋଲେରୋକୁ ଧକ୍କା ଦେଇ ଖସି ପଳାଇଥିଲା । ଫଳରେ ବୋଲେରୋ ଡ୍ରାଇଭରଙ୍କ ଡାହାଣ ହାତଟି କଟି ଯାଇଥିବା ବେଳେ ବସିଥିବା ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ପରେ ଆହତ ମହିଳାଙ୍କ ସମେତ ଅନ୍ୟ ମାନଙ୍କୁ ଏକ ଗାଡ଼ିରେ ବ୍ରହ୍ମପୁର ପଠାଯାଇଥିଲା । ନାଭାଲ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

O-877

**GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISION, MOHANA**

e-mail : rwdmohana@gmail.com

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 06/MOHANA/2025-26**

1. Name of the work : Road work
2. Total No. Work : 06 (Six) No
3. Estimated Cost : Rs. 54.82 to 84.71 lakhs
4. Class of Contractor : As per annexure
5. Period of Completion : As per annexure
6. Other Details :

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Mohana | Online Tender 06/MOHANA/ 2025-26 | 06 (Six) No. of Road work | 15.10.2025 from 11.00 AM | 29.10.2025 upto 500 PM | 27.10.2025 upto 5.00 PM | 30.10.2025 at 11.00 AM | Will be intimated later |

Further details can be seen from the Website www.tenderodisha.gov.in

Sd/- Executive Engineer
R.W. Division, Mohana

OIPR : 25148/11/0050/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

# ସିଏମ୍‌ସି ପକ୍ଷରୁ ପୋଲିଓ ଟୀକା କରଣ ଅଭିଯାନ



କଟକ, (ସ୍ୱପ୍ର): ରାଜ୍ୟକୁ ପୋଲିଓ ମୁକ୍ତ କରିବା ଉଦ୍ଦେଶ୍ୟରେ ରବିବାର ମହାନଦୀ ବିହାର ସ୍ଥିତ ଏମଡିଏ ଗୋଷ୍ଠୀ କେନ୍ଦ୍ର ଠାରେ କଟକ ମ୍ୟୁନିସିପାଲଟି କର୍ପୋରେସନ (ସିଏମସି) ପକ୍ଷରୁ ଜନସଚେତନତା ମୂଳକ ପୋଲିଓ ଟିକା କରଣ ଅଭିଯାନ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଓ୍ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡେଇଙ୍କ ତତ୍ତ୍ୱାବଧାନରେ ପୋଲିଓ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଜନ୍ମଠାରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପାନ କରାଇ ସେମାନଙ୍କୁ ପୋଲିଓ ମୁକ୍ତ କରି ସୁରକ୍ଷିତ ରଖିବା ସହିତ ଓଡ଼ିଶାକୁ ପୋଲିଓ ମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କର୍ପୋରେଟର ଇଂ ଘଡାଇ ମତବ୍ୟକ୍ତ କରିଥିଲେ । ଏହି ଅଭିଯାନରେ ବହୁ ସଂଖ୍ୟକ ଅଭିଭାବକ ନିଜ ଶିଶୁମାନଙ୍କୁ ନେଇ ଉତ୍ସାହ ପୂର୍ବକ ଅଂଶଗ୍ରହଣ କରି ପୋଲିଓ ବୁନ୍ଦା ଖୁଆଇଥିଲେ । ଏହି ଅଭିଯାନରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନା, ଉପ ସଭାପତି ସରୋଜ ପ୍ରସାଦ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ପଣ୍ଡାଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପାନ କରାଇ ଅଭିଭାବକ ମାନଙ୍କୁ ସଚେତନତା ପାଇଁ ପ୍ରେରଣା ଦେଇଥିଲେ । ସରକାରଙ୍କ ପକ୍ଷରୁ ଏହି ଅଭିଯାନରେ ସେବା କାର୍ଯ୍ୟ ପାଇଁ ମାମୁନି ପ୍ରିୟଦର୍ଶିନୀ ସାହୁ, ପ୍ରତିପଦ୍ମା ସାହୁ, ସୁଷମା ବେହେରା, ମିନା ସେଠି ଉପସ୍ଥିତ ରହି ପୋଲିଓ କାର୍ଯ୍ୟ ପରିଚାଳନା କରିଥିଲେ ।

## ବାଦୁଡ଼ି ମାରି ୯ ଜଣ ଗିରଫ

ଆଠଗଡ,(ସବ୍ୟୁ): ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ କପୁରସିଂ ଠାରେ ବନ୍ଦ ହୋଇ ପଡିରହିଥିବା ଏକ କାରଖାନାରୁ କିଛି ଲୋକ ବାଦୁଡି ମାରୁଥିବା ଖବର ପାଇ ଖୁଣ୍ଟୁଣୀ ରେଞ୍ଜର ନୀଳମାଧବ ସାହୁ ଘଟଣା ସ୍ଥଳରେ ନିଜର ଦଳକୁ ନେଇ ପହଁଚି ବାଦୁଡି ମାରୁଥିବା ୯ ଜଣଙ୍କୁ ଗିରଫ କରିଛନ୍ତି । ୯ ଜଣ ଯାକ ଭୁବନେଶ୍ୱର ସାଲିଆ ସାହିର ବୋଲି ପ୍ରାଥମିକ ତଦନ୍ତରୁ ଜଣାଯାଏ । ସମସ୍ତ ଅପରାଧି ବାଦୁଡି ଗୁଡିକ ମାରି ଖାଇବା ଉଦ୍ଦେଶ୍ୟରେ ଧରୁଥିଲେ ବୋଲି ପ୍ରକାଶ କୁରୁଛନ୍ତି । ଆସନ୍ତା କାଲି ସମସ୍ତଙ୍କୁ ମାନ୍ୟବର ଅଦାଲତରେ ହାଜର କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# ବର୍ଷିଆନ କଂଗ୍ରେସ ନେତା କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କ ପରଲୋକ

## ଶେଷ ଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି

ବେତନଟୀ, (ସବ୍ୟୁ) ବେତନଟୀର ସାମଗ୍ରୀକ ବିକାଶରେ ସଦାସର୍ବଦା ତତ୍ପର ଥିବା ଅତି ଦରଦୀ ଏବଂ ପରୋପକାରୀ ସ୍ୱଭାବର ମଣିଷ କେଲାବାବୁଙ୍କର ପରଲୋକ ଘଟିଛି । ରବିବାର ବିଳମ୍ବିତ ରାତିରେ ୭୫ବର୍ଷ ବୟସରେ ପରଲୋକ ଘଟିଛି । ତାଙ୍କ ବିୟୋଗରେ ସମଗ୍ର ବେତନଟୀ ସ୍ତବ୍ଧ ହୋଇଯାଇଛି । ସେ ମୟୁରଭଞ୍ଜ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି, ଅଖିଳ ଭାରତୀୟ କଂଗ୍ରେସର ସଦସ୍ୟ, ପୂର୍ବତନ ବ୍ଲକଅଧ୍ୟକ୍ଷ ତଥା ଜିଲ୍ଲାପରିଷଦ ଏବଂ ସର୍ବୋପରି ବେତନଟୀ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ, ବିଶିଷ୍ଟ ସମାଜସେବୀ ତଥା ଯୁବବର୍ଗଙ୍କ ପାଇଁ ରାଜନୈତିକ ମାର୍ଗଦର୍ଶକ ଥିଲେ ।

କେଲାବାବୁଙ୍କ ଦେହାନ୍ତ ଖବରପାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସର ଦକ୍ଷ ସଂଗଠକ ଯୁବନେତା ନବଜ୍ୟୋତି ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ନିଜର ଶୋକ ବାର୍ତ୍ତା ପଠାଇଛନ୍ତି । ସେହିଭଳି ପୂର୍ବତନ ରାଜ୍ୟମନ୍ତ୍ରୀ ସୁଦାମ ମାଣ୍ଡି, ବିଧାୟକ ସନାତନ ବିଜୁଳି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ମୟୂରଭଞ୍ଜ ଜିଲ୍ଲାକଂଗ୍ରେସ ସଭାପତି ପ୍ରାକ୍ତନ ବ୍ଲକ



ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡ଼ା, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି, ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ , ମୟୂରଭଞ୍ଜ ଜିଲ୍ଲା କେନ୍ଦ୍ର ସମବାୟ ବିଭାଗର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶୋକବ୍ୟକ୍ତ କରିଛନ୍ତି ।

ନିଜର ଦୀର୍ଘଦିନର ରାଜନୈତିକ ଜୀବନରେ ବେଶ୍ ସଫଳ ହୋଇଥିବା କେଲା ବାବୁଙ୍କ ଭୂମିକା ବେତନଟୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସୁଧାର ଆଣିବାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ବିକାଶମଞ୍ଚ, ରେଲୱେ ପାସେଞ୍ଜର୍ସ ଫୋରମ, ବେତନଟୀର ରୋଟାରୀ କ୍ଲବ ସବୁଥିରେ ଥିଲା ତାଙ୍କର ଗୁରୁତ୍ୱପୂର୍ଣ୍ଣ ଏବଂ ଅତୁଳନୀୟ ଅବଦାନ । ସକ୍ରିୟ ରାଜନୀତିରୁ ଦୂରରେ ଥାଇ ସୁଦ୍ଧା ବେତନଟୀ ଅଞ୍ଚଳର ସାମଗ୍ରିକ ବିକାଶ ଏବଂ ଦୁଃଖୀ,ଅସହାୟ ଲୋକଙ୍କୁ ସାହାଯ୍ୟ କରିବାର ମନବୃତି, ବେତନଟୀବାସୀଙ୍କ ହୃଦୟରେ ଚିରକାଳ ପାଇଁ ଅମରହୋଇ ରହିବେ । ତେବେ ଦେଢବର୍ଷ ପାଖାପାଖି ପୂର୍ବରୁ ସ୍ୱାୟୁ ଜନିତ ଡିମେନସିଆରେ ଆକ୍ରାନ୍ତ ହୋଇ ହଠାତ୍ ଅସୁସ୍ଥ ହେବାସହିତ କ୍ରମେ ଶଯ୍ୟାଶାୟୀ ହୋଇପଡିଥିଲେ । ଦୀର୍ଘଦିନ ଧରି ରୋଗଶଯ୍ୟାରେ ପଡିବାପରେ ରବିବାର ବିଳମ୍ବିତ ରାତି ୨ଟା ୨୦ମିନିଟରେ ତାଙ୍କର ଦେହାନ୍ତ ହୋଇଯାଇଛି ।

# ବିଶାଳ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର



ଭୁବନେଶ୍ୱର, (ସବ୍ୟୁ) : ଆରୋହଣ ଟ୍ରଷ୍ଟ ପକ୍ଷରୁ ନିଗମ ହେଲଥ କେୟାର, କୈବଲ୍ୟ ଫିଜିଓ ଥେରାପି ଓ ଜୟଦେ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦ ମିଳିତ ସହଯୋଗରେ ରାମେଶ୍ୱର ମନ୍ଦିର କମ୍ୟୁନିଟି ସେଣ୍ଟରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ହୋଇଯାଇଛି । ଅତିଥିଭାବେ ବିଜେପି ଜିଲା ସଭାପତି ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଡାଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ପ୍ରଫେସର ଡ. ସୁଚେତା ପ୍ରିୟବାଦିନୀ, ପ୍ରଦୀପ୍ତ କୁମାର ଜେନା, ସୁଶାନ୍ତ ଜେନା, ଅନଙ୍ଗ ବିକ୍ରମ ବିଶ୍ୱାଳ ଓ ଆଇନଜୀବୀ ମୋନାଲିସା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଔଷଧ ବିଭାଗ,ହଅସ୍ଥିଶଲ୍ୟ ବିଭାଗ, ସ୍ୱାୟୁ ଓ ମାନସିକ ବିଭାଗ, ଦନ୍ତ ବିଭାଗ ଓ ଫିଜିଓଥେରାପି ବିଭାଗ ଅଭିଜ୍ଞ ଡାକ୍ତର ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇଥିଲେ। ପ୍ରାୟ ଦୁଇଶହରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ । ଜୟଦେବ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦର ସଭାପତି ମନୋରଞ୍ଜନ ମିଶ୍ର, ଉପସଭାପତି ଗଜେନ୍ଦ୍ରନାଥ ବେହେରା ଓ ପ୍ରଶାସନିକ ସଚିବ ରମାକାନ୍ତ ମହାନ୍ତି, ଆରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱବପ୍ନେନ୍ଦୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ବିଶିଷ୍ଟ ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ସ୍ମୃତିଚାରଣ ସଭା

କଟକ,(ସବ୍ୟୁ): ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ କଳାବିହାର ସ୍ଥିତ କାର୍ଯ୍ୟାଳୟରେ ସଂଯୋଜକ ତଥା ସାମ୍ବାଦିକ ଚକ୍ରବର୍ତ୍ତୀ ଓତା(୫୧)ଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ତାଂକ ବିୟୋଗରେ ବିଧାୟକ କଟକ ସଦର ଇଂ.ପ୍ରକାଶ ଚନ୍ଦ୍ର ସେଠୀ,ପ୍ରତିଭା ବିକାଶ ପ୍ରତିଷ୍ଠାନ ସଭାପତି ଇଂ.ଅଶୋକ ବିଶ୍ୱାଳ,ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ସମ୍ପାଦକ ଇଂ.ବିମଳ ଚନ୍ଦ୍ର ଦାସ,ପରିଷଦ ସଭାପତି ପ୍ରତିଭା ଶତପଥୀ,ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ,ହୃର୍ଷିକେଶ ଜେନା,ପ୍ରଧାପକ ପ୍ରଫୁଲ ଦାସ,ପ୍ରାଧାପକ କଲିମୁଲ୍ଲା,ଜିଲ୍ଲା ପରିଷଦ ପ୍ରଦିପ୍ତ ମହାଳି,ଅଭୟ ସ୍ୱାଇଁ,ପ୍ରଲୋପ ନାରାୟଣ ମହାପାତ୍ର,ଓଡିଶା ରାଷ୍ଟ୍ରବାଦୀ ସଂଘ ଓଡ଼ିଶା ସଭାପତି ଗିରିଜା ଶଙ୍କର ପତି, ଦୈତାରି ପ୍ରଧାନ,ବାବୁଲି ପାତ୍ର,ପ୍ରଲୋପ ନାରାୟଣ ମହାପାତ୍ର,ଦେବୀ ପ୍ରସାଦ ପତି, ଇଂ.ସେବକ ଶ୍ରୀକାନ୍ତ,କଣ୍ଠଶିଳ୍ପୀ ମଣ୍ଟୁ,ଇଂ.ଅମୀୟ ରଂଜନ,ପପିନା ବେହେରା,ପ୍ରିୟାଂଶି ସାହୁ,ହରପ୍ରିୟା ହାତୀ,ଆଶିଷ ବାଡ଼ି,ଇଂ.ସୁରଜ ବେହରା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି । ସମାଜସେବୀ ନିଃସ୍ୱାର୍ଥପର ଉପକାରୀ ବନ୍ଧୁ ଜନ ସେବକ ଦିବଂଗତ ଓତା ଜଣେ ମହାନ୍ ଆଦର୍ଶ ତଥା ଧର୍ମପାରାୟଣ ବ୍ୟକ୍ତିତ୍ୱ ଥିଲେ ।

## ପଶ୍ଚିମବଙ୍ଗରେ ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣା

# ରାଜ୍ୟରେ ନିର୍ଯାତିତା ଓଡିଆ ଝିଅଙ୍କୁ ନ୍ୟାୟ ପ୍ରଦାନରେ ସରକାର ଉଦାସୀନ କାହିଁକି : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ଡାକ୍ତରୀ ପାଠ ପଢୁଥିବା ଜଣେ ଓଡ଼ିଆ ଝିଅ ସହ ହୋଇଥିବା ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାର ତତ୍ପରତା ଦେଖାଉଥିବା ବେଳେ ଓଡ଼ିଶାରେ ଘଟୁଥିବା ଅନେକ ମହିଳା ନିର୍ଯ୍ୟାତନା ମାମଲାରେ ରାଜ୍ୟ ବିଜେପି ସରକାରଙ୍କ ସେହିଭଳି ତତ୍ପରତା ଦେଖିବାକୁ ମିଳୁ ନାହିଁ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି ।

ବିଜୁ ଜନତା ଦଳ ତରଫରୁ ଜାରି କରା ଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ନିକଟରେ ଦୁର୍ଗାପୁର ଠାରେ ଘଟିଥିବା ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ବିଜେପି ସରକାର ଖୁବ ତତ୍ପରତା ଦେଖାଉଛନ୍ତି, ଯାହା ସ୍ୱାଗତଯୋଗ୍ୟ । କିନ୍ତୁ, ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳା ନିର୍ଯ୍ୟାତନା ଘଟଣାରେ ଅହେତୁକ ବୃଦ୍ଧି ପାଇଥିବା ବେଳେ, ଏହି ସବୁ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ରହୁଥିବା ଦେଖିବାକୁ ମିଳୁଛି । ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଗୁଡିକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି । ପଶ୍ଚିମବଙ୍ଗ ଘଟଣାରେ ଯେପରି ତତ୍ପରତା ଦେଖିବାକୁ ମିଳିଛି ସେପରି ତତ୍ପରତା ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯ୍ୟାତନା ଘଟଣାରେ ସେଭଳି ତତ୍ପରତା ଦେଖିବାକୁ ମିଳୁନାହିଁ । ପଶ୍ଚିମବଙ୍ଗ ଘଟଣାରେ, ଜାତୀୟ ମହିଳା କମିସନ ଆସିଥିବା ବେଳେ ଓଡ଼ିଶାର ମହିଳା କମିସନ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି । ଓଡ଼ିଶାରେ ଘଟିଥିବା ସମ୍ବେଦନଶୀଳ ମହିଳା ନିର୍ଯ୍ୟାତନା ଘଟଣାରେ ଜାତୀୟ ମହିଳା କମିସନ ଆସିବା ତ ଦୂରେ ଥାଉ, ରାଜ୍ୟ ମହିଳା କମିସନ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି । ରାଜ୍ୟରେ ୧୪ ମାସରେ ୩୭,୬୧୧ ମହିଳା ନିର୍ଯ୍ୟାତନା ଘଟଣା ଘଟିଥିଲା ବେଳେ ସରକାର ନିଦାବିଷ୍ଣୁ ସାଜିଛନ୍ତି ।

ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା, ବଳଙ୍ଗା ଛାତ୍ରୀ ପୋଡି ଘଟଣା, ବାଲି ହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଥିଲେ ମଧ୍ୟ ଜାତୀୟ ମହିଳା କମିସନଙ୍କ ଦେଖା ମିଳିନଥିଲା । ସେହିପରି, ରାଜ୍ୟ ମହିଳା କମିସନଙ୍କର ମଧ୍ୟ କୌଣସି ଆଖି ଦୃଶିଆ ପଦକ୍ଷେପ ନଜରକୁ ଆସିନଥିଲା । ଏହାଛଡା, ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ବିଜେପି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ଉପରେ, ସେ ଉଭୟ ଜାତୀୟ ଓ ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ତ ହୋଇଥିଲେ ମଧ୍ୟ ଉଭୟଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । ଓଡିଶାରେ ବାସ କରୁଥିବା ମହିଳା ମାନଙ୍କ ସହିତ ପାତରଅନ୍ତର କାହିଁକି କରୁଛନ୍ତି ରାଜ୍ୟ ବିଜେପି ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି । ଗୋପାଳପୁର ଗଣଦୁଷ୍କର୍ମ ଘଟଣା ହେଉ କି ସୌମ୍ୟାଶ୍ରୀ ଘଟଣା ହେଉ, ବଳଙ୍ଗା ଛାତ୍ରୀ ପୋଡି ଘଟଣା ହେଉ କି ବାଲି ହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା ହେଉ ରାଜ୍ୟ ସରକାର ପୀଡିତା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି ।

# ଓଡ଼ିଆ ଅସ୍ମିତା ସଂସ୍କୃତି ପରମ୍ପରାକୁ କିଏ ଭୁଲିଗଲା, ପ୍ରଶାସନ ନା କମିଟି !

ଖୋର୍ଦ୍ଧା, (ସବ୍ୟୁ)ଖୋର୍ଦ୍ଧାରେ ୧୭ବର୍ଷ ଧରି ଚାଲି ଆସୁଛି ମିଳିତ ଗଜଲକ୍ଷ୍ମୀ ଭସାଣି ଉତ୍ସବ। ଚଳିତ ବର୍ଷ କୁ ଏହା ୧୮ବର୍ଷରେ ପାଦ ଥାପିଛି। ଏହି ମିଳିତ ଭସାଣି କୁ ୧୭ବର୍ଷ ତଳେ କିଛି ବ୍ୟବସାୟୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀଙ୍କ ସହ ବିଭିନ୍ନ ପୂଜା କମିଟି ଏକତ୍ର ହୋଇ ଆରମ୍ଭ କରିଥିଲେ। ପ୍ରଶାସନ ମଧ୍ୟ ସ୍ଥାନୀୟ ଅଂଚଳ ର ଏହି ପରମ୍ପରାକୁ ସ୍ୱୀକୃତି ପ୍ରଦାନ କରିଥିଲେ। ପୌରପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଇ ଖୋର୍ଦ୍ଧାରେ ଆରମ୍ଭ ହୋଇଥିଲା ମିଳିତ ଗଜଲକ୍ଷ୍ମୀ ଭସାଣି ଉତ୍ସବ। ଦଳ ମତ ନିର୍ବିଶେଷରେ ସମସ୍ତେ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ଜଟଣୀ ରେ ଗଣେଶ ପୂଜା ମିଳିତ ଭସାଣି ପରେ ଖୋର୍ଦ୍ଧା ରେ ଚାଲିଥିବା ଗଜଲକ୍ଷ୍ମୀ ଭସାଣି ବିଶେଷ ଆଦୃତ ଲାଭ କରିଥିଲା। ଖୋର୍ଦ୍ଧା ବାସିନ୍ଦା ଗଜଲକ୍ଷ୍ମୀ ଭସାଣି ଆସିଲେ ନିଜ ନିଜର ସମ୍ପର୍କୀୟ ମାନଙ୍କୁ ଡାକି ଏହି ଭସାଣି ଦେଖିବା ପାଇଁ ସହର ରାସ୍ତାର ଉଭୟ ପାର୍ଶ୍ୱରେ ରହି ଅଭିନନ୍ଦନ ଜଣାଇବା ସହ ଉପଭୋଗ କରୁଥିଲେ। ଏହି ଉତ୍ସବ ରେ ଲୋକ କଳା କୁ ବିଶେଷ ପ୍ରାଧାନ୍ୟ ଦିଆଯାଉଥିବାରୁ ଏହାର ସମ୍ମାନ ରାଜଧାନୀ ଭୁବନେଶ୍ୱର ରେ ପରିଲକ୍ଷିତ ହେଉଥିଲା। ଡିଜେ କୁ ବାରଣ ମଧ୍ୟ କରାଯାଇଥିଲା। କାଳକ୍ରମେ ତତ୍କାଳୀନ କମିଟି ଡିଜେ କୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ସାମିଲ କରିଥିଲା। ରାଜ୍ୟ ର ବିଭିନ୍ନ ଜିଲ୍ଲାରେ ଥିବା ଲୋକ କଳା, ଏହି ଭସାଣି ରେ ସାମିଲ ହୋଇ ନିଜକୁ ଧନ୍ୟ ମନେ କରିଥିଲେ।

ପୁରୀର ଗୋଟି ପୁଅ ନୃତ୍ୟ, ଛଉ, ପଶୁନୃତ୍ୟ, ସମ୍ବଲପୁରୀ ଠାରୁ ଆରମ୍ଭ କରି ଖୋର୍ଦ୍ଧାର ପାଇକ ନୃତ୍ୟ ପ୍ରଦର୍ଶନ ସାରା ସହର କୁ ଦୁଲୁକାଇ ଦେଉଥିଲା। ଚଳିତବର୍ଷ ଏହି ମିଳିତ ଭସାଣି ଉତ୍ସବ ରେ ସମସ୍ତ ପ୍ରକାର ବିଶୃଙ୍ଖଳା ପରିଲକ୍ଷିତ ହେଉଥିବା ପରି ଦେଖା ଦେଇଥିଲା। ପ୍ରଶାସନ ସହ ପୂଜା କମିଟି କର୍ମକର୍ତ୍ତାଙ୍କ ସମନ୍ୱୟ ରହି ନଥିଲା। ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ ପୂଜା ପେଣ୍ଡାଲ ର ପୋଲିସ ଫୋର୍ସ ମୂତୟନ କରିବାକୁ କମିଟି କୁ ତାଲିକା ମାଗିଥିଲେ, କିନ୍ତୁ ତାହା ସେ ନ ପାଇ କିନ୍ତୁ ୭ଦିନ ଧରି ଚାଲିଥିବା ପୂଜା ପେଣ୍ଡାଲ ଖୋଜି ଖୋଜି ଜଣେ ପୋଲିସ କୁ ମୂତୟନ କରିଥିଲେ। ଭସାଣି ଦିନ ସମସ୍ତ ମେଢ଼ ବିଭିନ୍ନ ସ୍ଥାନ ରୁ ବାହାରି ବିଜେବି ହାଇସ୍କୁଲ ପଡିଆରେ ପହଁଚି ନିଜ ନାକୁ ତାଲିକା ଭୁକ୍ତ କରି ବନ୍ଦାପନା କରିବା ବିଧି କୁ ଏଥର ବାରଣ କରାଯାଇଥିଲା। ଫଳରେ ଅନେକ ପୂଜା କମିଟି ଏଥର ଏକାଠି ହୋଇ ମେଳଣ କରି ନ ପାରି ଯାଇଥିଲେ। ଭସାଣି ରେ ଡିଜେ ବାଜିବାକୁ ଜିଦ୍ କରି ଅଟଳ ରହିଥିଲେ ଅନେକ କମିଟି। ପ୍ରଶାସନ ମଧ୍ୟ ନିଜ ଜିଦି ରେ ଅଟଳ ଥିଲା।

ଅପରାହ୍ନ ୩ଟାରୁ ଆରମ୍ଭ ହେବାକୁ ଥିବା ଭସାଣି ବିଜେବି ହାଇସ୍କୁଲ ରୁ ବାହାରି ରାସ୍ତା ଉପରେ ଅଟକି ଥିଲା। ସନ୍ଧ୍ୟା ୭ଠାରୁ ଆରମ୍ଭ ହେଲା ଭସାଣି। ପ୍ରଶାସନ ପୂଜା କମିଟି ପାଖରେ ମୁଣ୍ଡ ନୁଆଇଁ ଡିଜେ କୁ ଅନୁମତି ଦେଲା। ଡିଜେ ସହ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଖୋର୍ଦ୍ଧା ଅସ୍ମିତା ପରମ୍ପରାକୁ ମାଟିରେ ମିଶାଇ ଦେଇଥିଲା। ବିଶେଷ କରି କିନ୍ନର ନୃତ୍ୟ କୁ ପୂର୍ବରୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ଚଳିତ ବର୍ଷ ଏହାର ବ୍ୟତିକ୍ରମ ଘଟି କିନ୍ନରମାନଙ୍କ ନୃତ୍ୟ ଚାଲୁଥିଲା। ଶୃଙ୍ଖଳିତ କମିଟି କୁ ପୁରସ୍କୃତ କରିବା ପାଇଁ ପ୍ରଶାସନିକ ସ୍ତରରେ ଏକ ଚୟନ କମିଟି ପୌରପ୍ରଶାସନ ପକ୍ଷରୁ କରାଯାଇଥିବା ମଂଚରେ ବସି ନିରୀକ୍ଷଣ କରିବା ବ୍ୟବସ୍ଥା ଏଥର ମଧ୍ୟ ହୋଇ ପାରିଲା ନାହିଁ। ହଜାର ହଜାର ସଂଖ୍ୟାରେ ପିଲା ଠାରୁ ମହିଳା ପର୍ଯ୍ୟନ୍ତ ସମସ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ହୋଇ ଭସାଣି ଦେଖୁଥିବାବେଳେ ଏକ ଭାରିଯାନ ଟ୍ରଲର ବୁଲୁଥିଲା। ମାଆଙ୍କ ଦୟାରୁ କୌଣସି ପ୍ରକାର ଆଶଙ୍କା ଦେଖା ଦେଇ ନଥିଲା। ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଏସପି, ସବ୍ କଲେକ୍ଟର, ତହସିଲଦାର, ପୋଲିସ ଇନ୍ସପେକ୍ଟର, ବ୍ୟାପକ ଫୋର୍ସ ସହ ପଇତରା ମାରୁଥିଲେ ମଧ୍ୟ ଏସବୁ ବେନିୟମ ପ୍ରତି ଦୃଷ୍ଟି ଦେଇ ନଥିଲେ। ଦୀର୍ଘ ୧୭ବର୍ଷ ଧରି ଚାଲିଥିବା ମିଳିତ ଭସାଣି ପରମ୍ପରା ସଂପୂର୍ଣ୍ଣ ପାଦରେ ଦଳି ଚକଟି କିଏ ମାଟିରେ ମିଶାଇଲା ତାହା ଖୋର୍ଦ୍ଧା ବାସୀଙ୍କ ମଧ୍ୟ ରେ ଏକ ବିରାଟ ପ୍ରଶ୍ନ ହୋଇ ରହିଛି। ଖୋର୍ଦ୍ଧା କୁ ଭବିଷ୍ୟତ ପିଢ଼ିଙ୍କ ପାଇଁ ଏକ କଳୁଷିତ ସାମ୍ରାଜ୍ୟ ରେ ପରିଣତ କରିବାକୁ ମସୁଧା ଚାଲିଛି। ଏଥିପ୍ରତି ସମସ୍ତେ ସଚେତନ ହେବା ଉଚିତ୍।

# ହାଇଟେକ୍ ହସ୍ପିଟାଲ ରାଉରକେଲାରେ ଲୋକଙ୍କ ଔଷଧାଳୟ ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ରାଉରକେଲା ସମ୍ମୁଖରେ ପ୍ରଧାନମନ୍ତ୍ରୀ ଜନଔଷଧି ବା ଲୋକଙ୍କ ଔଷଧାଳୟ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଏଥିରେ ଭାରତ ସରକାରଙ୍କର ଆଦୀବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମ୍, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଉପସ୍ଥିତ ରହି ଏହି ଭବ୍ୟ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ ଯେ, ଔଷଧ ପ୍ରତିଟି ରୋଗୀ ପାଇଁ ସହଜ, ସୁଲଭ ଏବଂ ସଠିକ୍ ସମୟରେ ପହଁଞ୍ଚିବା ନିହାତି ଆବଶ୍ୟକ ଥିବାବେଳେ ରାଉରକେଲାରେ ଏହି ଅଭାବ ଦୂର ହେବାକୁ ଯାଉଛି। ହାଇଟେକ୍ ମେଡିକାଲ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଉପସ୍ଥିତ ରହି ରୋଗୀମାନଙ୍କର ପ୍ରଥମ ଆବଶ୍ୟକତା ପୂରଣ କରିବା ଦିଗରେ ଏହି ଔଷଧାଳୟ କାର୍ଯ୍ୟ କରିବବୋଲି ଆହ୍ୱାନ ଦେଇଥିଲେ।

## ବେଦାନ୍ତର ନନ୍ଦଘର ୭ଟି ରାଜ୍ୟରେ

# ୧ଲକ୍ଷ ପିଲାଙ୍କୁ ପୁଷ୍ଟିକର ପରିପୂରକ ଶିଶୁ ସଞ୍ଜିବନୀ ଯୋଗାଇବ

ଭୁବନେଶ୍ୱର: (ସବ୍ୟୁ): ଶିଶୁ ମାନଙ୍କ ପାଇଁ ସମାଗ୍ରିକ ପୁଷ୍ଟିକର ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବେଦାନ୍ତର ପ୍ରମୁଖ ସମାଜିକ କାର୍ଯ୍ୟକ୍ରମ ନନ୍ଦଘର, ଜାତୀୟ ଦୁଗ୍ଧ ବିକାଶ ବୋର୍ଡ, ଫାଉଣ୍ଡେସନ ଫର ନ୍ୟୁଟ୍ରିସନ ସହ ମଳିତ ଭାବରେ ପୋଷଣ ମାସ ୨୦୨୫ରେ ୭ଟି ରାଜ୍ୟରେ ୩ରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ଏକ ସୁଦୃଢ଼ ପୁଷ୍ଟିକର ପରିପୂରକ ଶିଶୁ ସଂଜୀବନୀର ୧,୦୦,୦୦୦ ୟୁନିଟ ବଂଟନ କରିବାକୁ ଯାଉଛି। ୧୫ଟି ରାଜ୍ୟରେ ୯୪୦୦ରୁ ଅଧିକ ଆଧୁନିକ ଅଙ୍ଗନୱାଡ଼ିର ନେଟୱର୍କ ସହ ନନ୍ଦଘର ପୁଷ୍ଟିକର, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତିକରଣ ମାଧ୍ୟମରେ ମହିଳା ଓ ଶିଶୁଙ୍କ ଜୀବନକୁ ପରିବର୍ତ୍ତନ କରୁଛି। ଏହି ପଦକ୍ଷେପ ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ପ୍ରତିଟି ଶିଶୁଙ୍କ ଜୀବନରେ ଏକ ସୁସ୍ଥ ଆରମ୍ଭ ନିଶ୍ଚିତତା ଲାଗି ସାମୁହିକ ମିଶନକୁ ସୁଦୃଢ଼ କରିଥାଏ।

ମିଶନ ପୋଷଣ ୨.୦ଅନ୍ତର୍ଗତ ଭାରତ ସରକାରଙ୍କ ପୋଷଣ ମାସ ଅଭିଯାନରେ ପିଲାମାନଙ୍କ ପୋଷଣ, ଗର୍ଭବତୀ ମହିଳା ଓ ସ୍ତନ୍ୟପାନକାରୀ ମହିଳାଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥାଏ। ପୋଷଣ ସେ ପ୍ରଗତି ବିଷୟ ଆଧାରୀତ ଲକ୍ଷ୍ୟ ଦ୍ୱାରା ସ୍ୱାସ୍ଥ୍ୟର ପ୍ରଗତି ସହ ଏକ ସୁଦୃଢ଼ ଭାରତ ଗଠନ ହୋଇପାରିବ। ଏହି ପରିପ୍ରେକ୍ଷୀରେ ରାଜସ୍ଥାନ, ଓଡ଼ିଶା, ଛତିଶଗଡ଼, ଝାରଖଣ୍ଡ, ମହାରାଷ୍ଟ୍ର, ଦାମନ ଓ ଦିୟୁ ଏବଂ ଉତରପ୍ରଦେଶ ଭଳି ରାଜ୍ୟ ମାନଙ୍କରେ ଥିବା ନନ୍ଦଘର ଏହି ଅଭିଯାନ ରେ ସମିଲ ହୋଇ ପ୍ରତ୍ୟେକ ମହିଳା ଓ ଶିଶୁମାନେ ଯେପରି ପୁଷ୍ଟିକର ଖାଦ୍ୟ ପାଇପାରିବେ ତାହା ନିଶ୍ଚିତ କରୁଛି। ଏନଡିବିବି ଦ୍ୱାରା ବିକଶିତ ଶିଶୁ ସଂଜୀବନୀ, ଏକ ପୁଷ୍ଟିକର ଖାଦ୍ୟ ପରିପୂରକ ଯାହା ବିଶେଷ ଭାବରେ ୩ରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ପୁଷ୍ଟି ଯୋଗାଇବା ପାଇଁ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ୪୦ ଗ୍ରାମ ପରିବେଷଣ ଏକ ସ୍ୱାଦିଷ୍ଟ ପ୍ରୋଟିନଯୁକ୍ତ ପରିପୂରକ ଯାହା ପ୍ରାୟ ୨୦୦ କିଲୋ କ୍ୟାଲୋରି ଶକ୍ତି ପ୍ରଦାନ କରେ। ବେଙ୍ଗଲ ଚଣା, ଘିଅ, କ୍ଷୀର, ସୋୟା, ଚିନାବାଦାମ ଓ ତିଳରୁ ପ୍ରସ୍ତୁତ ଏହି ଖାଦ୍ୟ ଖଣିଜ ଓ ଭିଟାମିନ ପ୍ରଦାନ କରେ। ଆଇସିଏମଆର ଜାତୀୟ ପୁଷ୍ଟିକର ପ୍ରତିଷ୍ଠାନ ନିର୍ଦ୍ଦେଶାବଳୀ ଅନୁସାରେ ପିଲମାନଙ୍କ ସୁସ୍ଥ ବୃଦ୍ଧି ଓ ବିକାଶକୁ ସମର୍ଥନ କରିବା ପାଇଁ ସୁଦୃଢ଼ କରାଯାଇଛି।



ଏହି ପରିପ୍ରେକ୍ଷୀରେ ହିନ୍ଦୁସ୍ଥାନ ଜିଙ୍କ ଲିମିଟେଡର ଅଧ୍ୟକ୍ଷା ତଥା ବେଦାନ୍ତ ଲିମିଟେଡର ଅଣ କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରିୟା ଅଗ୍ରୱାଲ ହେଜର କହିଛନ୍ତି ଯେ ବେଦାନ୍ତରେ ଆମେ ବିଶ୍ୱାସ କରୁ ଯେ ପ୍ରକୃତ ରାଷ୍ଟ୍ର ନିର୍ମାଣ ଆମ ପିଲାଙ୍କ କଲ୍ୟାଣ ସହ ଜଡ଼ିତ। ନନ୍ଦଘର ମାଧ୍ୟମରେ, ଆମେ ପ୍ରତ୍ୟେକ ପିଲାକୁ ଉପଯୁକ୍ତ ପୁଷ୍ଟିସାର, ଗୁଣାତ୍ମକ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଜୀବନରେ ଏକ ନ୍ୟାୟପୂର୍ଣ୍ଣ ଆରମ୍ଭ ପାଇବାକୁ ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ। ଶିଶୁ ସଞ୍ଜିବନୀ ପାଇଁ ଏନଡିଡିବି ସହ ଆମର ସହଯୋଗିତା ଆମର ବିଶ୍ୱାସକୁ ପ୍ରତିଫଳିତ କରେ। ନନ୍ଦଘରର ସିଇଓ ଶଶି ଆରୋରା କହିଛନ୍ତି ଯେ ଆଇସିଡିଏସର ୫୦ତମ ବର୍ଷ ଭାରତର କନିଷ୍ଠ ନାଗରିକଙ୍କୁ ପୋଷଣ ଯାତ୍ରାରେ ଏକ ମାଇଲ ଖୁଂଟ। ନନ୍ଦଘର ମାଧ୍ୟମରେ ଆମେ ଶିଶୁ ସଞ୍ଜିବନୀ ଭଳି ଅଭିନବ ପୁଷ୍ଟିକର ହସ୍ତକ୍ଷେପ ଜରୀଆରେ ଏହି ଐତିହାସିକ ପଦକ୍ଷେପରେ ଯୋଗ ଦେଇ ଗର୍ବିତ। ପ୍ରଯୁକ୍ତିବଦ୍ୟା ପରିଚାଳିତ ମନିଟରିଂ ଓ ସମୂହିକ ସଚେତନତା ନିର୍ମାଣ ସହ ସୁଦୃଢ଼ ଖାଦ୍ୟ ସହାୟତାକୁ ମିଶ୍ରଣ କରି ଆମେ ଏକ ଉପଯୁକ୍ତ ପୋଷିତ ପୀଢି ଗଠନ ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁ ଯାହା ୨୦୪୭ ସୁଦ୍ଧା ଭାରତର ବିକାଶକୁ ଆଗକୁ ନେଇଯିବ।

କୁପୋଷଣ ଦୂରୀକରଣ ପାଇଁ ଏନଡିଡିବିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଡ. ମନିଶ ସାହ କହିଛନ୍ତି ଯେ ଏନଡିଡିବିରେ ଆମେ କୁପୋଷଣକୁ ହଟାଇବା ଲାଗି ଭାରତର ଲଢେଇକୁ ଦୃଢ଼ କରିବା ଲାଗି ପୁଷ୍ଟିସାର ଓ ଖାଦ୍ୟ ବିଜ୍ଞାନରେ ଆମର ବିଶେଷଜ୍ଞତାକୁ ବ୍ୟବହାର କରି ଏହି ଲଢେଇକୁ ସଶକ୍ତ କରୁଛୁ। ବେଦାନ୍ତର ନନ୍ଦଘର ପଦକ୍ଷେପ ସହିତ ଆମର ସହଭାଗିତା ଦ୍ୱାରା ଏହି ଲକ୍ଷ୍ୟରେ ଥିବା ପିଲାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପୁଷ୍ଟିକର ପ୍ରଦାନ ଲକ୍ଷ୍ୟ ରଖିଛୁ। ପୁଷ୍ଟିସାର ପ୍ରୟାସ କେନ୍ଦ୍ରରେ ନନ୍ଦଘର ଏକ ତ୍ରିଗୁଣୀୟ ପଦ୍ଧତି ଗ୍ରହଣ କରେ। ସାରା ଦେଶରେ ପ୍ରତିଦିନ ପ୍ରାୟ ୩.୬ ଲକ୍ଷ ପିଲାଙ୍କ ନିକଟରେ ପହଁଚି ନନ୍ଦଘର ପାରଂପାରିକ ପୁଷ୍ଟିସାରକୁ ଆଧୁନିକ ହସ୍ତକ୍ଷେପ ମାଧ୍ୟମରେ ସମନ୍ୱିତ କରେ, କେବଳ ତୁରନ୍ତ ଖାଦ୍ୟ ପାଇବାକୁ ସମାଧାନ କରେ ନାହିଁ ବରଂ ଏକ ଦୃଢ଼ ସ୍ଥାୟୀ ପୁଷ୍ଟିସାର ଇକୋସିଷ୍ଟମ ପାଇଁ ମୂଳଦୁଆ ସ୍ଥାପନ କରୁଛି। ଯାହା ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଲାଗି ପ୍ରୟାସ ଜାରି ରଖିଛି।

# ବ୍ରିଟେନ୍ ସଂସଦରେ ହାଇଟେକ୍ ମେଡିକାଲ ସମ୍ବର୍ଦ୍ଧିତ



ଭୁବନେଶ୍ୱର (ସବ୍ୟୁ): ଗ୍ଲୋବାଲ ବ୍ରିଲିଆନ୍ସ ଫୋରମ୍ ସମ୍ମିଳନୀ ଏବଂ ଗ୍ଲୋବାଲ ବ୍ରିଲିଆନ୍ସ ପୁରସ୍କାର ୨୦୨୫ ଲଣ୍ଡନ ପାର୍ଲ୍ୟାମେଣ୍ଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଓଡିଶାର ଶ୍ରେଷ୍ଠ ଇନଷ୍ଟିଚ୍ୟୁଟ୍ ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସମ୍ମାନିତ କରାଯାଇଥିବା ବେଳେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୁରେଶ କୁମାର ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମ୍ମାନ କେବଳ ଅନୁଷ୍ଠାନ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଏକ ସମ୍ମାନର ମୁହୂର୍ତ୍ତ ବୋଲି କହିଛନ୍ତି ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀ ପାଣିଗ୍ରାହୀ। ଏହି କାର୍ଯ୍ୟକ୍ରମରେ ବ୍ରିଟେନ୍ ସଂସଦ ସଦସ୍ୟ ଲର୍ଡ ରାମି ରେଞ୍ଜର, ମେଜର ପ୍ରେରଣା ଭରଦ୍ୱାଜ, ଗ୍ଲୋବାଲ ବ୍ରିଲିଆନ୍ସ ଫୋରମ୍ ଅଧ୍ୟକ୍ଷ ଆଦିତ୍ୟ ପ୍ରତାପ ସିଂହ ଅନ୍ତରାଷ୍ଟ୍ରୀୟ ସ୍ତରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ସେବା ଓ ପ୍ରତିଷ୍ଠାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏଥିରେ ବିଶ୍ୱର ବିଶିଷ୍ଟ ବ୍ୟକ୍ତି, ଶିଳ୍ପପତି, ନୀତି ନିର୍ଦ୍ଧାରକ ଓ ସାମାଜିକ ନେତା ଯୋଗଦାନ କରିଥିଲେ।

## ଇସ୍ରାଏଲ ଗସ୍ତରେ ଟ୍ରମ୍ପ

# ସଂସଦରେ ବିରୋଧ, ବାହାରେ ସ୍ୱାଗତ



ତେଲଆଭିମ୍ : ଇସ୍ରାଏଲରେ ବିରୋଧର ସମ୍ମୁଖୀନ ହୋଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଇସ୍ରାଏଲୀ ସଂସଦରେ ଭାଷଣ ଦେବା ସମୟରେ ଦୁଇ ଜଣ ସାଂସଦ, ଏମାନ ଓଡେ ଏବଂ ଓଫର କାସିଫ, ହଙ୍ଗାମା ସୃଷ୍ଟି କରିଥିଲେ ଓ ତାଙ୍କୁ ବିରୋଧ କରିଥିଲେ । ସେମାନେ ଟ୍ରମ୍ପଙ୍କ ଉପରେ ନରସଂହାର ସଙ୍କେତ ଦେଖାଇ ତାଙ୍କ ପାଖକୁ ଯିବାକୁ ଉଦ୍ୟମ କରିଥିଲେ । ତେବେ ସୁରକ୍ଷାକର୍ମୀମାନେ ସେମାନଙ୍କୁ ଅଟକାଇବା ସହ କକ୍ଷରୁ ବାହାର କରିଦେଇଥିଲେ । ଟ୍ରମ୍ପ ଏହା (ବିରୋଧର) ଏକ ପ୍ରଭାବଶାଳୀ ପଦ୍ଧତି ବୋଲି କହି ପ୍ରତିକ୍ରିୟା ଦେଇଥିଲେ ଏବଂ ତାଙ୍କ ଭାଷଣ ଜାରି ରଖିଥିଲେ । ହଦାଶ-ତା'ଲ ଦଳର ସଭାପତି ଏମାନ ଓଡେ ଟ୍ରମ୍ପଙ୍କ ଭାଷଣ ସମୟରେ ଏକ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ । ଏଥିରେ ଲେଖାଥିଲା, ପାଲେଷ୍ଟାଇନକୁ ଚିହ୍ନିତ କର । ସେହି ଦଳର ସଦସ୍ୟ ଓଫର କାସିଫ ମଧ୍ୟ ଏକ ପ୍ଲାକାର୍ଡ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସୁରକ୍ଷା ବାହିନୀ ଉଭୟ ସାଂସଦଙ୍କୁ ବଳପୂର୍ବକ ସଂସଦରୁ ବାହାର କରିଦେଇଥିଲେ । ଏହି ସମୟରେ, ଇସ୍ରାଏଲୀ ସଂସଦକୁ ସମ୍ବୋଧିତ କରିବା ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆଜି, ବହୁ ବର୍ଷ ପରେ, ଏହି ପବିତ୍ର ଭୂମିରେ ସୂର୍ଯ୍ୟ ଉଦୟ ହେଉଛି ଶାନ୍ତି ପ୍ରତିଷ୍ଠା ହୋଇଛି ବନ୍ଧୁକଗୁଡ଼ିକ ନୀରବ ହୋଇଯାଇଛି ଏବଂ ସାଇରନ ଚୁପ ହୋଇଯାଇଛି । ଏହା କେବଳ ଯୁଦ୍ଧର ଶେଷ ନୁହେଁ, ବରଂ ଆତଙ୍କ ଏବଂ ମୃତ୍ୟୁର ଶେଷ ଏବଂ ଶାନ୍ତିର ଆରମ୍ଭ । ଏହା ଖୁବ୍ ଶୀଘ୍ର ଏକ ପ୍ରକୃତ ଚମତ୍କାର ଅଞ୍ଚଳ, ମଧ୍ୟପ୍ରାଚ୍ୟରେ ଏକ ଐତିହାସିକ ସୂର୍ଯ୍ୟୋଦୟ ହେବ । ଟ୍ରମ୍ପଙ୍କ ଭାଷଣ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସଂସଦକୁ ସମ୍ବୋଧିତ କରିଥିଲେ । ସେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ବିଶ୍ୱକୁ ତାଙ୍କର ଆବଶ୍ୟକତା ଅଛି । ନେତାନ୍ୟାହୁଙ୍କ ଅନୁଯାୟୀ, କୌଣସି ଆମେରିକୀୟ ରାଷ୍ଟ୍ରପତି ଇସ୍ରାଏଲ ପାଇଁ ଏତେ ପ୍ରଶଂସନୀୟ କାମ କରିନଥିଲେ । ଏହା ସହିତ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବେ ବୋଲି ମଧ୍ୟ ଘୋଷଣା କରିଥିଲେ ।

ଏହା ପୂର୍ବରୁ ପୂର୍ବରୁ ନେସେଟ୍ ବାଚସ୍ପତି ଆମିର ଓହାନା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପ୍ରଶଂସା କରି କହିଥିଲେ ଯେ, ଟ୍ରମ୍ପଙ୍କ ଅପେକ୍ଷା ଆଉ କେହି ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ନୁହଁନ୍ତି । ଇସ୍ରାଏଲ ତାଙ୍କୁ ଆସନ୍ତା ବର୍ଷ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବ । ୟେହୁଦୀ ଲୋକମାନେ ଆପଣଙ୍କୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ମନେ ରଖିବେ । ଆମେ ଏପରି ଏକ ରାଷ୍ଟ୍ର ଯିଏ ସର୍ବଦା ମନେ ରଖେ । ଏହି ଗ୍ରହରେ ଏପରି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଶାନ୍ତିକୁ ଆଗକୁ ବଢାଇବା ପାଇଁ ଆପଣଙ୍କ ଅପେକ୍ଷା ଅଧିକ କାର୍ଯ୍ୟ କରିଛନ୍ତି ।

## ହମାସ କବଳରୁ ମୁକ୍ତ ହେଲେ ୨୦ ବନ୍ଦୀ

ନୂଆଦିଲ୍ଲୀ: ଇସ୍ରାଏଲରେ ଆଜି ଖୁସିର ଲହରୀ ଖେଳିଯାଇଛି । ଆଜିର ଦିନଟି ସେମାନଙ୍କ ପାଇଁ ଦୀପାବଳି ପରିଛ ଦୁଇ ବର୍ଷର ଯୁଦ୍ଧ ପରେ ଏବେ ଶାନ୍ତି ଫେରିଛିଛ କିଛି ଦିନ ତଳେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧବିରତି ଚୁକ୍ତିନାମା ହୋଇଥିଲାଛ ଏହା ଅନୁଯାୟୀ ଆଜି ସମସ୍ତ ୨୦ଜଣ ବନ୍ଧକଙ୍କୁ ଗାଜାରୁ ମୁକ୍ତ କରାଯାଇଛିଛ ଜାତୀୟ ଗଣମାଧ୍ୟମ ଏନଡିଟିଭିର ସୂଚନା ଅନୁଯାୟୀ, ସେମାନଙ୍କୁ ଦୁଇଟି ବ୍ୟାଚ୍ରେ ମୁକ୍ତ କରାଯାଇଛିଛ



ପ୍ରଥମ ବ୍ୟାଚ୍ରେ ୭ଜଣ ବନ୍ଧକ ଏବଂ ଦ୍ୱିତୀୟ ବ୍ୟାଚ୍ରେ ୧୩ଜଣ ବନ୍ଧକଙ୍କୁ ମୁକ୍ତ କରାଯାଇଥିବା ଜଣାଯାଇଛିଛ ୭ଜଣ ବନ୍ଧକ ମୁକ୍ତ ହେବା ପରେ ଇସ୍ରାଏଲରେ ପହଞ୍ଚି ନିଜ ପରିବାରକୁ ଭେଟିଛନ୍ତିଛ ଇସ୍ରାଏଲୀ ସେନା ଅନୁଯାୟୀ, ରେଡକ୍ରସ ଦ୍ୱାରା ୧୩ଜଣ ବନ୍ଧକଙ୍କ ଦ୍ୱିତୀୟ ବ୍ୟାଚ୍ ସେମାନଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ମୁକ୍ତ ୧୩ଜଣ ସେମାନଙ୍କ ସହିତ ଇସ୍ରାଏଲ ଅଭିମୁଖେ ଯାତ୍ରା କରୁଛନ୍ତିଛ ଚୁକ୍ତିନାମାର ଅଂଶ ସ୍ୱରୂପ, ହମାସ ଶେଷ ୨୦ଜଣ ବଞ୍ଚିଥିବା ବନ୍ଧକଙ୍କୁ ମୁକ୍ତ କରିବା ଘୋଷଣା କରିଥିଲାଛ ତେବେ ଏତେ ମାସ ଧରି ବନ୍ଦୀ ଜୀବନ ବଞ୍ଚିବା ପରେ ଆଜି ମୁକ୍ତ ଆକାଶ ଦେଖିଛନ୍ତି ୨୦ଜଣ ଇସ୍ରାଏଲୀଛ ଏଥିପାଇଁ ଇସ୍ରାଏଲୀମାନେ ମୁକ୍ତି ହୋଇଥିବା ବନ୍ଧକମାନଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତାରେ ନାଚୁଥିବା ଏବଂ ଗୀତ ଗାଉଥିବା ଦେଖାଯାଇଛିଛ ଅନ୍ୟପକ୍ଷରେ, ଗାଜାବାସୀମାନେ ଇସ୍ରାଏଲ ଦ୍ୱାରା ବନ୍ଦୀ ଥିବା ଶହ ଶହ ପାଲେଷ୍ଟିନୀୟ ବନ୍ଦୀଙ୍କ ମୁକ୍ତି ପାଇଁ ଅପେକ୍ଷା କରିଛନ୍ତିଛ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଇସ୍ରାଏଲରେ ପହଞ୍ଚିଛନ୍ତି, ଯେଉଁଠି ସେ ମୁକ୍ତ ବନ୍ଧକଙ୍କ ସହ ସାକ୍ଷାତ କରିପାରନ୍ତି ବୋଲି କୁହାଯାଉଛିଛ

## ପଣବନ୍ଦୀଙ୍କ ମୁକ୍ତି ପରେ ନିରସ୍ତ୍ରୀକରଣ ଅଭିଯାନ

ତେଲ୍ଆଭିଭ୍ : ଗାଜା ଶାନ୍ତି ପ୍ରସ୍ତାବର ଦ୍ୱିତୀୟ ପର୍ଯ୍ୟାୟକୁ ନେଇ ହମାସର ଘୋର ଅସହମତି ଏବେ ଚିନ୍ତା ବାଢିଛି । ୨୦୨୩ ଅକ୍ଟୋବର ୭ରେ ହମାସର ଭୟାନକ ଆକ୍ରମଣରୁ ଆରମ୍ଭ ହୋଇଥିବା ଏହି ଦୁଇ ବର୍ଷର ଯୁଦ୍ଧକୁ ଶାନ୍ତି ପ୍ରସ୍ତାବ ଏବେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଇଛି । ଆଜି ଇସ୍ରାଏଲ ଘୋଷଣା କରିଛି ଯେ ଆମେରିକାର ଅନୁମୋଦନରେ ଆମେ ଗାଜାର ସମସ୍ତ ହମାସ ଟନେଲ୍ ନେଟୱର୍କ ଧ୍ୱଂସ କରିଦେବୁ । ଗାଜାରେ କେଣସି ଗୋଟିଏ ବି ଟନେଲ୍ ରହିବାକୁ ଦିଆଯିବ ନାହିଁ ବୋଲି ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି । ପଣବନ୍ଦୀଙ୍କ ମୁକ୍ତି ପରେ ହମାସ ବ୍ୟବହାର କରୁଥିବା ସମସ୍ତ ଆତଙ୍କୀ ଟନେଲ ନିଶ୍ଚିହ୍ନ ହୋଇଯିବ ଏବଂ ନିରସ୍ତ୍ରୀକରଣ ଅଭିଯାନ ଆରମ୍ଭ ହେବ ବୋଲି ଇସ୍ରାଏଲ ସେନାମୁଖ୍ୟ କହିଛନ୍ତି । ସୂଚନାଯୋଗ୍ୟ, ଯୁଦ୍ଧବିରତିର ପ୍ରଥମ ପର୍ଯ୍ୟାୟରେ ଇସ୍ରାଏଲୀ ସୈନ୍ୟ ଗାଜାର ବିଭିନ୍ନ ଅଞ୍ଚଳରୁ ଫେରିଛନ୍ତି । ଅନ୍ୟପକ୍ଷରେ ଯୁଦ୍ଧ ଯୋଗୁ ବିସ୍ଥାପିତ ହୋଇଥିବା ହଜାର ହଜାର ଜନତା ଗାଜା ସହରକୁ ଫେରୁଛନ୍ତି । ହମାସର ବରିଷ୍ଠ ଅଧିକାରୀ ହୋସାମ୍ ବଦ୍ରାନ୍ କହିଛନ୍ତି, ଆମେରିକୀୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ଜଟିଳତା ରହିଛି ଏବଂ ଆମେ ସଂପୂର୍ଣ୍ଣ ଅସ୍ତ୍ରତ୍ୟାଗ କରିବାକୁ ପ୍ରସ୍ତୁତ ନୋହୁଁ । ହମାସର ଏହି ଆଭିମୁଖ୍ୟ ଯଦି ଭିନ୍ନ ଦିଗରେ ଯାଏ ତା'ହେଲେ ସମଗ୍ର ପ୍ରକ୍ରିୟା ବିଫଳ ହୋଇଯିବା ଆଶଙ୍କା ମଧ୍ୟ ରହିଛି ।

## ଇପିଏଫଓ ଆକାଉଣ୍ଟରୁ ୧୦୦% ଉଠାଣ ଅନୁମତି

ନୂଆଦିଲ୍ଲୀ: ସରକାର କର୍ମଜୀବୀ ଲୋକଙ୍କୁ ଆଉ ଏକ ଖୁସି ଖବର ଦେବାକୁ ପ୍ରସ୍ତୁତ ହୋଇଛନ୍ତି । ଏବେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ପିଏଫ୍ ଆକାଉଣ୍ଟରୁ ଯୋଗ୍ୟ ବାଲାନ୍ସର ୧୦୦% ଉଠାଣକୁ ଅନୁମତି ଦେଇଛି । ଏହି ନିଷ୍ପତ୍ତିକୁ କର୍ମଚାରୀଙ୍କ କଲ୍ୟାଣ ବୃଦ୍ଧି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ନୂଆଦିଲ୍ଲୀରେ ଅନୁଷ୍ଠିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ)ର ୨୩୮ତମ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକ ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ କର୍ମଚାରୀମାନେ ଏବେ ସେମାନଙ୍କ ପିଏଫ୍ ଆକାଉଣ୍ଟରୁ କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟଙ୍କ ସମ୍ପୂର୍ଣ୍ଣ ଅବଦାନ (୧୦୦%) ଉଠାଇ ପାରିବେ । ପୂର୍ବରୁ, କେବଳ ଅବସର କିମ୍ବା ନିଯୁକ୍ତିହାନୀ ପରିସ୍ଥିତିରେ ସମ୍ପୂର୍ଣ୍ଣ ଉଠାଣ ସମ୍ଭବ ଥିଲା । ଫାଇନାନ୍ସିଆଲ୍ ଏକ୍ସପ୍ରେସର ଏକ ରିପୋର୍ଟ ଅନୁଯାୟୀ, ଆଂଶିକ ଉଠାଣ ପାଇଁ ୧୩ଟି ଜଟିଳ ନିୟମକୁ ମିଶାଇ ତିନୋଟି ସରଳ ବର୍ଗରେ ପରିଣତ କରାଯାଇଛି: ଜରୁରୀ ଆବଶ୍ୟକତା (ରୋଗ, ଶିକ୍ଷା, ବିବାହ), ଗୃହ ଆବଶ୍ୟକତା ଏବଂ ବିଶେଷ ପରିସ୍ଥିତି । ଏହା ବ୍ୟତୀତ, ପୂର୍ବ ସୀମା ତିନି ତୁଳନାରେ ଏବେ ଶିକ୍ଷା ପାଇଁ ୧୦ ଥର ଏବଂ ବିବାହ ପାଇଁ ୫ ଥର ପର୍ଯ୍ୟନ୍ତ ଉଠାଣ ଅନୁମତି ଦିଆଯିବ । ଏହା ବ୍ୟତୀତ, ଆଂଶିକ ଉଠାଣ ପାଇଁ ସର୍ବନିମ୍ନ ସେବା ଅବଧି ୧୨ ମାସକୁ ବୃଦ୍ଧି କରାଯାଇଛି । ସଦସ୍ୟମାନଙ୍କୁ ବିଶେଷ ପରିସ୍ଥିତିରେ ଉଠାଣ ପାଇଁ ଆଉ କାରଣ ପ୍ରଦାନ କରିବାକୁ ପଡ଼ିବ ନାହିଁ - ଅର୍ଥାତ୍ ଦାବି ପ୍ରତ୍ୟାଖ୍ୟାନ ଆଉ ଏକ ସମସ୍ୟା ହେବ ନାହିଁ ।

### ଜି ୨୦ ମନ୍ତ୍ରୀସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ

## ବହୁମୁଖୀ ସଂସ୍ଥାଗତ ଢାଞ୍ଚା ଉପରେ ଆଲୋକପାତ

ନୂଆଦିଲ୍ଲୀ : ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ଉପରେ ଜି୨୦ ମନ୍ତ୍ରୀସ୍ତରୀୟ ବୈଠକର ପ୍ରଥମ ଦିନରେ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ଏହି ଦୁଇଟି କାର୍ଯ୍ୟକ୍ରମ ହେଲା - ""ଏକତା ଏବଂ ଦୃଢ଼ତା: ଆଗୁଆ ଚେତାବନୀ ପ୍ରଣାଳୀ ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଏକଜୁଟତା ଜରିଆରେ ଡିଆରଆରକୁ ଆଗକୁ ବଢାଇବା" ଏବଂ ""ଡିଆରଆର ନିବେଶକୁ ବୃଦ୍ଧି କରିବା ପାଇଁ ବୈଷୟିକ ନବସୃଜନ ଏବଂ ରାଜନୈତିକ ନେତୃତ୍ୱ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ।

ଏକତା ଏବଂ ଦୃଢ଼ତା ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର କହିଥିଲେ, ଆଗୁଆ ଚେତାବନୀ ବ୍ୟବସ୍ଥା କେବଳ ବୈଷୟିକ ବିଳାସ ନୁହେଁ ଏବଂ ବିପର୍ଯ୍ୟୟ ପ୍ରଶମନକୁ ଦୃଢ଼କରିବା ପାଇଁ ଏକ ରଣନୀତିକ ନିବେଶ । ସେ ଭାରତର ବହୁମୁଖୀ ସଂସ୍ଥାଗତ ଢାଞ୍ଚା ବିଷୟରେ ଉଲ୍ଲେଖ କରିଥିଲେ । ଏହି ଢାଞ୍ଚା ପାଣିପାଗ, ଜଳବିଜ୍ଞାନ, ଭୂକମ୍ପ ଏବଂ ସମୁଦ୍ର



ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକୁ ଏକୀକୃତ କରିଥାଏଛ ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସ୍ଥା ୧୦୯ ବିଲିୟନରୁ ଅଧିକ ଚେତାବନୀ ଓ ସତର୍କ ସୂଚନା ଜାରି କରିସାରିଛି । ବିଶ୍ୱସ୍ତରୀୟ ପ୍ରାରମ୍ଭିକ ଚେତାବନୀ ଢାଞ୍ଚା ଅଧୀନରେ ଆନ୍ତଃପରିଚାଳିତ ଆଞ୍ଚଳିକ ପ୍ଲାଟଫର୍ମ, ସହଭାଗୀ ତଥ୍ୟ ପ୍ରୋଟୋକଲ ଏବଂ ମିଳିତ କ୍ଷମତା-ନିର୍ମାଣ ପଦକ୍ଷେପକୁ ସୁଦୃଢ଼ କରିବା ଲାଗି ସେ ଜି୨୦ ଦେଶଗୁଡ଼ିକୁ ଅନୁରୋଧ କରିଥିଲେ । ସେ କହିଥିଲେ, ଭାରତ ପ୍ରାରମ୍ଭିକ ଚେତାବନୀକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ଦେଖିଥାଏ, ଯାହା ସମାବେଶୀ, ବହୁଭାଷୀ ଏବଂ ପୂର୍ବାନୁମାନ ଉପରେ ଆଧାରିତ ।

ଡିଆରଆରକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଡକଟର ମିଶ୍ର ଜି-୨୦ ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ନୀତିଗୁଡ଼ିକ ମଧ୍ୟରୁ ନୀତି ୨ ଏବଂ ୪ ଅନୁରୂପ ଭାରତର ପାଞ୍ଚ ସ୍ତମ୍ଭ ବିଶିଷ୍ଟ ଆର୍ଥିକ ରଣନୀତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେଛ ସେ ଅର୍ଥ ଆୟୋଗ ଅଧୀନରେ ଭାରତର ସାମ୍ବିଧାନିକ ଆଧାର ମଡେଲ ବିଷୟରେ ବର୍ଣ୍ଣନା କରିଥିଲେ, ଯାହା ବହୁ-ବର୍ଷିଆ, ନିୟମ-ଆଧାରିତ ଡିଆରଆର ଆବଣ୍ଟନ, ରାଜ୍ୟ ତଥା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବିକେନ୍ଦ୍ରୀକୃତ ପାଣ୍ଠି ଯୋଗାଣ ଏବଂ ଜାତୀୟ ବିପର୍ଯ୍ୟୟ ବିପଦ ସୂଚକାଙ୍କ ମାଧ୍ୟମରେ ପ୍ରମାଣ-ଆଧାରିତ ପ୍ରାଥମିକତାକୁ ସୁନିଶ୍ଚିତ କରିଛି । ଏକ ରିଲିଫ୍-କୈନ୍ଦ୍ରିକରୁ ଏକ ବିପଦ-ସୂଚିତ ଦୃଷ୍ଟାନ୍ତ ଦିଗରେ ଭାରତର ପରିବର୍ତ୍ତନ ଉପରେ ଆଲୋକପାତ କରି ସେ ଅଭିନବ ସ୍ଥାନୀୟ ସ୍ତରୀୟ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ । ଏହାବ୍ୟତୀତ ଡକଟର ମିଶ୍ର ସମର୍ପିତ ପ୍ରଶମନ ପାଣ୍ଠି, ବିପଦ-ଆଧାରିତ କାର୍ଯ୍ୟକ୍ରମ ଏବଂ ଆପଦା ମିତ୍ର ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତି ବିଷୟରେ କହିଥିଲେ । ଏଗୁଡ଼ିକ ପ୍ରତ୍ୟକ୍ଷ ଭାବେ ସରକାରୀ ପାଣ୍ଠି ଯୋଗାଣ ଏବଂ ପ୍ରଶାସନରେ ଦୃଢ଼ତାକୁ ଗ୍ରହଣ କରିଛି । ଏହି ଅବସରରେ ଡକ୍ଟର ମିଶ୍ର ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଅଷ୍ଟ୍ରେଲିଆ ଏବଂ ନେଦରଲ୍ୟାଣ୍ଡ ସହିତ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିଥିଲେ । ଦକ୍ଷିଣ ଆଫ୍ରିକାର ସମବାୟ ଶାସନ ଏବଂ ପାରମ୍ପରିକ ବ୍ୟାପାର ମନ୍ତ୍ରୀ ଭେଲେନକୋସିନି ଲାବିସାଙ୍କ ସହ ତାଙ୍କ ବୈଠକରେ ସେ ସିଡିଆରଆଇ ସଦସ୍ୟତା ସମେତ ମିଳିତ କ୍ଷମତା ନିର୍ମାଣ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲେ । ଡକ୍ଟର ମିଶ୍ର ଅଷ୍ଟ୍ରେଲିଆର ଆପାତକାଳ ପ୍ରଶମନ ମନ୍ତ୍ରୀ ସୁଶ୍ରୀ କ୍ରିଷ୍ଟି ମ୍ୟାକବେନଙ୍କ ସହ ଡିଆରଆର ପାଇଁ ଭିନ୍ନ ପାଣ୍ଠି ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ।

## ନକ୍ସଲ ଆଡ୍ଡାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଉଦ୍ଧାର

ହଜାରିବାଗ : ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ଝାଡ଼ଖଣ୍ଡ ରାଜ୍ୟର ହଜାରିବାଗ ଠାରେ ପୁଲିସ ଏବଂ ସିଆରପିଏଫ ଦ୍ୱାରା ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଯବାନମାନଙ୍କୁ ଏକ ବଡ଼ ସଫଳତା ମିଳିଛି । ପୁଲିସ ଏବଂ ସିଆରପିଏଫର ଏକ ମିଳିତ ଦଳ ବୋକାରୋ-ହଜାରିବାଗ ସୀମାନ୍ତ ଅଞ୍ଚଳରେ ଆଜି ସକାଳେ ଏକ ସ୍ୱତନ୍ତ୍ର ସର୍ଚ୍ଚ ଅପରେସନ ଚଳାଉଥିବା ବେଳେ ଗୋଟିଏ ମାଓ ଶିବିରକୁ ନଷ୍ଟ କରିଦେଇଛି ।

ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ଝାଡ଼ଖଣ୍ଡ ରାଜ୍ୟର ହଜାରିବାଗ ଠାରେ ପୁଲିସ ଏବଂ ସିଆରପିଏଫ ଦ୍ୱାରା ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଯବାନମାନଙ୍କୁ ଏକ ବଡ଼ ସଫଳତା ମିଳିଛି । ପୁଲିସ ଏବଂ ସିଆରପିଏଫର ଏକ ମିଳିତ ଦଳ ବୋକାରୋ-ହଜାରିବାଗ ସୀମାନ୍ତ ଅଞ୍ଚଳରେ ଆଜି ସକାଳେ ଏକ ସ୍ୱତନ୍ତ୍ର ସର୍ଚ୍ଚ ଅପରେସନ ଚଳାଉଥିବା ବେଳେ ଗୋଟିଏ ମାଓ ଶିବିରକୁ ନଷ୍ଟ କରିଦେଇଛି । ଏହି ମାଓ ଶିବିରରୁ ପୁଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ନକ୍ସଲ ସାମଗ୍ରୀ ଉଦ୍ଧାର କରିଛି । ଉଦ୍ଧାର ସାମଗ୍ରୀରେ ଦୁଇଟି ଏସଏଲଆର ରାଇଫଲ, ମାଗାଜିନ, ବହୁ ସଂଖ୍ୟକ କାର୍ଟ୍ରିଜ୍, ବ୍ୟାକପ୍ୟାକ୍, ପୋଷାକ ଏବଂ ବିଭିନ୍ନ ନିତ୍ୟଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି ।

## ଧାନ, ଗହମ ଷ୍ଟକ୍ସ୍ତର ବଫର ମାନଦଣ୍ଡଠାରୁ ଅଧିକ ରହିଛି

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କୃଷି କ୍ଷେତ୍ରର ପ୍ରଗତି ସମୀକ୍ଷା କରିବା ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଥିଲେ । ବୈଠକରେ ଖରିଫ ଫସଲ ସ୍ଥିତି, ରବି ବୁଣା ପ୍ରସ୍ତୁତି, ବନ୍ୟା ପ୍ରଭାବିତ ଅଞ୍ଚଳରେ ଫସଲ ପରିସ୍ଥିତି, ମୂଲ୍ୟ ଧାରା, ସାର ଉପଲବ୍ଧତା ଏବଂ ଜଳଭଣ୍ଡାର ସଂରକ୍ଷଣ ସ୍ତରର ବ୍ୟାପକ ମୂଲ୍ୟାଙ୍କନ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ବୈଠକରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ମଧ୍ୟ ଜାରି କରିଥିଲେ ।

ଅଧିକାରୀମାନେ ସୂଚନା ଦେଇଥିଲେ ଯେ, ଖରିଫ ଫସଲ ଅଧୀନରେ ମୋଟ ଜମି ପୂର୍ବ ବର୍ଷ ତୁଳନାରେ ୬.୫୧ ଲକ୍ଷ ହେକଟର ବୃଦ୍ଧି ପାଇଛି । ମୋଟ ଚାଷ ଜମି ୧୧୨୧.୪୬ ଲକ୍ଷ ହେକଟର ରହିଛି, ଯାହା ୨୦୨୪-୨୫ରେ ୧୧୧୪.୯୫ ଲକ୍ଷ ହେକଟର ଥିଲା । ବୈଠକରେ ଉଲ୍ଲେଖ କରାଯାଇଛି ଯେ, ଗହମ, ଧାନ, ମକା, ଆଖୁ ଏବଂ ଡାଲି ଭଳି ପ୍ରମୁଖ ଫସଲର ଚାଷ ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଇଛି । ଆହୁରି ସୂଚନା ଦିଆଯାଇଥିଲା ଯେ, ବିରି ଚାଷ ଜମିରେ ୧.୫୦ ଲକ୍ଷ ହେକଟର ବୃଦ୍ଧି ପାଇଛି - ୨୦୨୪-୨୫ ରେ ୨୨.୮୭ ଲକ୍ଷ ହେକଟରରୁ ୨୦୨୫-୨୬ ରେ ୨୪.୩୭ ଲକ୍ଷ ହେକଟର ହୋଇଛି ।

କେନ୍ଦ୍ରମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ପରିସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ଶ୍ରୀ ଚୌହାନ, ନିକଟରେ କିଛି ରାଜ୍ୟରେ ବନ୍ୟା ଏବଂ ଭୂସ୍ଖଳନ ଦ୍ୱାରା ପ୍ରଭାବିତ ଜିଲ୍ଲା ଗସ୍ତ କରିଥିଲେ । ତାଙ୍କୁ ସୂଚନା ଦିଆଯାଇଥିଲା, ଅତ୍ୟଧିକ ବର୍ଷା କିଛି ଅଞ୍ଚଳରେ ଫସଲକୁ ପ୍ରଭାବିତ କରିଥିବା ବେଳେ, ଅନ୍ୟ ଅଞ୍ଚଳଗୁଡ଼ିକ ଭଲ ମୌସୁମୀରୁ ଉପକୃତ ହୋଇଛନ୍ତି । ଯାହା ଫଳରେ ଫସଲ ବୃଦ୍ଧି ପାଇଛି ଯାହା ରବି ବିହନ ଏବଂ ସାମଗ୍ରିକ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

ଅଧିକାରୀମାନେ ଆହୁରି ସୂଚନା ଦେଇଥିଲେ ଯେ, ଟମାଟୋ ଏବଂ ପିଆଜର ରୋପଣ ସୁଗମ ଭାବରେ ଚାଲିଛି । ପିଆଜ ଚାଷ ଜମି ୨୦୨୪-୨୫ରେ ୩.୬୨ ଲକ୍ଷ ହେକଟରରୁ ବୃଦ୍ଧି ପାଇ ଏବେ ୩.୯୧ ଲକ୍ଷ ହେକଟର ହୋଇଛି । ଯେତେବେଳେ କି ଆଳୁ ଚାଷ ୦.୩୫ ଲକ୍ଷ ହେକଟରରୁ ୦.୪୩ ଲକ୍ଷ ହେକଟରକୁ ବୃଦ୍ଧି ପାଇଛି । ସେହିପରି, ଟମାଟୋ ରୋପଣ ଗତ ବର୍ଷ ସମାନ ସମୟ ମଧ୍ୟରେ ୧.୮୬ ଲକ୍ଷ ହେକଟରରୁ ବୃଦ୍ଧି ପାଇ ଚଳିତ ବର୍ଷ ୨.୩୭ ଲକ୍ଷ ହେକଟରକୁ ବୃଦ୍ଧି ପାଇଛି । ବୈଠକରେ ଉଲ୍ଲେଖ କରାଯାଇଛି, ଆଳୁ, ପିଆଜ ଏବଂ ଟମାଟୋର ରୋପଣ କାର୍ଯ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ଅନୁସାରେ ଭଲ ଭାବରେ ଅଗ୍ରଗତି କରିଛି ।

ଅଧିକାରୀମାନେ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ ଯେ, ବର୍ତ୍ତମାନର ଚାଉଳ ଏବଂ ଗହମ ଷ୍ଟକ୍ ସ୍ତର ନିର୍ଦ୍ଧାରିତ ବଫର ମାନଦଣ୍ଡଠାରୁ ଅଧିକ ଅଛି, ଯାହା ଏକ ସ୍ଥିର ଯୋଗାଣ ସ୍ଥିତିକୁ ସୂଚିତ କରେ ।

ଜଳ ଉପଲବ୍ଧତା ସମ୍ପର୍କରେ, ଶ୍ରୀ ଚୌହାନଙ୍କୁ ଅବଗତ କରାଯାଇଥିଲା ଯେ, ସାରା ଦେଶରେ ଜଳଭଣ୍ଡାର ସଂରକ୍ଷଣ ସ୍ତର ଗତ ବର୍ଷର ସମାନ ସମୟ ଏବଂ ଗତ ଦଶନ୍ଧିର ହାରାହାରି ତୁଳନାରେ ଯଥେଷ୍ଟ ଭଲଛ ବର୍ତ୍ତମାନ ସୁଦ୍ଧା, ୧୬୧ଟି ପ୍ରମୁଖ ଜଳଭଣ୍ଡାର ଗତ ବର୍ଷର ୧୦୩.୫୧ ପ୍ରତିଶତ ଏବଂ ଦଶ ବର୍ଷର ହାରାହାରି ସଂରକ୍ଷଣର ୧୧୫ ପ୍ରତିଶତ ରଖିଛି, ଯାହା କୃଷି ଉତ୍ପାଦନ ପାଇଁ ଏକ ସକାରାତ୍ମକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ।

ଶ୍ରୀ ଚୌହାନ ସାରର ଉପଲବ୍ଧତା ସମୀକ୍ଷା କରିଥିଲେ ଏବଂ ଆଗାମୀ ମାସଗୁଡ଼ିକରେ ସୁଗମ ଏବଂ ସମଯୋଚିତ ଯୋଗାଣ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ନିର୍ବାଚନ ଲଢିବେ ସୁଶାନ୍ତ ସିଂହ ରାଜପୁତଙ୍କ ଭଉଣୀ



ନୂଆଦିଲ୍ଲୀ: ବିହାର ରାଜନୀତିକୁ ନେଇ ରୋଚକ ଖବର ସବୁ ସାମ୍ନାକୁ ଆସିବାରେ ଲାଗିଛି ବାସ୍ତବରେ ମହାଗଠବନ୍ଧନ ମଧ୍ୟରେ ଆସନ ବଣ୍ଟନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ, କିନ୍ତୁ ସିପିଆଇ(ଏମଏଲ) ପୂର୍ବରୁ ପ୍ରାର୍ଥୀ ଘୋଷଣା କରିବା ଆରମ୍ଭ କରିସାରିଛି । ସିପିଆଇ(ଏମଏଲ) ପ୍ରାର୍ଥୀମାନଙ୍କ ମଧ୍ୟରେ ସବୁଠାରୁ ପ୍ରମୁଖ ହେଉଛନ୍ତି ସୁଶାନ୍ତ ସିଂହ ରାଜପୁତଙ୍କ ସମ୍ପର୍କୀୟ ଭଉଣୀ ଦିବ୍ୟା ଗୌତମ । ସିପିଆଇ(ଏମଏଲ) ଦିବଂଗତ ଅଭିନେତା ସୁଶାନ୍ତ ରାଜପୁତଙ୍କ ଭଉଣୀଙ୍କୁ ଦୀଘାରୁ ପ୍ରାର୍ଥୀ କରିଛି । ଦିବ୍ୟା ଗୌତମଙ୍କ ବ୍ୟତୀତ, ରାମବାଲି ସିଂହଙ୍କୁ ମଧ୍ୟ ଘୋଷି ଆସନ ପାଇଁ ପ୍ରାର୍ଥୀ କରାଯାଇଛି । ଅନ୍ୟପକ୍ଷରେ, ନବାଗତ ମଦନ ସିଂହ ଚନ୍ଦ୍ରବଂଶୀଙ୍କୁ ତାରାରିରୁ ପ୍ରାର୍ଥୀ କରାଯାଇଛି, ଯେତେବେଳେ ଦଳ ପୁଣି ଥରେ ଆରାରୁ କୟାମୁଦ୍ଦିନ ଅନସାରୀଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଛି । ବିଧାୟକ ସନ୍ଦୀପ ସୌରଭଙ୍କୁ ପାଲିଗଞ୍ଜରୁ ଏବଂ ଶିବ ପ୍ରକାଶ ରଞ୍ଜନଙ୍କୁ ଆଗିଆଓଁର ସଂରକ୍ଷିତ ଆସନରୁ ପ୍ରାର୍ଥୀ କରାଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ(ଏମଏଲ) ଲିବରେସନର ମହାସଚିବ ଦୀପଙ୍କର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ ଅତି କମରେ ୧୮ଟି ଆସନରେ ଲଢ଼ିବା ପାଇଁ ପଥ ପରିଷ୍କାର କରିଛି, ଯେତେବେଳେ ଆହୁରି ଅନେକ ଆସନ ପାଇଁ ଆଲୋଚନା ଚାଲିଛି । ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ତାଙ୍କ ଦଳର ପ୍ରାର୍ଥୀମାନେ ମଙ୍ଗଳବାରଠାରୁ ନାମାଙ୍କନ ଦାଖଲ କରିବା ଆରମ୍ଭ କରିବେ, ଯଦିଓ ମହାଗଠବନ୍ଧନ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଆସନ ବଣ୍ଟନ ଘୋଷଣା କରିନାହିଁ । ଏହି ସମୟରେ, ସିପିଆଇ(ଏମ୍) ମଧ୍ୟ ଛଅ ଜଣ ପ୍ରାର୍ଥୀଙ୍କୁ ନାମାଙ୍କନ ପ୍ରତୀକ ଆବଣ୍ଟନ କରିଛି, ଯାହା ସେମାନଙ୍କ ପ୍ରାର୍ଥୀତ୍ୱକୁ ନିଶ୍ଚିତ କରିଛି ।

## କଂଗ୍ରେସରେ ଯୋଗ ଦେଲେ କନ୍ନନ ଗୋପୀନାଥନ

ନୂଆଦିଲ୍ଲୀ: ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ କଂଗ୍ରେସ ମହାସଚିବ (ସଂଗଠନ) କେ.ସି. ବେଣୁଗୋପାଳ ଏବଂ ଦଳର ନେତା ପବନ ଖେଡାଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ କନ୍ନନ ଗୋପୀନାଥନ କହିଛନ୍ତି, ମୁଁ ୮୦-୯୦ ଜିଲ୍ଲା ଗସ୍ତ କରି ଲୋକଙ୍କ ସହ କଥା ହୋଇଥିଲି ମୁଁ ଅନେକ ନେତାଙ୍କୁ ଭେଟିଥିଲି । ସେତେବେଳେ ଏହା ସ୍ପଷ୍ଟ ହୋଇଗଲା ଯେ କେବଳ କଂଗ୍ରେସ ଦଳ ଦେଶକୁ ଯେଉଁ ଦିଗରେ ନେବା ଉଚିତ ସେହି ଦିଗରେ ନେଇପାରିବ । କଂଗ୍ରେସ ମହାସଚିବ (ସଂଗଠନ) ଏବଂ ସାଂସଦ କେ.ସି. ବେଣୁଗୋପାଳ କହିଛନ୍ତି ଯେ କନ୍ନନ ଗୋପୀନାଥନ କଂଗ୍ରେସ ଦଳରେ ଯୋଗ ଦେଉଛନ୍ତି । ଏହା ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ କଂଗ୍ରେସ ହେଉଛି ଏକମାତ୍ର ଦଳ ଯାହା ଏହି ଦେଶ ପାଇଁ ନ୍ୟାୟ ପାଇଁ ଲଢୁଛି । କଂଗ୍ରେସରେ ଯୋଗ ଦେବା ପରେ ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ କହିଛନ୍ତି, ମୁଁ ୨୦୧୯ ରେ ଇସ୍ତଫା ଦେଇଥିଲି । ସେତେବେଳେ ଏହା ସ୍ପଷ୍ଟ ଥିଲା ଯେ ସରକାର ଦେଶକୁ ଯେଉଁ ଦିଗରେ ନେବାକୁ ଚାହୁଁଥିଲେ ତାହା ଠିକ୍ ନଥିଲା । ଏହା ସ୍ପଷ୍ଟ ଥିଲା ଯେ ମୋତେ ଭୁଲ ବିରୁଦ୍ଧରେ ଲଢ଼ିବାକୁ ପଡିବ । ମୁଁ ୮୦-୯୦ ଜିଲ୍ଲା ଗସ୍ତ କରି ଲୋକଙ୍କ ସହ କଥା ହୋଇଥିଲି



ମୁଁ ଅନେକ ନେତାଙ୍କୁ ଭେଟିଥିଲି । ତା'ପରେ ଏହା ସ୍ପଷ୍ଟ ହୋଇଗଲା ଯେ କେବଳ କଂଗ୍ରେସ ଦଳ ହିଁ ଦେଶକୁ ଯେଉଁ ଦିଗରେ ନେବା ଉଚିତ ସେହି ଦିଗରେ ନେଇପାରିବ ।

# ୧୮ ତମ ବରିଷ୍ଠ ଜାତୀୟ ଗେଟ୍‌ବଲ ଉଦ୍‌ଯାପିତ

ଭୁବନେଶ୍ୱର : ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୮ତମ ବରିଷ୍ଠ ଜାତୀୟ ଗେଟ୍‌ବଲ ଚମ୍ପିୟନସିପ୍ ଉଦ୍‌ଯାପିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗର ଟିମ୍ ଇଭେଣ୍ଟ ଓଡ଼ିଶା ଦଳ- ସ୍ୱର୍ଣ୍ଣପଦକ, ମଧ୍ୟପ୍ରଦେଶ- ରୌପ୍ୟ ପଦକ, ବିହାର- କାଂସ୍ୟ ପଦକ ହାସଲ କରିଛନ୍ତି । ମହିଳା ଦଳ ଓଡ଼ିଶା-ସ୍ୱର୍ଣ୍ଣପଦକ, ମହାରାଷ୍ଟ୍ର - ରୌପ୍ୟ ପଦକ ଓ ବିଦରବା - କାଂସ୍ୟ ପଦକ ହାସଲ କରିଛନ୍ତି । ଡବଲ୍ ଇଭେଣ୍ଟରେ ପୁରୁଷ ସ୍ୱର୍ଣ୍ଣ ପଦକ ନାମ ମହମ୍ମଦ ଅମନ୍ ଏବଂ ଶିବରାମ ସ୍ୱାଇଁ, ବିହାରର ଆଦିତ୍ୟ ଏବଂ ଦିଲ୍ଲିପ କୁମାର ରୌପ୍ୟ ପଦକ ହାସଲ କରିଛନ୍ତି ଏବଂ ମହାରାଷ୍ଟ୍ର କାଂସ୍ୟ ପଦକ ସାଇଲିସ୍, ଭରଜ । ମହିଳା ଡବଲ୍ ଇଭେଣ୍ଟରେ ମହାରାଷ୍ଟ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛି । ପୁନମ୍ ଏବଂ ଭିନତି । ଓଡ଼ିଶା ଡବଲ ଇଭେଣ୍ଟରେ- ନମ୍ରତା କର୍ଣ୍ଣାଲ, ତମନ୍ନା ରାୟ, ରୌପ୍ୟ ପଦକ ହାସଲ କରିଛନ୍ତି ତାମିଲନାଡୁର ଡବଲ୍ ଇଭେଣ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ବିଜେତାମାନଙ୍କୁ ସ୍ପୋର୍ଟସ୍ ୱାଲର୍ଡ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ଉଦ୍ୟାପନ ଉତ୍ସବରେ ମୁଖ୍ୟଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଗେଟ୍‌ବଲ୍ ଫେଡେରେସନର ସାଧାରଣ ସମ୍ପାଦକ ପରଭିନ୍ ମାମେଣ୍ଟକର, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ, କ୍ରୀଡ଼ା ସଂଗଠନ ନବରଞ୍ଜନ ପଟ୍ଟନାୟକ, ସ୍ୱାଧୀନ ଜେନା, ଗୋପାଳ କୃଷ୍ଣ ସାହୁ, ସଭାପତି- ରଞ୍ଜନ କୁମାର ନନ୍ଦ, ଉପସଭାପତି- ବସନ୍ତ କୁମାର ବାଡୁ, ଯୁଗ୍ମ ସମ୍ପାଦକ- ବାସୁଦେବ ଓଝା, ଅଭ୍ୟର୍ଥନା କମିଟିର ଗୌତମ ବେହେରା, କୁନାଲ୍ ବିଶ୍ୱାଳ, ସାଧାରଣ ସମ୍ପାଦକ ମହମ୍ମଦ ଆଜମ୍ ପ୍ରମୁଖ ଉଦ୍ୟାପନ ଉତ୍ସବରେ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ସଫଳତା ପାଇଁ ଓଡ଼ିଶା ଅଲମ୍ପିକ୍ ଆସୋସିଏସନର ଓଡ଼ିଶା କ୍ରୀଡା ବିଭାଗର ସବୁ ଅଧିକାରୀମାନେ ଅଭିନନ୍ଦନ ଜଣାଇଛନ୍ତି ।




# ବିଜୟ ପାଇଁ ଭାରତକୁ ଆବଶ୍ୟକ ୫୮ ରନ୍

ନୂଆଦିଲ୍ଲୀ, ୧୩।୧୦(ସବ୍ୟୁ) : ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମଠାରେ ଚାଲିଥିବା ଭାରତ-ୱେଷ୍ଟଇଣ୍ଡିଜ୍ ୨ୟ ଟେଷ୍ଟ ମ୍ୟାଚର ୪ର୍ଥ ଦିନର ଖେଳ ସମାପ୍ତ ହୋଇଛି । ଷ୍ଟମ୍ପସ୍ ଅପସାରଣ ବେଳକୁ ଭାରତ ଗୋଟିଏ ୱିକେଟ ହରାଇ ୬୩ ରନ କରିଥିଲା । ଅର୍ଥାତ ମ୍ୟାଚର ଶେଷ ଦିନରେ ଭାରତକୁ ବିଜୟ ପାଇଁ ଆଉ ୫୮ ରନର ଆବଶ୍ୟକତା ରହିଛି । ଭାରତ ପକ୍ଷରୁ କେ.ଏଲ. ରାହୁଲ ୨୫ ରନ ଓ ସାଇ ସୁଦର୍ଶନ ୩୦ ରନ କରି ଖେଳୁଛନ୍ତି । ଯଶସ୍ୱୀ ଜୟସ୍ୱାଲ ୮ ରନ କରି ଆଉଟ ହୋଇଛନ୍ତି । ଏହି ମ୍ୟାଚରେ ଫଲୋଅନର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ୍ ନିଜର ୨ୟ ଇନିଂସରେ ୩୯୦ ରନ କରି ଅଲଆଉଟ ହୋଇଯାଇଥିଲା । ଏହା ଫଳରେ ଭାରତ ଆଗରେ ୧୨୧ ରନର ବିଜୟ ଲକ୍ଷ୍ୟ ରହିଛି ।

ଏହି ମ୍ୟାଚରେ ଫଲୋଅନର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ୍ ନିଜର ୨ୟ ଇନିଂସରେ ୩୯୦ ରନ କରି ଅଲଆଉଟ ହୋଇଯାଇଥିଲା । ଏହା ଫଳରେ ଭାରତ ଆଗରେ ୧୨୧ ରନର ବିଜୟ ଲକ୍ଷ୍ୟ ରହିଛି । ୱେଷ୍ଟଇଣ୍ଡିଜ ପକ୍ଷରୁ ଜନ କ୍ୟାମ୍ପବେଲ ୧୧୫ ରନ ଓ ସଇ ହୋପେ ୧୦୩ ରନ କରି ଭାରତୀୟ ବୋଲରଙ୍କ ଦୃଢ ମୁକାବିଲା କରିଥିଲେ । ସେହିପରି ଜଷ୍ଟିନ ଗ୍ରିଭସ ୫୦ ରନ ଓ ରୋଷ୍ଟନ ଚେଜ୍ ୪୦ ରନ କରିଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ଯଶପ୍ରୀତ ବୁମରା ୩ଟି ଲେଖାଏଁ ୱିକେଟ ନେଇଥିବାବେଳେ ମହମ୍ମଦ ସିରାଜ ୨ଟି ୱିକେଟ ନେଇଥିଲେ ।

ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିଜର ପ୍ରଥମ ଇନିଂସରେ ଭାରତ ୫୧୮ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା । ୱେଷ୍ଟଇଣ୍ଡିଜ ନିଜର ପ୍ରଥମ ଇନିଂସରେ ୨୪୮ ରନ କରିଥିଲା ।




ଗତକାଲି ୱେଷ୍ଟ ଇଣ୍ଡିଜ୍ ନିଜର ପ୍ରଥମ ଇନିଂସରେ ୨୪୮ ରନ କରି ଅଲଆଉଟ ହୋଇଯାଇଥିଲା ଓ ଫଲୋ-ଅନ ହୋଇ ପୁଣି ଥରେ ବ୍ୟାଟିଂ କରିଥିଲା । ପ୍ରଥମ ଇନିଂସରେ ଦଳ ପକ୍ଷରୁ ଆଲିକ୍ ଆଥାନାଜେ ୪୧ ରନ କରିଥିବାବେଳେ ସାଇ ହୋପ୍ ୩୬ ରନ କରିଥିଲେ । ଭାରତ ପକ୍ଷରୁ କୁଲଦୀପ ଯାଦବ ୫ଟି ଓ ରବୀନ୍ଦ୍ର ଜାଦେଜା ୩ଟି ୱିକେଟ ନେଇଥିଲେ । ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିଜର ପ୍ରଥମ ଇନିଂସରେ ଭାରତ ୫୧୮ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୧୭୫ ରନ କରିଥିବାବେଳେ ଶୁବମନ ଗିଲ୍ ୧୨୯ ରନ କରିଥିଲେ । ୨ୟ ଇନିଂସରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଜନ କ୍ୟାମ୍ପବେଲ ୧୧୫ ରନ ଓ ସାଇ ହୋପେ ୧୦୩ ରନ କରି ଭାରତୀୟ ବୋଲରଙ୍କ ଦୃଢ ମୁକାବିଲା କରିଥିଲେ ।

# ଅଷ୍ଟ୍ରେଲିଆର ରେକର୍ଡ ବିଜୟ: ଭାରତକୁ ଲଗାତାର ଝଟକା

ବିଶାଖାପାଟଣା: ଚଳିତ ଏକଦିବସୀୟ ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ରବିବାର ଆୟୋଜକ ଭାରତକୁ ଅଷ୍ଟ୍ରେଲିଆ ୩ ଓ୍ୱିକେଟ୍‌ରେ ହରାଇଛି । ଚତୁର୍ଥ ମ୍ୟାଚ୍‌ରୁ ଭାରତର ଏହା ଦ୍ୱିତୀୟ ପରାଜୟ ହୋଇଥିଲା ବେଳେ ଅଷ୍ଟ୍ରେଲିଆ ଚତୁର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ହାସଲ କରି ପଏଣ୍ଟ ତାଲିକାର ପ୍ରଥମ ସ୍ଥାନରେ ନିଜ ସ୍ଥିତି ଆହୁରି ସୁଦୃଢ଼ କରି ନେଇଛି । ଭାରତର ୩୩୦ ରନକୁ ପଛରେ ପକାଇ ମହିଳା ଦିନିକିଆରେ ସଫଳ ପଶ୍ଚାତଧାବନ ରେକର୍ଡ କରିଛି ଅଷ୍ଟ୍ରେଲିଆ । ୩୩୧ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ପାଇଁ ଅଧିନାୟିକା ଆଲିସା ହିଲି ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ । ୧୪୨ ରନର ସ୍ମରଣୀୟ ପାଳି ଖେଳି ଭାରତ ହାତରୁ ଏକପ୍ରକାର ସେ ହିଁ ମ୍ୟାଚ୍ ଛାଡ଼ାଇ ନେଇଥିଲେ । ଅଧିନାୟିକା ଭାବେ ଏହା ତାଙ୍କର ପ୍ରଥମ ଏବଂ ମୋଟ ଉପରେ ଷଷ୍ଠ ଶତକ ଥିଲା଼ । ଅନ୍ୟଏକ ନାଟକୀୟ ଘଟଣାକ୍ରମେ ତାରକା ବ୍ୟାଟର୍ ଏଲିସ୍ ପେରି (୪୭) ମାଂଶପେସୀ ଯନ୍ତ୍ରଣା ପାଇଁ ୨୭ତମ ଓଭରରେ ଅବସର ଆହତ ହୋଇଥିଲେ । ତେବେ ପଶ୍ଚାଧାବନର ଶେଷ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା ବେଳେ ପିଚକୁ ଫେରି କଙ୍ଗାରୁ ଦଳକୁ ଗୋଟିଏ ଓଭର ପୂର୍ବରୁ ବିଜୟୀ କରାଇଥିଲେ । ସ୍ନେହ ରାଣାଙ୍କୁ ଛକା ମାରି ସେ ହିଁ ଅଷ୍ଟ୍ରେଲିଆର ବିଜୟ ମୁଣ୍ଡି ମାରିଥିଲେ । ଜବରଦସ୍ତ ଆରମ୍ଭ ସତ୍ତ୍ୱେ ମଝିରେ ୩୬ ରନରେ ୬ ୱିକେଟ୍ ହରାଇ ଅଡୁଆରେ ପଡ଼ିଥିବା ଅଷ୍ଟ୍ରେଲିଆ ଶେଷରେ ପଶ୍ଚାଧାବନର ନୂଆ ରେକର୍ଡ ସ୍ଥାପନ କରିଥିଲା । ହିଲି ତାଙ୍କ ଶତକୀୟ ପାଳି ପାଇଁ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ ।

ରାତିରେ କାକର ପଡ଼ିବାର ଆଶଙ୍କା ଥିବାରୁ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲି ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଭାରତର ଦୁଇ ଓପନର୍ ସ୍ମୃତି ମନ୍ଧାନା (୮୦) ଓ ପ୍ରତୀକା ରାୱଲ (୭୫) ପ୍ରଥମ ୱିକେଟରେ ୧୫୫ ରନ୍ ଯୋଡ଼ି ଭାରତ ପାଇଁ ଦୃଢ଼ମୂଳଦୁଆ ପକାଇଥିଲେ । ଦ୍ରୁତ ଖେଳୁଥିବା ମନ୍ଧାନାଙ୍କୁ ଶତକର ୨୦ ରନ୍ ପୂର୍ବରୁ ଆଉଟ୍ କରି ଅଷ୍ଟ୍ରେଲିଆର ସଫଳତମ ବୋଲର ଆନାବେଲ ସଦରଲାଣ୍ଡ ଘରୋଇ ଭାରତକୁ ପ୍ରଥମ ଝଟକା ଦେଇଥିଲେ । ସୋଫି ମୋନିଲକ୍ସ ଧୈର୍ଯ୍ୟ ଓ ଦାୟିତ୍ୱର ସହ ଖେଳୁଥିବା ରାୱଲଙ୍କୁ ଶିକାର କରି ଅଷ୍ଟ୍ରେଲିଆକୁ ଅଧିକ ଆଶ୍ୱସ୍ତ କରିଥିଲେ । ମନ୍ଧାନା-ରାୱଲ ପ୍ୟାଭିଲିୟନ ଫେରିବା ପରେ ଭାରତୀୟ ପାଳି ଯେଉଁ ଗତିରେ ଆଗକୁ ବଢୁଥିବା ଆଉ ବି ପାରି ନଥିଲା । ଅଧିନାୟିକା ହରମନପ୍ରୀତ କୌର (୨୨)ଙ୍କ ସମେତ ସଂପୂର୍ଣ୍ଣ ଭାରତୀୟ ମଧ୍ୟକ୍ରମ ଭଲ ଆରମ୍ଭ ପାଇଥିଲେ ମଧ୍ୟ ମାତ୍ରାଧିକ ଆତ୍ମବିଶ୍ୱାସ ପାଇଁ ନିଜନିଜ ୱିକେଟ୍ ହରାଇ ଚାଲିଥିଲେ ।

# ବୈଭବ ସୂର୍ଯ୍ୟବଂଶୀ ବିହାର ଟିମର ଉପଅଧିନାୟକ

ପାଟଣା, : ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ୨୦୨୫-୨୬ ରଣଜୀ ଟ୍ରଫିର ପ୍ରଥମ ଦୁଇଟି ରାଉଣ୍ଡ ପାଇଁ ବିହାର ଟିମ୍‌ର ଉପଅଧିନାୟକ ନିଯୁକ୍ତି କରାଯାଇଛି । ବିହାର ପୂର୍ବ ସିଜନ୍‌ରେ ପରାଜୟ କାରଣରୁ ପୁନର୍ବାର ଫେରିବା ଲକ୍ଷ୍ୟ ଥିବାରୁ ସାକିବୁଲ୍ ଗାଲି ଦଳର ନେତୃତ୍ୱ ନେବେ । ଉପଅଧିନାୟକ ଭାବେ ସୂର୍ଯ୍ୟବଂଶୀଙ୍କ ନିଯୁକ୍ତି ନିଷ୍ପତ୍ତି ବିହାର କ୍ରିକେଟ୍ ଆସୋସିଏସନ୍ ନେଇଛି । ସୂର୍ଯ୍ୟବଂଶୀ




ଘରୋଇ ଅଭିଯାନ ଆରମ୍ଭରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଅଣ୍ଡର ନାଇନ୍‌ଟିନ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତୀୟ ଟିମ୍‌ର ଥିବା ସୂର୍ଯ୍ୟବଂଶୀ ତାଙ୍କର କରିସ୍ମା ଦେଖାଇଥିଲେ । ଗ୍ରୀସ୍‌ବେନ୍‌ରେ ସେ ୭୮ ବଲରୁ ଶତକ ହାସଲ କରିଥିଲେ । ଆସନ୍ତା ବର୍ଷ ଜିମ୍ବାୱେ ନାମ୍ବିଆରେ ଅନୁଷ୍ଠିତ ହେବାକୁ ଥିବା ୧୯ ବର୍ଷରୁ କମ୍ ବିଶ୍ୱ କପ୍ ପାଇଁ ଭାରତୀୟ ଟିମ୍‌ରେ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି ।

# ୨୫ରୁ କଳିଙ୍ଗରେ ରାଜ୍ୟ ପାରା ସନ୍ତରଣ ପ୍ରତିଯୋଗିତା

ଭୁବନେଶ୍ୱର, ୧୩।୧୦(ସବ୍ୟୁ) : ଅକ୍ଟୋବର ୨୫-୨୬ରେ ରାଜ୍ୟ ସ୍ତରୀୟ ପାରା ସନ୍ତରଣ ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

ଏହି ପ୍ରତିଯୋଗୀତାଟି ପାରା ସ୍ପୋର୍ଟସ ଆସୋସିଏସନ ଅଫ୍ ଓଡ଼ିଶା ଓ ରାଜ୍ୟକ୍ରୀଡା ଓ ଯୁବସେବା ବିଭାଗ ମିଳିତ ସହଯୋଗରେ ଏହି ପ୍ରତିଯୋଗୀତାଟି ଅନୁଷ୍ଠିତ ହେବ ।

ଏହି ପ୍ରତିଯୋଗୀତାରେ ଜୁନିୟର ଓ ସିନିୟର୍ ବାଳକ ଓ ବାଳିକା ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରି ପାରିବେ । ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହିତ ଖେଳାଳୀ ଜାତୀୟ ସ୍ତରରେ (ଏମକ୍ୟୁଏସ୍) ଅତିକ୍ରମ କରୁଥିବା ଆବଶ୍ୟକ । ସେହି ଖେଳାଳୀ ମାନଙ୍କ ଭିତରୁ ଖେଳାଳି ଚୟନ କମିଟି ନିଷ୍ପତି ଅନୁଯାଇ ଉତ୍କୃଷ୍ଟ କ୍ରୀଡ଼ାବିତ ମାନଙ୍କୁ ୨୫ ତମ ଜାତୀୟ ପାରା ସନ୍ତରଣ ଚାମ୍ପିୟନସିପ୍ ୨୦୨୫ ଯାହା ହାଇଦ୍ରାବାଦର ଗାଚିବାଓଲି ଠାରେ ଥିବା ଜିଏମସି ବାଲାଯୋଗୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆସନ୍ତା ୧୫ ରୁ ୧୮ ନଭେମ୍ବର ୨୦୨୫ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ହେବେ ।

ଏହି ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳୀ (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିକ ଭିନ୍ନକ୍ଷମ, ମାନସିକ ଭିନ୍ନକ୍ଷମ) ଭିନ୍ନକ୍ଷମମାନଙ୍କର ବିଭିନ୍ନ ବିଭାଗରେ ଖେଳିବା ପାଇଁ ସୁଯୋଗ ପ୍ରଦାନ କରାଯିବଛ ଆସିବା ସମୟ ରେ ଏମ୍‌ଡିଏଫ୍ ଫ୍ରମ, ଦିବ୍ୟାଙ୍ଗ ପ୍ରମାଣ ପତ୍ର, ଜନ୍ମ ପ୍ରମାଣ ପତ୍ର ନିତ୍ୟାନ୍ତ ଆବଶ୍ୟକ । ଅକ୍ଟୋବର ମାସ ୨୩ ତାରିଖ ରାତି ୧୨ ଟା ସୁଦ୍ଧା ନିଜର ଏଣ୍ଟ୍ରି ଫର୍ମ, ଏମ୍‌ଡିଏଫ୍ ଫ୍ରମ , ନିଜର ଜନ୍ମ ପ୍ରମାଣ ପତ୍ର, ଦିବ୍ୟାଙ୍ଗ ପ୍ରମାଣ ପତ୍ର ଏବଂ ଡାକ୍ତର ନିଦାନ ଫର୍ମ ନିହାତି ଆଣିବା ଦରକାର ।

କୌଣସିପ୍ରକାରଅସୁବିଧାଓସୂଚନାପାଇଁଯୋଗାଯୋଗ



କରିପାରିବେ ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡିଶା, ସମ୍ପାଦକ ସୁନୀଲ ପ୍ରଧାନ - ୯୮୬୧୦୦୯୩୯୬ । କୌଣସି ପ୍ରକାରର ଏଣ୍ଟ୍ରି ଫର୍ମ ପଠାଇପାରିବେ କିମ୍ବା entryparalympicodishagmail.comରେ ମେଲ କରିପାରିବେ ।

## ସଞ୍ଚୟିତା ରାଜ୍ୟସ୍ତରୀୟ

# ସ୍କେଟିଂ ଚାମ୍ପିଅନସିପ୍ ପାଇଁ ମନୋନୀତ

ବଲାଙ୍ଗିର,(ସବ୍ୟୁ): ପୁଣେରେ ନିକଟରେ ଅନୁଷ୍ଠିତ ହୋଇଥିବା ରୋଲର ଏଥଲେଟିକ ପୁନେ ସିଟି ଚାମ୍ପିଅନସିପ - ୨୦୨୫ ରେୟୁରୋ ସିଲ୍‌ଡ଼ ଓ୍ୱାକ ର ଛାତ୍ରୀ ତଥା ପ୍ରତିଭାଶାଳୀ ଓଡ଼ିଆ ଝିଅ ସଞ୍ଚୟିତା ମିଶ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ପ୍ରତିଯୋଗିତା ରୋଲର ଏଥଲେଟିକସ ଏସୋସିଏସନ୍, ମହାରାଷ୍ଟ୍ର ସହ ଅନୁବନ୍ଧିତ ଥିଲା । ସଞ୍ଚୟିତା ପ୍ରତିଯୋଗିତାର ସାତବର୍ଷରୁ କମ ବିଭାଗରେ ସ୍କୁଲକୁ ପ୍ରତିନିଧିତ୍ୱ କରିଥିଲେ ଏବଂ ନିଜର ଚମତ୍କାର ପ୍ରଦର୍ଶନ ବଳରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପଦକ ଜିତିଛନ୍ତି । ଏହି ସଫଳତା ସହିତ ସେ ବର୍ତ୍ତମାନ ରାଜ୍ୟସ୍ତରୀୟ ସ୍କେଟିଂ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇଛନ୍ତି, ଯାହାକି ତାଙ୍କ ପାଇଁ ଏକ ବଡ଼ ସୁଯୋଗ । ଶୈଶବରୁ ହିଁ ସ୍କେଟିଂ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଆସିଛି ଏବଂ ଆଗାମୀ ଦିନରେ ସେ ଏପରି ଭଲ ଫଳାଫଳ ହାସଲ କରିବେ ବୋଲି ଆଶା କରାଯାଉଛି ।ସଞ୍ଚୟିତା ହେଉଛନ୍ତି ପୁଣେରେ ରହୁଥିବା ପ୍ରବାସୀ ଓଡ଼ିଆ ଅଭିଳାଷ ମିଶ୍ର ଓ ସୀମା ଦାଶଙ୍କ ଏକମାତ୍ର କନ୍ୟା । ତାଙ୍କର ଏହି କୃତିତ୍ୱ ପାଇଁ ସ୍କୁଲ କର୍ତ୍ତୃପକ୍ଷ, ଶିକ୍ଷକ, ସ୍କେଟିଂ ପ୍ରଶିକ୍ଷକ ଏବଂ ପରିବାରବର୍ଗ ଗର୍ବ ଅନୁଭବ କରିବା ସହ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



## ୩୭ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କଟକ - ରାଉରକେଲା ମୁକାବିଲା

ପାଲଲହଡା, ୧୩।୧୦(ସବ୍ୟୁ) : ଗତ ଆଠ ତାରିଖଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ୩୭ତମ ପାଲଲହଡା କପର ଆଜିଥିଲା ପୁଲ ବି ର ସେମିଫାଇନାଲ ମ୍ୟାଚ । ଆଜିର ଏହି ଚିତାକର୍ଷକ ମ୍ୟାଚର ଖେଳ ଗତବର୍ଷର ପାଲଲହଡା କପ ଚମ୍ପିୟାନ କଟକ ଯୁବଜ୍ୟୋତି କ୍ଲବ ଢେଙ୍କାନାଳ ପପୁଲାର କ୍ଲବକୁ ଦୁଇ ଏକ ଗୋଲରେ ପରାସ୍ତ କରି ସିଧାସଳଖ ଆସନ୍ତାକାଲିର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି । ଆସନ୍ତାକାଲିର ଫାଇନାଲ ମ୍ୟାଚ ଗତବର୍ଷର ଚମ୍ପିୟାନ କଟକ ଯୁବଜ୍ୟୋତି କ୍ଲବ ଏବଂ ପୁଲ ଏ ର ବିଜେତା ରାଉରକେଲାୟଙ୍ଗ ବଏଜ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ଆଶିଷ କୁମାର ସାମଲଙ୍କ ସୂତ୍ରରୁ ପ୍ରକାଶ !ଆଜିର ମ୍ୟାଚକୁ ଜାତୀୟ ସ୍ତରର ଖ୍ୟାତନାମା ରେଫରୀ ଦିଲ୍ଲୀପ ରାଉତ ପରିଚାଳନା କରୁଥିବାବେଳେ ସହାୟତା ପ୍ରଦାନ କରୁଥିଲେ ସୁଶାନ୍ତ ପାତ୍ର ଓ ସୁଜିତ ରାଜହଂସ ଏବଂ ଚତୁର୍ଥ ରେଫରୀ ଭାବେ ଦାଇତ୍ୱ ନିର୍ବାହ କରିଥିଲେ ସନ୍ତୋଷ ମାଝୀ । ଆୟୋଜକ ପାଲଲହଡା କପର ଅଧ୍ୟକ୍ଷ ସୁଧାଂଶୁ କପର୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ମ୍ୟାଚ ରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ, ବିଜେପି ର ବରିଷ୍ଠ ନେତା ତଥା ବିଶିଷ୍ଟ ଶ୍ରମିକ ନେତା ମନୋଜ କୁମାର ସାହୁ ଆୟୋଜକ କମିଟି ସଭାପତି ଙ୍କ ନୀଳାମ୍ବର ପ୍ରଧାନ ପ୍ରମୁଖ ଯୋଗଦେଇ ମେନ ଅଫ ଦି ମ୍ୟାଚକଟକ ଯୁବଜ୍ୟୋତି କ୍ଲବର ଖେଳାଳି ରଞ୍ଜନ ଖାନଙ୍କୁ ପୁରସ୍କୃତ କରିଥିଲେ । ଆଜି ମ୍ୟାଚର ଧାରବିବରଣୀ ପ୍ରଦାନ କରିଥିଲେ ବର୍ଷିଆନ ଫୁଟବଲ ତାରକା ତଥା ଅବସରପ୍ରାପ୍ତ ଶିକ୍ଷକ ଅଭୟ ନାଏକ ଓ ହରିହର ବେହେରା ।

ଆବଶ୍ୟକ
ବୟସ୍କ ଲୋକ କେୟାର, ବେବି କେୟାର ଓ ରୋଷେଇ ଘରକାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ।
ମୋ- 83398 88654

# ଫ୍ରାନ୍ସ ଜାତୀୟ ଫୁଟବଲ ଦଳକୁ ଫେରିବେ ଜିଦାନେ


ପ୍ୟାରିସ୍, ୧୩।୧୦ (ଏଜେନ୍ସି) : ଜିନେଦିନ୍ ଜିଦାନେ ଥରେ ଫ୍ରାନ୍ସ ଜାତୀୟ ଫୁଟବଲ୍ ଦଳକୁ ପରିଚାଳନା କରିବା ପାଇଁ ତାଙ୍କର ଦୀର୍ଘକାଳୀନ ମହତ୍ତ୍ୱାକାଂକ୍ଷାକୁ ପୁନଃସ୍ଥାପିତ କରିଛନ୍ତି । ପୂର୍ବତନ ରିଅଲ୍ ମାଡ୍ରିଡ୍ ପ୍ରଶିକ୍ଷକ ଏବଂ ୧୯୯୮ ବିଶ୍ୱକପ୍ ବିଜେତା ପ୍ରଶିକ୍ଷକ ହେବା ପାଇଁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ପ୍ରକାଶ କରିଛନ୍ତି ଯେ ଲେସ୍ ବ୍ଲୁସ୍‌ର ନେତୃତ୍ୱ ନେବା ତାଙ୍କର ସର୍ବୋତ୍ତମ ଲକ୍ଷ୍ୟ ।

ଇଟାଲୀୟ କ୍ରୀଡ଼ା ଦୈନିକ ଲା ଗାଜେଟା ଡେଲୋ ସ୍ପୋର୍ଟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜିଦାନ୍ କହିଥିଲେ ଯେ ସେ ପ୍ରଶିକ୍ଷକ ହେବା ପାଇଁ ଶୀଘ୍ର ନୁହଁନ୍ତି କିନ୍ତୁ ଖେଳାଳିମାନଙ୍କ ସହିତ ତାଙ୍କର ଅଭିଜ୍ଞତା ଏବଂ ଆଗ୍ରହକୁ ପୁଣି ଥରେ ବାଣ୍ଟିବାକୁ ଚାହାଁନ୍ତି । ସେ ଜୋର ଦେଇ କହିଛନ୍ତି ଯେ ଜଣେ ପ୍ରଶିକ୍ଷକଙ୍କ ଶକ୍ତି ଏବଂ ଦୃଢ଼ ବିଶ୍ୱାସ ଏକ ଦଳର ସଫଳତାର ଚାବିକାଠି ।

ମୁଁ ନିଶ୍ଚିତ ଯେ ମୁଁ ପ୍ରଶିକ୍ଷକ ହେବାରେ ଫେରିବି । ମୁଁ କହୁନାହିଁ ଯେ ଏହା ଏବେ ଘଟିବ, କିନ୍ତୁ ମୁଁ ଗୋଟିଏ ଦିନ ଜାତୀୟ ଦଳର ପ୍ରଶିକ୍ଷକ ହେବାକୁ ଚାହୁଁଛି, ଜିଦାନ୍ କହିଛନ୍ତି ।

ଫ୍ରାନ୍ସ କିମ୍ବଦନ୍ତୀ ଏହି ମନ୍ତବ୍ୟ ଏପରି ସମୟରେ ଦେଇଛନ୍ତି ଯେତେବେଳେ ବର୍ତ୍ତମାନର ଫ୍ରାନ୍ସ ମୁଖ୍ୟ ପ୍ରଶିକ୍ଷକ ଡିଡିୟର ଡେସଚାମ୍ପସ୍ ୨୦୨୬ ବିଶ୍ୱକପ୍ ପରେ ପଦ ଛାଡିବେ ବୋଲି ଆଶା କରାଯାଉଛି । ଜିଡାନ୍‌ଙ୍କୁ ଦୀର୍ଘ ସମୟ ଧରି ପ୍ରାକୃତିକ ଉତ୍ତରାଧିକାରୀ ଭାବରେ ଦେଖାଯାଉଛି, ସାମ୍ପ୍ରତିକ ବର୍ଷଗୁଡ଼ିକରେ ଅନେକ ଥର ଏହି ଭୂମିକା ସହିତ ଜଡିତ ଅଛନ୍ତି । ଡେସଚାମ୍ପସ୍ ୨୦୧୮ରେ ଫ୍ରାନ୍ସକୁ ବିଶ୍ୱକପ୍ ଗୌରବ ଏବଂ ୨୦୨୨ରେ ଆଉ ଏକ ଫାଇନାଲ୍ ପାଇଁ ମାର୍ଗଦର୍ଶନ କରିଥିବାରୁ, ଜିଡାନ୍ ଦାୟିତ୍ୱ ନେବାର ସମ୍ଭାବନା ଫ୍ରାନ୍ସର ଦୁଇ ସବୁଠାରୁ ପ୍ରତିଷ୍ଠିତ ଫୁଟବଲ୍ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ସୁଗମ ପରିବର୍ତ୍ତନକୁ ଚିହ୍ନିତ କରେ ।

ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫୁଟବଲ୍ ପ୍ରତି ଆଗ୍ରହ ରଖିବା ଏବଂ ଆପଣଙ୍କ ଭିତରେ ଯାହା ଅଛି, ଆପଣଙ୍କ ଖେଳାଳିମାନଙ୍କୁ କିଛି ଦେବାକୁ ଚାହାଁନ୍ତି, ସେ ଆହୁରି ମଧ କହିଛନ୍ତି ।



ଜିଡାନ୍ ଦ୍ୱିତୀୟ ଥର ଦାୟିତ୍ୱ ନେବା ପରେ ୨୦୨୧ରେ ରିଅଲ୍ ମାଡ୍ରିଡ୍ ଛାଡିବା ପରଠାରୁ ପରିଚାଳନାରୁ ଦୂରେଇ ଅଛନ୍ତି । ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ୨୦୧୬ ରୁ ୨୦୧୮ ପର୍ଯ୍ୟନ୍ତ ମାଡ୍ରିଡକୁ କ୍ରମାଗତ ତିନୋଟି ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ପାଇଁ ମାର୍ଗଦର୍ଶନ କରିଥିଲେ । ମାଡ୍ରିଡ୍ ସହିତ ତାଙ୍କର ପରିଚାଳନା ରେକର୍ଡ ୨୬୩ ମ୍ୟାଚରେ ୧୭୨ ବିଜୟ ସହିତ ରହିଛି, ପ୍ରାୟ ୬୦୦ ଗୋଲ ଏବଂ ଦୁଇଟି ଲାଲିଗା ଟାଇଟଲ୍, ଦୁଇଟି ୟୁଇଏଫ୍‌ଏ ସୁପର କପ୍ ଏବଂ ଦୁଇଟି ଏଫ୍‌ଆଇଏଫଏ କ୍ଲବ୍ ବିଶ୍ୱକପ୍ ସମେତ ଅନେକ ଟ୍ରଫି ।

ପଦ ଛାଡିବା ପରଠାରୁ ଚାରି ବର୍ଷ ମଧ୍ୟରେ, ଜିଡାନ୍ ବାୟର୍ଣ୍ଣ ମ୍ୟୁନିଚ୍ ଏବଂ ଯୁକ୍ତରାଷ୍ଟ୍ର ପୁରୁଷ ଜାତୀୟ ଦଳର ପ୍ରଶିକ୍ଷକ ହେବାର ସୁଯୋଗ ସମେତ ଅନେକ ଲାଭଜନକ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି । କ୍ଲବ୍ ଭୂମିକା ଗ୍ରହଣ କରିବାକୁ ତାଙ୍କର ଅନିଚ୍ଛାକୁ ପ୍ରାୟତଃ ତାଙ୍କ ଧୈର୍ଯ୍ୟର ଏକ ସଙ୍କେତ ଭାବରେ ଦେଖାଯାଇଛି - ଫ୍ରାନ୍ସର ଦାୟିତ୍ୱ ନେବା ପାଇଁ ସଠିକ୍ ମୁହୂର୍ତ୍ତ ପାଇଁ ଅପେକ୍ଷା କରିବା, ଯେଉଁ ଦଳକୁ ସେ ୧୯୯୮ ମସିହାରେ ଅଧିନାୟକ ଭାବରେ ପ୍ରଥମ ବିଶ୍ୱକପ୍ ଟାଇଟଲ୍ ପାଇଁ ପ୍ରସିଦ୍ଧ ଭାବରେ ନେତୃତ୍ୱ ନେଇଥିଲେ ।

# ଚେସ୍‌ରେ ବିଧିପ୍ରଜ୍ଞା ଓ ବ୍ୟାଡ଼ମିଣ୍ଟନରେ ଏମଡ଼ି ଫରାହାନ ଚମ୍ପିଆନ



ତାଳଚେର, ୧୩/୧୦ (ସବ୍ୟୁ) : ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଦ୍ୟାଳୟ ସମୂହ ଚେସ୍, ବ୍ୟାଡ଼ମିଂଟନ ଓ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମହୁଲପାଳ ତାଳଚେରର ଛାତଛାତ୍ରୀମାନେ ଚମ୍ପିଆନ ହୋଇ ରାଜ୍ୟ ସ୍ତରୀୟ ମନୋନୀତ ହୋଇଛନ୍ତି । ଜିଲ୍ଲାର ବିଭିନ୍ନ ବ୍ଲକର ବିଦ୍ୟାଳୟକୁ ଆସିଥିବା ୧୪ ଓ ୧୭ ବର୍ଷ ବାଳକ ଓ ବାଳିକା, କନିଷ୍ଠ ଓ ବରିଷ୍ଠ ବିଭାଗକୁ ନେଇ ଅନୁଗୋଳ ଉଣ୍ଡୋଷ୍ଟାଡ଼ିୟମ ଠାରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଓଏଭି ତାଳଚେର କନିଷ୍ଠ ବିଭାଗ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଏମଡ଼ି ଫାରାହନ ବ୍ୟାଡ଼ମିଂଟନ ଓ ବିଧିପ୍ରଜ୍ଞା ପୃଷ୍ଟି ଚେସ୍‌ରେ ଚମ୍ପିଆନ ହୋଇ ରାଜ୍ୟସ୍ତରକୁ ମୋନନୀତ ହୋଇଛନ୍ତି । ବିଦ୍ୟାଳୟ ଦଶମଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ମହାନ୍ତି ବିଜ୍ଞାନ ସେମିନାରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଛାତ୍ରଛାତ୍ରୀଙ୍କ ଏହି ସଫଳତାର ପଛରେ ବିଦ୍ୟାଳୟର ଅଧ୍ୟକ୍ଷ, ଖେଳ ଶିକ୍ଷକ ଓ ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଅବଦାନ ରହିଛି ।

ସୂଚନା
ସମୟ BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି